ମେ - ୨୦୨୦

# ଶିକ୍ଷା ସୃଜନୀ



ବିଦ୍ୟା ଭାରତୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା



ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୯ମ ଓ ୧୦ମ
ଶ୍ରେଣୀର ଛାତ୍ରଛାତ୍ରୀମାନେ ଘରେ ରହି ଅନଲାଇନ୍‌ରେ ଟେଷ୍ଟ ଦେଉଛନ୍ତି ।

# ଶିକ୍ଷା ସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର**

**ଚୈତ୍ର - ବୈଶାଖ**

**ସଂରକ୍ଷକ:**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. ବିନାୟକ ଦାଶ**
  ସଭାପତି, ଶି.ବି.ସ., ଓଡ଼ିଶା
- **ଡା. ଲକ୍ଷ୍ମୀକାନ୍ତ ମହାରଣା**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା

**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା

- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର

**ପ୍ରଚ୍ଛଦ ପ୍ରସଙ୍ଗ**

ତପତ ଧରଣୀ ଆଜି ଗଛପତ୍ର ଝାଡ଼ି
ଥୁଣ୍ଟା ହୋଇ ଠିଆ ହୁଏ ଧରି ଆଶାବାଡ଼ି
ଚଉଁରା ଉପରେ ଜଳ ବସନ୍ତରା ଘଡ଼ି
ଜୀଇଁବାର ଆଶା ଦିଏ ବୁନ୍ଦା ବୁନ୍ଦା ପଡ଼ି
ତହିଁରେ ସେ ଖୁସି
ସୁଜଳା ସୁଫଳା ହେବ ପ୍ରତିଶ୍ରୁତି
ଦିଏ ହସି ହସି ॥

**ପରିଚାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ମୁଖ୍ୟ ସଂପାଦକ : ଡଃ ଶ୍ୟାମସୁନ୍ଦର ମିଶ୍ର**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଧରଣୀଧର ଦାସ, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ଧନଞ୍ଜୟ ପଣ୍ଡା, ବିଷମକଟକ, ରାୟଗଡ଼ା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ ସୁନୀଲକୁମାର ଗୌଡ଼, ଗଜପତିନଗର
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଢ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**

**ଯୋଗାଯୋଗ ଠିକଣା :**

ଶିକ୍ଷା ସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**
ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦
ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com

ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୂଚୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ଶିକ୍ଷା ଓ ସର୍ବାଙ୍ଗୀଣ ବିକାଶ ୦୫
- ଖିଆଲି ରାଜାଙ୍କ କ୍ଷୀର ସାଗର ୦୭
- ମୋ ନାତି ଭାରି ବୁଦ୍ଧିଆ ୦୯
- ବ୍ୟକ୍ତିତ୍ୱ ବିକାଶରେ ପରିବେଷ୍ଟନୀର ପ୍ରଭାବ ୧୧
- ଶିଶୁର ସର୍ବାଙ୍ଗୀଣ ଉନ୍ନତିରେ ବିଦ୍ୟା ଭାରତୀର... ୧୪
- ଶ୍ୱେତକେତୁ ୧୭
- ମୃଣ୍ମୟୀ ଜାଗ ଚିନ୍ମୟୀ ହୋଇ ୧୮


## କବିତା ପସରା


- ❖ ଦେଖାଇବା ପରାକାଷ୍ଠା ୧୯
- ❖ ଆମେ ଶିଶୁ ୧୯
- ❖ କଟକ ପ୍ରଭାସ ୨୦
- ❖ ଧରାକୁ ସୁନ୍ଦର ଗଢ଼ଟି ୨୦
- ❖ ଖରାଦିନ ଏବେ ଆସିଲା ୨୧
- ❖ ଜଳ ହିଁ ଜୀବନ ୨୧
- ❖ ବିଶ୍ୱ ମହାମାରୀ ସାଜି ୨୨
- ❖ ଆମ ଓଡ଼ିଶା ପ୍ରଦେଶ ୨୨
- ❖ ଆଉ ଗରମ ହେଉନି ସହି ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ଚନ୍ଦନ ଯାତ୍ରା ୨୬
- ଅନ୍ନଚିନ୍ତା ଚମତ୍କାର ୨୭
- ତପସ୍ୱୀ ହନୁମାନ ୨୮
- ଏକାତ୍ମ ଭାରତ ୨୯
- ସୁପର ଫୁଡ଼ 'ସ୍ପିରୁଲିନା' ୩୧
- ବର୍ଗ ୩୩
- ସନ୍ଧିବାତ ୩୫
- ସଂସ୍କୃତମ୍ ୩୭
- ଅନୁଲୋମ-ବିଲୋମ ୩୮
- ଆମ ପ୍ରଶ୍ନ ତୁମ ଉତ୍ତର ୩୯
- ସମ୍ବାଦ ଚୁମ୍ବକେ ଚୁମ୍ବକେ ୪୦


## ଅଖଣ୍ଡ ଭାରତ ଜନନୀ ଆମର ଗୋଟିଏ

*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

ଚଇତାଳି ବାଆ ଚହଟାଇ ଦିଏ
ତପତ ଧରଣୀ ଶିଖରେ ।
ଉତ୍କଳ ଦିବସ ଶ୍ରୀରାମ ନବମୀ
ହିଙ୍ଗୁଳା ଯାତକୁ ଦେଖରେ ।।
ମହା ବିଷୁବରେ ଘରେ ଘରେ ପଣା
ମହାବୀର ଜନ୍ମ ଦିବସ ।
ଶ୍ରୀମଧୁସୂଦନ ଚାପ ଖେଳିବାକୁ
ଅକ୍ଷୟ ତୃତୀୟା ପ୍ରବେଶ ।।
ମଧୁ ବାରିଷ୍ଟର ମନେ ପଡ଼ିଯାଏ
କଳା ଘୋଡ଼ା ଚଢ଼ା କଥାକୁ ।
ସପନକୁ ପୂରା କରିବା ଲକ୍ଷ୍ୟରେ
ଶ୍ରମେ ଯୋଡ଼ିଦେଇ ମଥାକୁ ।।
ଚନ୍ଦନ ପୂର୍ଣ୍ଣିମା ବୁଦ୍ଧ ଜୟନ୍ତୀରେ
ନେଇଥାଉ ଆମେ ଶପଥ ।
ସାବିତ୍ରୀ ପରିକା ପରାଣ ଉତ୍ସର୍ଗୀ
କରମେ ନ ହେଉ ବିପଥ ।।
ପିତାମାତା ସେବି ଦିଅଁ ଦରଶନ
ଗୁରୁ ପଦେ ଲୟ ରଖିକି
ସୁକର୍ମେ ସୁଯଶ ସୁକୀର୍ତ୍ତି ଗଢ଼ିବା
ଚଳିବା ସୁପଥ ଦେଖିକି ।।

*ସମ୍ପାଦକ*

### ରୋକ୍‌ଠୋକ୍

ଝାଞ୍ଜି ଖରା ନେଇ ଅଂଶୁଘାତ ଆସେ
ଓହଳ ବିକଳ ପରାଣ
ଶୀତତାପ ଘର ଥଣ୍ଡା ଜଳ ପାଖେ
ଆମେ ପଶିଥାଉ ଶରଣ
ଜଳଛତ୍ର କେନ୍ଦ୍ର ଖୋଲିକି
ନିଜ ଜୀବନକୁ ଅମୂଲ୍ୟ ମଣିଲୁ
ପଶୁପକ୍ଷୀ କଥା ଭୁଲିକି ।।



ଏହା ନ ଶୁଝି ଧର୍ମ ଛାଡ଼ି । ମଲେ ନରକେ ଥାନ୍ତି ପଡ଼ି ।।

ସମ୍ପାଦକୀୟ

# ସ୍ୱଚ୍ଛତାର ଆହ୍ୱାନ



ସାମାଜିକ ସମରସତା ପାଇଁ ଏକ ଆହ୍ୱାନ ରୂପରେ ସ୍ୱଚ୍ଛତା ଆମ ସମ୍ମୁଖରେ ଆଜି ଠିଆ ହୋଇଛି । କଳା, ସାହିତ୍ୟ, ଶିକ୍ଷା, ସଂସ୍କୃତି, ଦର୍ଶନ ଓ ରାଜନୀତି ଭଳି ବିଭବଗୁଡ଼ିକୁ ବୈଚାରିକ ସ୍ୱଚ୍ଛତା ମାଧ୍ୟମରେ ପରିପୁଷ୍ଟ କରୁଥିବା ଚିନ୍ତା ଓ ଚେତନା ତ ଆମ ପୁଞ୍ଜି । ସେହି ପୁଞ୍ଜିରେ ଯେଉଁମାନେ ଧନୀ ଇତିହାସ ସେହିମାନଙ୍କୁ ସର୍ବଦା ମନେ ରଖିବ ।

ମଣିଷ ପ୍ରବୃତ୍ତିର ପରିବର୍ତ୍ତନ ସ୍ୱରୂପ ନିର୍ଗୁଣ ଉପରେ ସଗୁଣ, ସୀମିତ ଉପରେ ଅସୀମିତ, ସଂସ୍କୃତି ଉପରେ ପ୍ରକୃତି, ଯାନ୍ତ୍ରିକ ଉପରେ ଆଙ୍ଗିକ, ଭୌତିକ ଉପରେ ଆଧ୍ୟାତ୍ମିକ, ବସ୍ତୁନିଷ୍ଠ ଉପରେ ଆତ୍ମନିଷ୍ଠ, ପରାଧୀନ ଉପରେ ସ୍ୱାଧୀନ ହେବାର ସୃଜନଶୀଳତା ହିଁ ସ୍ୱଚ୍ଛତା । ସାମନ୍ତବାଦୀ ଚିନ୍ତାଧାରାକୁ ସାମାଜିକ ବିପ୍ଳବରେ ପରିଣତ କରିଥିବା ଏହି ସ୍ୱଚ୍ଛତା ପ୍ରେରଣାଦାୟୀ ମାର୍ଗଦର୍ଶିକା ଆଜି ସାଜିଛି ।

ବ୍ୟକ୍ତି ସ୍ୱଚ୍ଛତା ବଳିଷ୍ଠ ବ୍ୟକ୍ତିତ୍ୱର ପରିପ୍ରକାଶ । ଆଦର୍ଶ ତଥା ନିର୍ମଳ ଚରିତ୍ରର ସାଂକେତିକ ରୂପ । ଦର୍ପଣ ଆଗରେ ଅସଲ ଚେହେରା ପ୍ରତିଫଳିତ ହେଲାଭଳି ସ୍ୱଚ୍ଛତା ମଣିଷର ମାନଦଣ୍ଡ ପାଲଟିଯାଏ ।

ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ଦେଶପ୍ରେମୀ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ପକ୍ଷପାତିତା ଓ ଆଳସ୍ୟ ଭଳି ସାମାଜିକ ବ୍ୟାଧି ପାଖରୁ ଦୂରରେ ରହି ସ୍ୱଚ୍ଛ ନିର୍ମଳ ଓ କଳଙ୍କମୁକ୍ତ, ନୀତିନିଷ୍ଠ ଆଦର୍ଶ କାର୍ଯ୍ୟଧାରା ପାଇଁ ଆମ ସମସ୍ତଙ୍କ ହୃଦ-କନ୍ଦରରେ ଆଜି ବିରାଜମାନ କରିଛନ୍ତି । ସେହି ଦେବଦୁର୍ଲ୍ଲଭ ବ୍ୟକ୍ତିତ୍ୱଙ୍କ ପାଖରେ ଆପଣାଛାଏଁ ମୁଣ୍ଡ ନଇଁଯାଏ ।

ନିଜର ବେଶ ପୋଷାକ ଓ ପରିପାଟୀ, ଆଚାର ବିଚାର, କଥାବାର୍ତ୍ତା, କାର୍ଯ୍ୟଶୈଳୀର ସ୍ୱଚ୍ଛତା ତ ଆମ ପ୍ରଗତିର ପରିମାପକ । 'କହି ଦେଉଥାଇ ପରକୁ, ବୁଦ୍ଧି ନ ଦିଶଇ ଘରକୁ' ଭଳି ଆମ କଥା ଓ କାମରେ ପରିଲକ୍ଷିତ ହେବା ଉଚିତ ନୁହେଁ ।

ଘର, ଅଗଣା, ଦାଣ୍ଡ, ବାଡ଼ି, ବଗିଚା, ତୋଟା, ମନ୍ଦିର, ବିଦ୍ୟାଳୟ, କୋଠଘର, କୂଅ, ପୁଷ୍କରିଣୀ ଭଳି 'ପରୋପକାରାୟ ପୂଣ୍ୟାୟ, ପାପାୟ ପରପୀଡନାୟ' ବ୍ରତରେ ବ୍ରତୀ ହେବା ଏହି ମୌଳିକ ଆବଶ୍ୟକତାର ସ୍ୱଚ୍ଛତା ଉପରେ ଆମେ କେତେ ସଚେତନ ? ନେଡ଼ିଗୁଡ଼ କହୁଣୀକୁ ବୋହିଗଲେ ବାକ୍‌ଶୂନ୍ୟ ହୋଇ କେବଳ ମଥାରେ ହାତ ଦେଇ ବସିବା ସାର ହେବ । ଆତ୍ମକୈନ୍ଦ୍ରିକ ହୋଇ ପଡ଼ୁଥିବା ବ୍ୟକ୍ତି ବିଚାରଶୂନ୍ୟ ହୋଇ ଆତ୍ମଶୁଦ୍ଧତା ଉପରେ ଗୁରୁତ୍ୱ ନ ଦେଇ କରୁଥିବା କାର୍ଯ୍ୟ ଆମ ପାଇଁ ସଙ୍କଟ ସୃଷ୍ଟି କରୁନାହିଁ କି ?

ତ୍ୟାଗ-ତିତିକ୍ଷା, ସେବା ସମର୍ପଣକୁ ଶୃଙ୍ଖଳିତ ଓ ସ୍ୱଚ୍ଛତାରେ ଯେଉଁମାନେ ଶାରୀରିକ, ମାନସିକ, ଅଧ୍ୟାତ୍ମିକ, ଧାର୍ମିକ, ସାମାଜିକ ଓ ରାଜନୀତିକ ପଶାପାଲିର ଊର୍ଦ୍ଧ୍ୱରେ ସେହିମାନେ ସର୍ବଦା ବନ୍ଦ୍ୟ ଓ ନମସ୍ୟ ।

ସ୍ୱଚ୍ଛତା ମଣିଷକୁ ମହାମାନବ ଆସନରେ ଆସୀନ କରାଏ, ମର୍ଯ୍ୟାଦାବନ୍ତ କରି ପୂଜା କରେ । ସମାନ ଦଶାରେ ଟିକିଏ କଳଙ୍କ ଯୁଗ ଯୁଗର ସୁନାମକୁ ମାଟିରେ ମିଶାଇ ଦିଏ । ଅପଯଶ ଓ ଅପନିନ୍ଦା ମରଣ ସହ ସମାନ କରିଦିଏ । ସ୍ୱଚ୍ଛ ଓ ନିର୍ମଳ ଏବଂ ପଙ୍କିଳ ଓ କଳୁଷିତ ରାସ୍ତା ମଧ୍ୟରୁ କେଉଁଟି ଲୋଡ଼ା ? ବୁଦ୍ଧି, ବିବେକ ଓ

ନିର୍ମଳ ଧନେ ଯଜ୍ଞ କଲେ । ଦେବତା ଋଣ ଶୁଝେ ଭଲେ ।।

ବିଚାରର ଥରେ ଦ୍ୱାରସ୍ଥ ହେଲେ ଏହାର ପାର୍ଥକ୍ୟ ବୁଝିବା ପାଇଁ ବେଶି ଡେରି ହେବ ନାହିଁ ।

ଏ ସଂସାର ଅଟେ ମହାଶିକ୍ଷାଭୂମି
ତ୍ୟାଗ ମହାନ ସାଧନ
ଇତର ପରାଣୀ ସମ ନର ହେଲେ
ଜନମ ତା' ଅକାରଣ ।

- ନନ୍ଦ କିଶୋର ବଳ

ସ୍ୱର୍ଗ ଓ ନରକ ଧାରଣା ସତର୍କ, ସଂଯମୀ ଓ ସକାରାତ୍ମକ କାର୍ଯ୍ୟରେ ମଣିଷକୁ ବାଟ କଢ଼ାଇ ନିଏ । ଭାଗ୍ୟ କି ଅଲୌକିକତା ବଳରେ କର୍ମଫଳ ବଦଳି ନ ଥାଏ । ଇହକାଳ ଓ ପରକାଳ ପର୍ଯ୍ୟନ୍ତ ଏଇ କର୍ମଫଳ ନିଜ ସହିତ ଯୋଡ଼ି ହୋଇ ରହିଥାଏ ।

ବତୀଘର ଯେମିତି ନାବିକକୁ କୂଳରେ ପହଞ୍ଚାଏ ସତ୍‌କର୍ମ ସେମିତି ମଣିଷକୁ ମୁକ୍ତି ଦିଏ । ତାହା ଦିଗବାରେଣୀ ପରି ଜୀବନର ମୋଡ଼ ବଦଳାଇ ମାନବକୁ ମହାମାନବ ଆସନରେ ଆସୀନ କରେ, ଦେବତ୍ୱ ପ୍ରାପ୍ତିରେ ସହାୟ ହୁଏ । ସେଥିପାଇଁ ରହିମ କହିଛନ୍ତି -

ଯେ ରହିମ ଉତ୍ତମ ପ୍ରକୃତି,
କାକରି ସକତ କୁସଙ୍ଗ
ଚନ୍ଦନ ବିଷ ବ୍ୟାପତ ନହିଁ
ଲପଟ ରହତ ଭୁଜଙ୍ଗ ।

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଏପ୍ରିଲ - ମେ ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ହ୍ୱାଟସ୍‌ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

**ଶିକ୍ଷାସୃଜନୀ**
**ଶିକ୍ଷା ବିକାଶ ସମିତି, ଓଡ଼ିଶା**
**ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦**
**Whatsapp No. :- 8895461378, 9437740566**
**E-Mail :- shikshasrujanee@gmail.com**

ବିଦ୍ୟା ପଠନ କଲେ ଜାଣ । ନିଷ୍ଠେ ଶୁଝନ୍ତି ଋଷିରଣ ।।

ଚିନ୍ତା ଚେତନା

# ଶିକ୍ଷା ଓ ସର୍ବାଙ୍ଗୀଣ ବିକାଶ

* ଡଃ. ରାଜେନ୍ଦ୍ର ପ୍ରସାଦ ପ୍ରଧାନ

ଜ୍ଞାନ ଆହରଣ ତଥା ଜ୍ଞାନ ବିତରଣ ପଦ୍ଧତିକୁ ଶିକ୍ଷା କୁହାଯାଏ । ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟର ମନୁଷ୍ୟତ୍ୱ ଅନ୍ତର୍ନିହିତ ଶକ୍ତିକୁ ପରିପ୍ରକାଶ କରିବା ପାଇଁ ଶିକ୍ଷାର ଆବଶ୍ୟକତା ଜରୁରୀ । ଚରିତ୍ର ମନୁଷ୍ୟର ଜନ୍ମଜାତ ଗୁଣ ନୁହେଁ । ଏହାକୁ ଗଠନ କରାଯାଏ । ସୁତରାଂ ଭ୍ରୁଣ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୀର୍ଘ ସମୟକୁ ଚାରି ଆଶ୍ରମ ଭାଗରେ ବିଭକ୍ତ କରାଯାଇଛି । ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସ । ମାତ୍ର ଏ ସମସ୍ତ ଆଶ୍ରମର କାର୍ଯ୍ୟଭୂମି କେବଳ ଗୃହସ୍ଥାଶ୍ରମ । ତେଣୁ ଗୃହସ୍ଥାଶ୍ରମକୁ ଶ୍ରେଷ୍ଠ ଆଶ୍ରମ କୁହାଯାଏ । ଏହାକୁ ପ୍ରାଧାନ୍ୟ ଦେଲେ ବିକାଶରଧାରା ସର୍ବାଙ୍ଗୀଣ ହୋଇପାରିବ । ବ୍ରହ୍ମଚର୍ଯ୍ୟ ମାନେ ବ୍ରହ୍ମଚାରୀ-ମାନେ ଛାତ୍ର ଅବସ୍ଥା । ଶୈଶବ - ୦ ରୁ ୫ ବର୍ଷ ବୟସ, ବାଲ୍ୟ ୬ ରୁ ୧୨ ବର୍ଷ, କିଶୋର ୧୩ ରୁ ୧୯ ବର୍ଷ, ଯୁବାବସ୍ଥା ୨୦ ରୁ ୨୫ ବର୍ଷ ବୟସ ନିଆଯାଇପାରେ । ପୋଷଣ ସଂସ୍କାର ଗର୍ଭାବସ୍ଥାରେ ଜନନୀର ଚିନ୍ତନ ବିଚାର ସାତ୍ତ୍ୱିକ ପରିଷ୍କୃତ ହେବା ଆବଶ୍ୟକ । ଉପଯୁକ୍ତ ପୋଷଣ ସହ ଶୁଦ୍ଧ ବିଚାର ତଥା ସତକର୍ମ, ଜପ, ଧ୍ୟାନ, ଧର୍ମଗ୍ରନ୍ଥ ଅଧ୍ୟୟନ ପ୍ରଭୃତିରେ ମାତା ମନ ନିୟୋଗ କରିବା ଦରକାର । ବିକଳାଙ୍ଗ ଶିଶୁ ସମାଜର ଅଭିଶପ୍ତ ଅଙ୍ଗ । ତେଣୁ ସୁସ୍ଥ ଶରୀର, ମାନସିକ ଶୁଦ୍ଧ ବିଚାରବନ୍ତ ମାତା ହିଁ କେବଳ ସ୍ୱାସ୍ଥ୍ୟବାନ ଶିଶୁ ପ୍ରସବ କରିପାରିବ । ସୁତରାଂ ଭ୍ରୁଣଠାରୁ ଭୂମିଷ୍ଠ ପର୍ଯ୍ୟନ୍ତ ମାତାମାନଙ୍କୁ ମାତୃଶିକ୍ଷା ମାଧ୍ୟମରେ ସଚେତନ କରିବାକୁ ପଡ଼ିବ । ସୁସନ୍ତାନ ଗଠନ କରିବାର ମୁଖ୍ୟ ଭୂମିକା ଜନ୍ମଦାତ୍ରୀ ମାତା ଉପରେ ନିର୍ଭର କରେ । ମାତାପିତାଙ୍କ ସ୍ୱାସ୍ଥ୍ୟ ମାନସିକ ବିକାଶ ତଥା ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଆବଶ୍ୟକ । ଏମାନଙ୍କର ଗୁଣ, ସ୍ୱଭାବ, ଚରିତ୍ର, କର୍ମ, ସଂସ୍କାର ପ୍ରଭୃତି ଶିଶୁ ଉପରେ ପ୍ରଭାବ ପଡ଼ିବ । ତେଣୁ ପରିବାର ସଦସ୍ୟମାନଙ୍କର ଶିକ୍ଷା ଓ ସଂସ୍କାର ଶୈଶବ ଶିକ୍ଷାକୁ ଜାଗ୍ରତ କରେ ।

ବ୍ୟକ୍ତିତ୍ୱ ନିର୍ମଳ କରିବାର ଉପଯୁକ୍ତ ଅବଧି ହେଉଛି ଜୀବନର ପ୍ରାରମ୍ଭିକ ସମୟ ୧୦-୧୨ ବର୍ଷ । ଶିଶୁ ଅନୁକରଣ ପ୍ରିୟ । ସଙ୍ଗୀତ ନାଚ ପ୍ରତି ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥାଏ । ରଙ୍ଗମଞ୍ଚ, ଅଭିନୟ, ସଂଗ୍ରହ, ରଙ୍ଗ, ଛବି ପ୍ରଭୃତି ପ୍ରତି ଆକୃଷ୍ଟ ରହେ । ସବୁ ସମୟରେ ନୂଆ ନୂଆ ଚାହେଁ । ସାଙ୍ଗସାଥି ଦ୍ୱାରା ଭାଷାର ବିକାଶ ହୁଏ । ଶିଶୁର ଶାରୀରିକ, ମାନସିକ, ଭାବାତ୍ମକ ବିକାଶ ଆବଶ୍ୟକ । ଆଦର ସହ ଅନୁଶାସନ, ଗପ, ଉଦାହରଣ, ସହପାଠୀମାନଙ୍କର ଗୁଣ, କର୍ମ, ସ୍ୱଭାବ ସହ ବ୍ୟାବହାରିକ ଜୀବନ ଉପରେ ଗୁରୁତ୍ୱ ଦେବାକୁ ହୁଏ । ପାଠ୍ୟକ୍ରମ ସହ ଆତ୍ମରକ୍ଷା, ସାହସୀ, ସ୍ୱାବଲମ୍ବୀ, ନୈତିକ ଗୁଣ, ଶିଷ୍ଟାଚାର, ସାଧାରଣଜ୍ଞାନ ଆବଶ୍ୟକ । ପିଲାଙ୍କର ଚିନ୍ତନ, ଚରିତ୍ର ଓ ବ୍ୟବହାର ଶାଳୀନତା ଦରକାର ।

ଜୀବନର ଶ୍ରେଷ୍ଠପ୍ରାପ୍ତି ଆତ୍ମାନୁସନ୍ଧାନ ଭାଗବତ ପ୍ରାପ୍ତି, ଗୁରୁ ଆଶ୍ରିତ ହୋଇ ଜୀବନ ବିତାଇବାର ପ୍ରକୃଷ୍ଟ ସମୟ ହେଲା ଯୌବନ । କାରଣ ଏ ସମୟରେ ସାମର୍ଥ୍ୟ ଥାଏ । ଅଫୁରନ୍ତ କର୍ମଶକ୍ତି ଓ କାର୍ଯ୍ୟଦକ୍ଷତା ନେଇ ଆଧ୍ୟାତ୍ମିକ ପଥରେ ଗତି କରିବାର ଅଭ୍ୟାସ ଯୌବନ କିମ୍ବା ବାଲ୍ୟକାଳରୁ ଆହରଣ କରିବା ଆବଶ୍ୟକ । ଧନ ଉପାର୍ଜନ, ସ୍ୱାବଲମ୍ବନ, ଆତ୍ମସଂଯମ, ପରିବାରର ଦାୟିତ୍ୱ, ନିଜର କର୍ତ୍ତବ୍ୟ, ଆଦର୍ଶ ଜୀବନ, ଅନ୍ଧବିଶ୍ୱାସ ଓ ପରମ୍ପରାରୁ ଦୂରରେ ରହି ସମସ୍ତଙ୍କ ବିକାଶ ପ୍ରତି ଧ୍ୟାନ ଦେବା ଗୃହସ୍ଥମାନଙ୍କ ଧର୍ମ ହେବା ଉଚିତ । ସାଧନା, ସ୍ୱାଧ୍ୟାୟ, ସତସଙ୍ଗ ଓ ସେବା ତଥା ଆତ୍ମଚିନ୍ତନରେ ସମୟ କଟାଇ ଆବଶ୍ୟକ ମାର୍ଗଦର୍ଶନ ପରିବାରକୁ ତଥା ସମାଜକୁ ଦେବା ବାନପ୍ରସ୍ଥ ତଥା ସନ୍ନ୍ୟାସୀମାନଙ୍କ କର୍ତ୍ତବ୍ୟ । ଧନର ଅପହରଣ ତଥା ମୃତ୍ୟୁଭୟ ଏ ସମୟରେ ଆସେ । ଷଡ଼ରିପୁକୁ ପରିତ୍ୟାଗ କରି ସମାଜ ସେବାରେ ବ୍ରତୀ ହୋଇ ମନ ତଥା ଶରୀରକୁ ସମର୍ପଣ କରି ଆଧ୍ୟାତ୍ମିକ ସମ୍ପଦ ସଞ୍ଚୟ କର ।

ପୁତ୍ର ପଉତ୍ର ଜାତ ହେଲେ । ପିତୃଙ୍କ ଋଣ ଶୁଝେ ଭଲେ ।।

ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା କାର୍ଯ୍ୟ ପାଇଁ ଗୁରୁଜୀ ଗୁରୁମାମାନଙ୍କର ସର୍ଜନାତ୍ମକ ଜ୍ଞାନ ଦରକାର । ସୁସଂସ୍କୃତିସମ୍ପନ୍ନ, ଶ୍ରଦ୍ଧା ଓ ଆତ୍ମୀୟତା ଭରା ବାତ୍ସଲ୍ୟପ୍ରେମ ପ୍ରତ୍ୟେକ ଶିଶୁର ଅନ୍ତରରେ ପ୍ରବାହିତ ହୁଏ । ଯେତେବେଳେ ଗୁରୁଜୀ ଗୁରୁମାମାନଙ୍କର ଦୈନନ୍ଦିନ କାର୍ଯ୍ୟଶୈଳୀ ସମ୍ମାନପୂର୍ଣ୍ଣ ପଦମର୍ଯ୍ୟାଦା ସହ ଧୀସମ୍ପନ୍ନ ବ୍ୟକ୍ତିତ୍ୱ ପ୍ରକାଶିତ ହୁଏ । କଠିନ ପରିଶ୍ରମ, ସ୍ୱାଧ୍ୟାୟ, ଶ୍ରଦ୍ଧା, ନିଃସ୍ୱାର୍ଥ ସେବା, ଜ୍ଞାନ, ଯୋଜନାବଦ୍ଧ କାର୍ଯ୍ୟକୁ ନିର୍ବାହ କରିବା ପାଇଁ ଗୁରୁଜୀଗୁରୁମା ମାନଙ୍କର ଇଚ୍ଛା ଶକ୍ତି,. ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ହୃଦୟସ୍ପର୍ଶୀ ହେବା ଆବଶ୍ୟକ । ପ୍ରଧାନାଚାର୍ଯ୍ୟଙ୍କ କଠୋର ଅନୁଶାସନ ସହ ପ୍ରେମଭରା ସୌହାର୍ଦ୍ଦ୍ୟପୂର୍ଣ୍ଣ କାର୍ଯ୍ୟଦକ୍ଷତା, ନିଃସ୍ୱାର୍ଥ ସେବା, ବଳିଷ୍ଠ ନେତୃତ୍ୱ ବିନା ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ସମ୍ଭବ ନୁହେଁ । ଶୃଙ୍ଖଳା, ସ୍ୱଚ୍ଛତା ତଥା ସମୟାନୁବର୍ତ୍ତିତା ଉପରେ ଆଚାର୍ଯ୍ୟ ତଥା ଶିଶୁମାନେ ଧ୍ୟାନ ଦେବେ । ଯେଉଁ ଶିକ୍ଷା ପଦ୍ଧତି ଦ୍ୱାରା ସମାଜରେ ବିଶୃଙ୍ଖଳା, ଅଧଃପତନ, ପରିବାର ବିହୀନ ସ୍ୱାର୍ଥକେନ୍ଦ୍ରିତ ପୋଷଣ, ନାରୀ ନିର୍ଯାତନା, ଭ୍ରଷ୍ଟାଚାର, ଅସତ୍ୟ, ଅନୀତି, ଅତ୍ୟାଚାର, ଅପକର୍ମ, ଅବିଦ୍ୟା, ଅସୁରକ୍ଷିତ, ଅସଭ୍ୟତା, ଅବିଚାର, ଅପସଂସ୍କୃତିର ବିଲୋପ ଘଟିବ । ଶିଶୁ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବୀ ଶିକ୍ଷା ପାଇପାରିବ ଗୁଣାତ୍ମକ, ନୈତିକ, ଆଧାତ୍ମିକ ତଥା ଦେଶାତ୍ମବୋଧ ଶିକ୍ଷାର ବ୍ୟାବହାରିକ ଜ୍ଞାନ ପାଇପାରିବ । ଶିକ୍ଷାୟତନରେ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ପାଠ୍ୟ ଯୋଜନା ଅନୁଯାୟୀ କାଳାଂଶ ପରେ ଅପରାହ୍ନରେ ଶିଶୁର ପ୍ରତିଭା ବିକଶିତ କରିବା ପାଇଁ ଜ୍ଞାନ ପ୍ରୟୋଗ, ଅଭ୍ୟାସ କରିବାକୁ ହେବ । ଉକ୍ତ କାଳାଂଶରେ ୧) ସ୍ୱାସ୍ଥ୍ୟ, ଖାଦ୍ୟ, ପରିମଳ, ସ୍ୱଚ୍ଛତା, ଦିନଚର୍ଯ୍ୟା, ପାନୀୟ ଇତ୍ୟାଦି । ୨) ପ୍ରାର୍ଥନା, ଆଧାତ୍ମିକତା, ନୈତିକତା, ସେବା, ସମର୍ପଣ, ଶୃଙ୍ଖଳା ବକ୍ତୃତା, ମହାପୁରୁଷ ବାଣୀ, ରଚନା, ପରିବାର, ପୁରାଣ ଶାସ୍ତ୍ର ପ୍ରଭୃତି ।୩) ବ୍ୟାୟାମ, ଖେଳକୁଦ, ଯୋଗ, ପ୍ରାଣାୟାମ ଇତ୍ୟାଦି । ୪) ସଙ୍ଗୀତ, ନାଚ, ବାଦ୍ୟ ଅଭ୍ୟାସ । ୫) ଚାରାରୋପଣ, ଉଦ୍ୟାନ, କୃଷି, ଜଳସେଚନ । ୬) ରୋଷେଇ, ସିଲାଇ, ହସ୍ତଶିଳ୍ପ, କମ୍ପ୍ୟୁଟର, ମୋବାଇଲ ଇତ୍ୟାଦି । ୭) ସୁରକ୍ଷା ନିଜର ପରିବାର ସମାଜ ତଥା ଦେଶର ସୁରକ୍ଷା ।

ଏ ସମସ୍ତ ବିଷୟର ଜ୍ଞାନ ଓ କୌଶଳ ତଥା ବ୍ୟାବହାରିକ ଜ୍ଞାନ ପ୍ରୟୋଗ, କର୍ମଶାଳା ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷାଦାନ କରିବା ବାଞ୍ଛନୀୟ । ଚତୁର୍ଭାଷା ସୂତ୍ର - ମୂଳ ଭାଷା ସଂସ୍କୃତ, ମାତୃଭାଷା - ଓଡ଼ିଆ, ଅଧିକାଂଶ ରାଜ୍ୟର ଭାଷା ହିନ୍ଦୀ ସହ ବିଦେଶୀ ଭାଷା ଇଂରାଜୀ ଉପରେ ଧ୍ୟାନ ଦିଆଯାଇ ମହାତ୍ମାଗାନ୍ଧୀଙ୍କ ସାତଗୋଟି ସାମାଜିକ ପାପ ବିଷୟରେ ଆଲୋଚନା ଏବଂ ନିରାକରଣ ଯଥା ନୀତିବିହୀନ ରାଜନୀତି, ଚରିତ୍ରବିହୀନ ଶିକ୍ଷା, ପରିଶ୍ରମବିହୀନ ଧନ ଉପାର୍ଜନ, ନୈତିକତାବିହୀନ ବିଜ୍ଞାନ, ତ୍ୟାଗବିହୀନ ଉପାସନା । ଉପର୍ଯ୍ୟୁକ୍ତ ବିଷୟକୁ ଧ୍ୟାନ ଦେଇ ସମାଜର ବୁଦ୍ଧିଜୀବୀମାନଙ୍କୁ ସଂଗଠିତ କରି ମଧ୍ୟବିତ୍ତ, ଜ୍ଞାନୀଗୁଣୀମାନଙ୍କୁ ସଚେତନ କରିବା ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ଆଲୋଚନା ପର୍ଯ୍ୟାଲୋଚନାକୁ ସୀମିତ ନ କରି ସମାଜରେ ଘଟୁଥିବା ବିଶୃଙ୍ଖଳାକୁ ଲୋକଲୋଚନକୁ ଆଣି ଜନ ଜାଗରଣ ସୃଷ୍ଟି କରିବା ଆବଶ୍ୟକ ।

ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଶତ ପ୍ରତିଶତ ଭୋଟ ଦେବା । ନିରପେକ୍ଷ ମତଦାନ, ଉପଯୁକ୍ତ ଦେଶସେବକଙ୍କୁ ଭୋଟ ଦେବା, ବ୍ୟକ୍ତିସ୍ୱାର୍ଥ ତ୍ୟାଗ, ସୁରକ୍ଷା, ଖାଦ୍ୟବସ୍ତ୍ରବାସଗୃହ, ଶିକ୍ଷା ସ୍ୱାସ୍ଥ୍ୟ ପ୍ରଭୃତି ମୌଳିକ ସମସ୍ୟାର ସମାଧାନ । ପାଶ୍ଚାତ୍ୟ ସଂସ୍କୃତିକୁ ଦୂରେଇ ସ୍ୱଦେଶୀ ହେବା । ମିତବ୍ୟୟିତା, ଇନ୍ଧନ, ଆଲୋକ, ଜଳର ଅପବ୍ୟୟକୁ ରୋକିବା, ବାୟୁକୁ ପ୍ରଦୂଷଣ ମୁକ୍ତ କରିବା, ମଦ ଓ ମାଦକ ଦ୍ରବ୍ୟରୁ ନିଜକୁ ବଞ୍ଚିତ କରିବା ପ୍ରଭୃତିକୁ ଆଖି ଆଗରେ ରଖି ସମାଜକୁ ପୁନଃ ଜାଗରଣର ଆଲୋଚନା ନିତାନ୍ତ ଆବଶ୍ୟକ ।

ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ, ମହର୍ଷି ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗ, ଦୟାନନ୍ଦ ସରସ୍ୱତୀଙ୍କ ସତ୍ୟାର୍ଥ ପ୍ରକାଶ, ଚାଣକ୍ୟଙ୍କ ନୀତି ଆଦର୍ଶ, ବିବେକାନନ୍ଦଙ୍କ ବସୁଧୈବ କୁଟୁମ୍ବକମ୍, ଡକ୍ଟରଜୀଙ୍କ ୧୯୨୫ର ସ୍ୱପ୍ନର ପୃଥିବୀ, ଶ୍ରୀଗୁରୁଜୀଙ୍କ ୧୯୫୨ରୁ ଭାରତ ଦର୍ଶନ, ଶିବାନନ୍ଦ, ଅରବିନ୍ଦ, ସନ୍ଥ ସାଧୁଙ୍କର ସ୍ୱପ୍ନର ଭାରତର ତାତ୍ପର୍ଯ୍ୟ ଶିକ୍ଷା ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ ହେବା ବିଧେୟ ।

*ଶାନ୍ତିପଡ଼ା, ବଲାଙ୍ଗୀର*

**ବିବେକ ଶାନ୍ତି କ୍ଷମା ଧୀର । ଏ ଚାରି ପୁରୁଷଙ୍କ ସାର ।।**

ଗପ ଗଜରା

# ଖିଆଲି ରାଜାଙ୍କ କ୍ଷୀର ସାଗର

*ଶ୍ରୀ ପର୍ଶୁରାମ ବେହେରା*

ଜଣେ ରାଜା ଥିଲେ ବଡ଼ ଶିବଭକ୍ତ । ଥରେ ତାଙ୍କୁ ଏକ ବଡ଼ ବିପଦ ପଡ଼ିଲା । ସେ ସମସ୍ତ ରାଜକାର୍ଯ୍ୟ ପରିତ୍ୟାଗ କରି ଶିବ ମନ୍ଦିରରେ ଗୁହାରିଆ ପଡ଼ିଲେ । ଦେବ ଦେବ ମହାଦେବଙ୍କୁ ବହୁତ କାକୁତି ମିନତି ହୋଇ ଡାକୁଥାନ୍ତି 'ହେ ଭୋଳାନାଥ ! ହେ କୈଳାସପତି ! ହେ ଲୋକନାଥ ! ମୋତେ ଏ ବିପଦରୁ ରକ୍ଷା କର । ମୁଁ ନିଶ୍ଚୟ ତୁମ ମନ୍ଦିର ଆଗରେ ଗୋଟିଏ ସାଗର ଖୋଳାଇ ଦେବି । ପ୍ରତି ସୋମବାର ଦିନ ସେ ସାଗର କ୍ଷୀରରେ ପୂର୍ଣ୍ଣ କରିଦେବି । ଏତେ କ୍ଷୀର ଯୋଗାଡ଼ କରି ଦେବି ଯେ ଗାଧୋଇ ଗାଧୋଇ ତୁମକୁ ସନ୍ନିପାତ ହୋଇଯିବ । ଏତେ କ୍ଷୀର ଦେବି ଯେ ତୁମ ପୁଅ ଲମ୍ବୋଦରଙ୍କ ପେଟରେ ଚେନାଏ ଯାଗା ଖାଲି ରହିବ ନାହିଁ । କାର୍ତ୍ତିକ ଓ ପାର୍ବତୀ ଏତେ ପରିମାଣରେ କ୍ଷୀର କେବେ ଦେଖି ନ ଥିବେ । ଏତେ କ୍ଷୀର ଭରି ଦେବି ଯେ ତୁମେ ସପ୍ତାହ ବ୍ୟାପୀ ଖର୍ଚ୍ଚ କଲେ ମଧ୍ୟ ଶେଷ ହେବ ନାହିଁ । ହେ କୈଳାସ ପତି ! ଏତେ କ୍ଷୀର ପାଇବ ତୁମ ସାପ ତାକୁ ପିଇ ପିଇ ଅଜଗର ଭଳି ଫୁଲି ମୋଟା ପାଲଟି ଯିବ ।'

ରାଜା ଏପରି ମହାଦେବଙ୍କୁ ବହୁତ ଲୋଭ ଦେଖାଇଲେ । ଦୈବଯୋଗରୁ ରାଜାଙ୍କର ସେ ବିପତ୍ତି ମେଣ୍ଟିଗଲା । ସଙ୍ଗେ ସଙ୍ଗେ ସେ ଶିବ ମନ୍ଦିର ସମ୍ମୁଖରେ ଖୁବ୍ ବିରାଟକାୟ ପୁଷ୍କରିଣୀ ଖୋଳାଇଲେ । ତା'ର ନାମକରଣ କଲେ କ୍ଷୀର ସାଗର । ରାଜାଙ୍କର ପାଞ୍ଚ ହଜାର ଗାଈ, ପଚିଶ ହଜାର ମଇଁଷିଙ୍କ କ୍ଷୀର ସବୁ ଅଣା ଯାଇ ସେହି କ୍ଷୀର ସାଗରରେ ଢଳା ହେଲା । କିନ୍ତୁ ଏ କ'ଣ ସେହି ସାଗର ପୂରିଲା ନାହିଁ । ଅଧ ଘଣ୍ଟା ମଧ୍ୟରେ ସେ କ୍ଷୀର ତକ ଶୁଖିଗଲା ।

ରାଜା ବଡ଼ ଚିନ୍ତାମଗ୍ନ ହେଲେ । ସେ ରାଜ୍ୟସାରା ଡେଙ୍ଗୁରା ଦେଇ ଘୋଷଣା କଲେ ଯାହାର ଯେତେ ଗାଈ ମଇଁଷି ଅଛନ୍ତି ସେ ସବୁ କ୍ଷୀର ଆଣି ସାଗରରେ ଢାଳ । ତହିଁ ପରଦିନ ସୋମବାରରେ ଲକ୍ଷ ଲକ୍ଷ ଲୋକ ଆସି କ୍ଷୀର ସାଗରରେ କ୍ଷୀର ଢାଳିଲେ କିନ୍ତୁ ସାଗର ପୂର୍ଣ୍ଣ ହେଲା ନାହିଁ । ଦେଖୁ ଦେଖୁ ଯେତେ କ୍ଷୀର ଢଳା ହୋଇଥିଲା ସବୁ କୁଆଡ଼େ ଶୁଖିଗଲା । ରାଜା ଆଉ କିଛି ଉପାୟ ନ ଦେଖି ପ୍ରଜାମାନଙ୍କୁ ଆଉ ଏକ ହୁକୁମ ଜାରିକଲେ ରାଜ୍ୟର କେହି ହେଲେ ଜଣେ ବୁନ୍ଦାଏ କ୍ଷୀର ନିଜ କାମରେ ଲଗାଇବେ ନାହିଁ । ପ୍ରତ୍ୟହ ସକାଳେ ସଞ୍ଜରେ ସବୁ କ୍ଷୀର ଆଣି ଏଇ କ୍ଷୀର ସାଗରରେ ଢାଳିବେ । କେହି କାଳେ ଏ ଆଇନ ଖିଲାପ କରିବେ ସେଥିଲାଗି ଚାରିଆଡ଼କୁ ରାଜ କର୍ମଚାରୀଗଣଙ୍କୁ ପଠାଗଲା । ସେମାନେ ଗରିବ ଲୋକମାନଙ୍କୁ ମାଡ଼ ଦେଇ ତାଙ୍କର ଗାଈ, ମଇଁଷି କ୍ଷୀର ଆଣି ଏହି କ୍ଷୀର ସାଗରରେ ଢାଳିଲେ । ରାଜା ଭାବୁଥାନ୍ତି ସମସ୍ତଙ୍କ ପୁଣ୍ୟର ଫଳ ସେ ଭୋଗ କରିବେ ।

ଯେତେ ଚେଷ୍ଟା କଲେ ମଧ୍ୟ କ୍ଷୀର ସାଗର ପୂରିଲା ନାହିଁ । କ୍ଷୀର ନ ମିଳିବାରୁ ରାଜ୍ୟରେ ଯେତେ ଦୁଧଖିଆ ପିଲା, ବୟସ୍କ, ବୁଢ଼ା, ରୋଗୀ ପ୍ରତ୍ୟହ ମରିବାକୁ ଲାଗିଲେ । ରାଜ୍ୟର ସିପାହୀମାନେ ଏପରି ଜୁଲମ ଚଳାଇଥାନ୍ତି ଯେ, ମରମର ହେଉଥିବା ନିଜର ବାପାକୁ ଟୋପାଏ କ୍ଷୀର ଦେବାପାଇଁ ପୁଅର ସାହସ ହେଉ ନ ଥାଏ । ପୁଣ୍ୟ ଅର୍ଜନ ଲୟରେ ରାଜା ପାପ ବାଣ୍ଟିବାରେ ଲାଗିଥାନ୍ତି ।

ଦିନେ ବୁଢ଼ୀଟିଏ ଏକ ଗିଲାସରେ କ୍ଷୀର ନେଇ କ୍ଷୀର ସାଗର ଆଡ଼କୁ ବାହାରିଛି, ଦେଖିଲା ତା'ର ବରଷକର ନାତିଟି କ୍ଷୀର ପିଇବାକୁ ଛଟପଟ ହେଉଛି । ବୁଢ଼ୀର ମନ ତରଳି ଗଲା । ତାକୁ ଯେମିତି କିଏ କହିଲା, ଏ ତ ଛୋଟ ପିଲାର କ୍ଷୀର, ସଂସାରର ପ୍ରଭୁଙ୍କୁ କ'ଣ କ୍ଷୀର ଅଭାବ ଅଛି ? ବୁଢ଼ୀ ସାହସର ସହିତ ସେଥିରୁ ଅଧ ଗିଲାସ କୁନି ପିଲାଟିକୁ ପିଆଇ ଦେଲା । ଆଉ ଅଧ ଗିଲାସ କ୍ଷୀର ଧରି ଧାଇଁଲା କ୍ଷୀରସାଗର ଆଡ଼କୁ । ବାଟରେ ଜଣେ ଗରିବ ସ୍ତ୍ରୀଲୋକ ସହିତ ତା'ର ଭେଟ ହେଲା । ସେ କହିଲା, ମାଉସୀ ମୋ

ଏହା ହରଇ ଗୃହଦ୍ୱନ୍ଦ୍ୱ । ଅଜ୍ଞାନୀଜନଙ୍କ ଆନନ୍ଦ ॥

ସ୍ୱାମୀ ମଲାଗଲା ପରି ପଡ଼ିଛନ୍ତି । ବୈଦ୍ୟ ଔଷଧ ଦେଇ କହିଛନ୍ତି କ୍ଷୀରରେ ମିଶାଇ ଏହାକୁ ଖୁଆଇ ଦେଲେ ସେ ବଞ୍ଚି ଯିବେ । କିନ୍ତୁ କ୍ଷୀର ଯେ ଅଭାବ । ଦୟାକରି ଏତକ କ୍ଷୀର ମୋତେ ଦିଅ ନଚେତ୍ ମୋର ସଂସାର ଉଜୁଡ଼ି ଯିବ ।

ବିଚରା ବୁଢ଼ୀ ଚାଲିଗଲା । ମନରେ ଭାବିଲା ଯଦି ଏତକ କ୍ଷୀର ନ ଢାଳିବି ତେବେ ସିପାହୀମାନେ ମୋତେ ପିଟି ପକାଇବେ । ତଥାପି ମନରେ ଦୟା ଜନ୍ମିଲା । । କ୍ଷୀର ତକ ତାକୁ ବଢ଼ାଇ ଦେଲା । ତାପରେ ଖାଲି ଗିଲାସଟି ଧରି ସେ କ୍ଷୀର ସାଗର କୂଳରେ ପହଞ୍ଚିଲା । କେହି ଯେପରି ଜାଣି ନ ପାରିବେ ସେଥିଲାଗି ଲୁଗା କାନିରେ ଗିଲାସକୁ ଘୋଡ଼ାଇ କ୍ଷୀର ସାଗରରେ କ୍ଷୀର ଢାଳିବା ପରି ଛଳନା କଲା । ସେଥିରୁ ବୁନ୍ଦାଏ କ୍ଷୀର ସାଗରରେ ନିଗିଡ଼ି ପଡ଼ିଲା । ରାଜାଙ୍କ ସିପାହୀମାନେ ଦେଖିଲେ ବୁଢ଼ୀଟି ମିଛରେ ଏପରି ଛଳନା କରୁଛି । ତେଣୁ ତାକୁ ମାଡ଼ ଦେବାକୁ ବାହାରିଲେ ।

ସେତେବେଳେ ଦେଖାଗଲା କ୍ଷୀର ସାଗର ମନକୁ ମନ ଭରପୂର ହେବାରେ ଲାଗିଛି । ଘଡ଼ିକ ଭିତରେ କୂଳ ଉଲଙ୍ଘନ କରି ଚାରିଆଡ଼େ କ୍ଷୀର ବୋହିବାକୁ ଲାଗିଲା । ରାଜକର୍ମଚାରୀମାନେ ଏ ଦୃଶ୍ୟ ଅବଲୋକନ କରି ଅବାକ୍ ହୋଇ ଚାହିଁ ରହିଲେ । ରାଜାଙ୍କ ପାଖରେ ଏ ଖବର ପହଞ୍ଚିଲା । ସେ ଖବର ପାଇ ହଠାତ୍ ସେଠାରେ ହାଜର ହୋଇ ଯାହା ଦେଖିଲେ ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ସିପାହୀମାନେ ରାଜାଙ୍କୁ ବୁଝାଇ ଦେଲେ ଏ ବୁଢ଼ୀ ଗୋଟିଏ ବୁନ୍ଦା କ୍ଷୀର ଢାଳିବାରୁ ଏପରି ଅଦ୍ଭୁତ କାଣ୍ଡ ଘଟି ଚାଲିଛି ।

ରାଜା ଏହାଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେ ଶିବଙ୍କ ମନ୍ଦିରରେ ହାତ ଯୋଡ଼ି କହିଲେ, 'ହେ କୈଳାସପତି ! ଲକ୍ଷ ଲକ୍ଷ ମହଣ କ୍ଷୀରରେ ତୁମ ପେଟ ପୂରି ନ ଥିଲା ମାତ୍ର ଏ କାଙ୍ଗାଳୁଣୀ ବୁଢ଼ୀଟିର ବିନ୍ଦୁଏ ମାତ୍ର କ୍ଷୀରରେ ତୁମକୁ ଅଜୀର୍ଣ୍ଣ ହେଲା କିପରି ମୁଁ ଭାବିପାରୁ ନାହିଁ ।'

ସତେ ଯେମିତି ତାଙ୍କୁ କିଏ କହିଲା, ରାଜା ! ଆଜି ମୋତେ ମହାପୁଣ୍ୟର ଭେଟି ମିଳିଲା । ମୁଁ ସନ୍ତୋଷ ଲାଭ କଲି । ତୁମେ ଯେପରି ପାପର ମାତ୍ରା ବଢ଼ାଇ ଚାଲିଥିଲ ସେଥିରେ କ'ଣ ମୁଁ ଖୁସି ହୋଇ ପାରନ୍ତି ? ମୁଁ ସେଥିରେ କ୍ରୋଧାନ୍ୱିତ ହୋଇ ସବୁ କ୍ଷୀର ଜାଳି ଦେଉଥିଲି । ଗରିବ ଖଟି ଖଟି ଯେଉଁ ପଇସାଟି କମାଇ ଥାଏ ମୋ ପାଖରେ ତାହା କୁବେରଙ୍କ ଅଚଳାଚଳ ସମ୍ପତ୍ତି ଠାରୁ ଆହୁରି ମୂଲ୍ୟବାନ ।

ରାଜା ନିଜର ଭୁଲ କ୍ଷଣକ ମଧ୍ୟରେ ବୁଝିଗଲେ । ସେହି ଦିନଠାରୁ ସେ ପ୍ରଜାଙ୍କ ଉପରେ ଆଉ ଅତ୍ୟାଚାର କଲେ ନାହିଁ । ସେ ବିଶ୍ୱାସଭାଜନ ହେଲେ ଈଶ୍ୱର ଉପର ଦେଖାଣିଆ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ସତ୍ୟ, ପ୍ରେମ, ତ୍ୟାଗ, କରୁଣା, ପରୋପକାରରେ ସେ ଖୁସି ହୋଇଥାନ୍ତି ।

*ଗରୁଡ଼ଗାଁ, କୋଟ ସାହି, କଟକ*

**ନୈତିକତା ଶିକ୍ଷାର ପ୍ରଥମ ନିୟମ ହେଲା ସତ୍ ପରାମର୍ଶ ଓ ଆମନ୍ତ୍ରଣ । ନୈତିକତା ଶିକ୍ଷା ବହିରେ ପଢ଼ାଯାଏ ନାହିଁ । ଶିକ୍ଷକ ଜୀବନରେ ବ୍ୟକ୍ତିଗତ ଆଦର୍ଶ ତଥା ଉଦାହରଣ, ସତ୍‌ସଙ୍ଗ ତଥା ଦିବ୍ୟ ଜୀବନ, ସ୍ୱଭାବ ନିର୍ମାଣ ଦ୍ୱାରା ନୈତିକ ବ୍ୟବହାରର ବିକାଶ କରାଯାଇପାରେ । ଅନ୍ୟ କୌଣସି ମୂଲ୍ୟବୋଧର ନୈତିକତାରେ ସ୍ଥାନ ନାହିଁ । ଏସବୁ ମଧ୍ୟରେ ବଡ଼ କଥା ହେଲା ସାମାଜିକ ଅସ୍ତିତ୍ୱ ଯାହା ନୈତିକ ଶିକ୍ଷା ବିନା ସମ୍ଭବ ନୁହେଁ ।**

**- ଋଷି ଅରବିନ୍ଦ**

ନାନା ପ୍ରକାରେ ହରିପାଦେ । ଯାହାର ଚିତ୍ତ ଅପ୍ରମାଦେ ।।

# ମୋ ନାତି ଭାରି ବୁଦ୍ଧିଆ

ଇଂ ପ୍ରେମାନନ୍ଦ ନାୟକ

ସ୍କୁଲ ଛୁଟି ଘଣ୍ଟା ବାଜିଲା । ବାବୁନା ଦେଖିଲା ସାହେଶ୍ୱରୀଙ୍କ ଫାଟକ ପାଖରେ ଥିବା ଖେଳପଡ଼ିଆ କଡ଼ରେ ଚାରି, 'ଛ'ଟା ଜରିଟଣା ଘର ହେଇଛି । ସ୍କୁଲକୁ ଆସିଲା ବେଳେ ତ ଘର ଫର କିଛି ନ ଥିଲା । କିଏ ସେଠି ଘର କଲା ! ବାବୁନା ଚାଲିଲା ଜରିଟଣା ଘର ଆଡ଼କୁ । କହରାମୁଣ୍ଡିଆ କୁନି ଝିଅଟିକୁ କାଖେଇ ଛିଡ଼ା ହୋଇଥିଲା ତାରି ବୟସର ପିଲାଟିଏ । ବାବୁନା ତାକୁ ପଚାରିଲା- ତମ ଘର କୋଉଠି ? ବାବୁନା କ'ଣ ପଚାରୁଛି ଠଉରେଇ ନେଲା ପିଲାଟି । ଠାରରେ କହିଲା ଆମ ଘର ବହୁତ ଦୂର । ବାବୁନା ତା'ଠାର ବୁଝିପାରିଲା । ଫେରି ଆସୁଥିଲା । ତା' ଆଖି ଟାଣି ହୋଇଗଲା ପିଲାଟି ପିନ୍ଧିଥିବା ପୋଷାକ ଉପରକୁ । ଜାମା ପ୍ୟାଣ୍ଟ ଚିରା, ପିନ୍ଧିବା ଯାହା ନ ପିନ୍ଧିବା ତାହା ।

ଘରେ ପହଞ୍ଚି ବାବୁନା ପିଲାଟି କଥା ଭାବିଲା । ଥାକରେ ଥୁଆ ହୋଇଥିବା ପୋଷାକରୁ ହଳେ ନେଇ ସ୍କୁଲ ବ୍ୟାଗରେ ରଖିଲା । କାଲି ସ୍କୁଲରୁ ଫେରିଲା ବେଳେ ସେଇ ପିଲାଟିକୁ ଦେଇଦେବ । ସ୍କୁଲକୁ ଯିବା ସମୟରେ ଜେଜେମା ବାବୁନାର ସ୍କୁଲ ବ୍ୟାଗ ଖୋଲି ଟିଫିନ୍ ଡବା ରଖିଲେ । ଜାମା-ପ୍ୟାଣ୍ଟକୁ କାଢ଼ିଆଣି ପଚାରିଲେ, 'ଆକୁ ନେଇ କାହାକୁ ଦେଇଥାନ୍ତୁ ? ତୋତେ ପରା ପଚାରୁଛି ଆକୁ ନେଇ କାହାକୁ ଦେଇଥାନ୍ତୁ ? ହୁଁ, ବାପା-ମା ଭଳିକି ଭଳି ପୋଷାକ କିଣି ଆଣୁଛନ୍ତି । ବାବୁ ଥରେ ଅଧେ ପିନ୍ଧି ଥିବ କି ନାହିଁ ତାକୁ ନେଇ ଆକୁ ତାକୁ ଦେଇଦେବ । ତୋର ଯଦି କାହାକୁ ଦେବାକୁ ଏତେ ଇଛା ଚିରା ଫଟା ଦେଇ ଦେଉନୁ । ଦି ବାକ୍ସ ଖଣ୍ଡେ ଥୁଆ ହୋଇଛି ।' କିଛି କହିଲାନି ବାବୁନା । ମନ ଦୁଃଖରେ ସ୍କୁଲକୁ ଚାଲିଗଲା । ଦି'ଚାରିଦିନ ଜେଜେମା ବାବୁନାକୁ ଜଗିଲେ । ବାବୁନା ପୋଷାକ ନେଇ ପିଲାଟିକୁ ଦେଇ ପାରିଲାନି ।

ରାତି ପାହିଲେ ରବିବାର । ବାବୁନା ଶନିବାର ସଞ୍ଜରେ ପାଠ ପଢ଼େନି । ଜେଜେ ବାପାଙ୍କ ଠାରୁ ଗପ ଶୁଣେ । ବେଳେବେଳେ ନିଜେ ବି ଜେଜେବାପାଙ୍କୁ ଗପ ଶୁଣାଏ । ଜେଜେବାପା କହିଲେ ଆଜି ତୋ ପାଳି । ତୁ ଆଜି କି ଗପ ଶୁଣେଇବୁ ଶୁଣା । ବାବୁନା କହିଲା, ଜେଜେ ବାପା ଏମିତି ଗପ କହିବି ତମେ କେବେ ଶୁଣି ନ ଥିବ । ଶୁଣ, ଗଧଟାଏ ବୁଲୁଥିଲା । ତାକୁ ଜୋର ଭୋକ ଲାଗିଲା । କୋଉଠି କିଛି ପାଇଲାନି ଖାଇବାକୁ । କ'ଣ କରିବ ସେ । ତା ଆଖି ଲଙ୍କା କିଆରି ଉପରେ ପଡ଼ିଲା । ଗଧ ମନକୁ ମନ କହିଲା, ଗଧ କ'ଣ ଲଙ୍କା ଖାଏ ? ଧେତ୍ ଆଜି ସକାଳୁ କାହା ମୁହଁ ଚାହିଁଥିଲି କେଜାଣି । ଏହି ସମୟରେ ଘୋଡ଼ାଟିଏ ଆସୁଥିଲା । ଗଧକୁ ଦେଖି ଘୋଡ଼ା ପଚାରିଲା, କିରେ ! ଏଠି କ'ଣ ନସରପସର ହଉଛୁ ? ଗଧ କହିଲା, ଦେଖୁଛ କେଡ଼େ ସୁନ୍ଦରିଆ ପାଚିଲା ଲଙ୍କା, ଭାବିଲି ନିଜେ ନ ଖାଇ ତୋ ପାଇଁ ରଖିବି । ଯାଅ ଖାଇଦେବ । ଘୋଡ଼ା ମନେ ମନେ ରାଗିଗଲା । କହିଲା, ହଇରେ ଘୋଡ଼ା କ'ଣ ଲଙ୍କା ଖାଏ ? ତୁ ଖାଉ ନା ? ତୋ ପାଇଁ ଯୋଉଟା ଅଖାଦ୍ୟ ମୋ ପାଇଁ ଖାଦ୍ୟ ହେବ କେମିତି ? ତୋ ଖାଇବା ଜିନିଷ ତୁ ନ ଖାଇ ମୋ ପାଇଁ ରଖିଥିଲେ ଜଣା ପଡ଼ିଥାନ୍ତା ତୋ ଦାତାପଣିଆ । ଯା ମୋ ପାଖରୁ ।

ଜେଜେ ବାପା ଗପଟି ଏଇଠି ସରିଲା । ଏଥର କୁହ ଗପଟି କେମିତି ଲାଗିଲା ? ଜେଜେ ବାପା କହିଲେ ଭାରି ଭଲ ଲାଗିଲା । ଯୋଉ ଜିନିଷ ନିଜେ ଖାଉନା କି ପିନ୍ଧୁନା ତାକୁ ଅନ୍ୟକୁ ଦେବା ଭାରି ଖରାପ । ଏହି ସମୟରେ ଜେଜେମା ଡାକିଲେ ଗପ କୁହାକୁହି ସେତିକି ଥାଉ, ଖାଇବ ଆସ ।

ସକାଳୁ ସକାଳୁ ବାବୁନା ବୟସର ପିଲାଟିଏ ଆସି ମା' ମା' ଡାକିଲା । ଘରୁ ବାହାରି ଆସିଲେ ଜେଜେ ମା' । ପିଲାଟି ଠାରରେ ଜାମା ପ୍ୟାଣ୍ଟ ମାଗିଲା । ଜେଜେମା' କହିଲେ ଏଇଠି ଥା', ମୁଁ ଆଣୁଛି । ସଙ୍ଗେ ସଙ୍ଗେ ପୁଳାଏ ଚିରା ଫଟା ଜାମା ପ୍ୟାଣ୍ଟ ଆଣି

ଭଜଇ ଜାଣି ବିଷ୍ଣୁମାୟା । ସେ ହରି କରେ ତାରେ ଦୟା ।।

ପିଲାଟି ଆଗରେ ଫୋପାଡ଼ି ଦେଲେ । ବାବୁନା ଦେଖୁଥିଲା, କହିଲା, ପିଲାଟି କ'ଣ ତୁମକୁ ଚିରାଫଟା ଜାମା ପ୍ୟାଣ୍ଟ ମାଗୁଛି ? ସେ ତ ଚିରାଫଟା ପିନ୍ଧିଛି । ତାକୁ ହଳେ ଭଲ ଜାମାପ୍ୟାଣ୍ଟ ଆଣି ଦେଉନା । ମୋ ଗଞ୍ଜି ଅସରପା ଟିକେ କଣା କରିଦେଲେ ତମେ ପରା କୁହ ଚିରା ଗଞ୍ଜି ଜମା ପିନ୍ଧିବୁନି । ତୋ ଦେହ ଖରାପ ହେବ । ଏ ପିଲାଟିର ବାପା ମା ବୁଲି ବୁଲି ପ୍ଲାଷ୍ଟିକ ଫୁଲ ବିକୁଛନ୍ତି । ଦି ଓଳି ପେଟପୂରା ଖାଇବାକୁ ପାଉ ନାହାନ୍ତି । ମୋ ଚିରା ଫଟା ପୋଷାକ ପିନ୍ଧିଲେ ଏ ପିଲାଟିର ଦେହ ଖରାପ ହେବ । ଯାର ବାପା ମା' ଔଷଧ କିଣିବାକୁ କୋଉଠୁ ପଇସା ଆଣିବେ ? ଯୋଉ ଜାମା ପ୍ୟାଣ୍ଟ ମୋ ପାଇଁ ଦରକାରୀ ନୁହେଁ ଏ ପିଲାଟି ପାଇଁ ଦରକାରୀ ହେବ କେମିତି ?

ବାବୁନା କଥା ଶୁଣି ଜେଜେ ମା' ଚୁପ୍ ହୋଇଗଲେ । କ'ଣ କରିବେ ଜାଣି ପାରିଲେନି । ଜେଜେବାପା ପଚାରିଲେ, ଚୁପ୍‌ଚାପ୍ ଛିଡ଼ା ହେଲ କ'ଣ ପାଇଁ ? ବାବୁନା କ'ଣ ପଚାରିଲା ତା' କଥାର ଉତ୍ତର ଦେଉନ ? ଯଦି ପିଲାଟିକୁ ପୋଷାକ ଦେବାର ଇଛା ତେବେ ଭଲ ପୋଷାକ ହଳେ ଦିଅ । ଚିରାଫଟା ପୋଷାକ ନେଇ ପିଲାଟି ପିନ୍ଧିବନି ବରଂ ଫୋପାଡ଼ି ଦେବ । ପୁଣି କାହା ପାଖରେ ହାତ ପାତିବ । ଜେଜେମା' କହିଲେ ଏବେ ବୁଝିଲି, କାଲି ସଞ୍ଜରେ ବାବୁନା ତମକୁ ଗଧ, ଘୋଡ଼ା, ଲଙ୍କା ଗପ କହୁଥିଲା କାହିଁକି ? ସତରେ ମୋ ନାତି ଭାରି ବୁଦ୍ଧିଆ । ମୋ ପାଖକୁ ଆଇଲୁ ଧନ । ଉଁ......... । ଯା ତୋ ନିଜ ପସନ୍ଦର ଭଲ ପୋଷାକ ହଳେ ପିଲାଟିକୁ ଦେଇଦବୁ ।

*ମାତୃନିଳୟ*
*କେନାଲରୋଡ୍, ସାଲେପୁର*

## -: କବି ଓ ଲେଖକମାନଙ୍କୁ ନିବେଦନ :-

ପ୍ରିୟବନ୍ଧୁ !

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ, ସମସ୍ତ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ହ୍ୱାଟସ୍‌ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ କେମ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ କେମ୍ ସ୍କାନ ଲୋଡ୍ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲରେ ଫଟୋ ଉଠାଇ କେବେବି ଇ-ମେଲ୍ /ହ୍ୱାଟସ୍‌ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

**ମୂଲ୍ୟବୋଧ**

# ବ୍ୟକ୍ତିତ୍ୱ ବିକାଶରେ ପରିବେଷ୍ଟନୀର ପ୍ରଭାବ

ସୌଜନ୍ୟ - ଇଣ୍ଟରନେଟ୍

ପ୍ରତ୍ୟେକ ପିତାମାତାଙ୍କର ଗୋଟିଏ ସୁସ୍ଥ, ସୁନ୍ଦର ଏବଂ ବୁଦ୍ଧିମାନ ଶିଶୁ କାମ୍ୟ । ସମସ୍ତେ ଚାହାଁନ୍ତି ତା'ର ସୁନ୍ଦର ବ୍ୟକ୍ତିତ୍ୱ ଦ୍ୱାରା ସେ ସମସ୍ତଙ୍କ ଦ୍ୱାରା ଆଦୃତ ହେଉ । ଇତିହାସ କହେ ଯେ ପୃଥିବୀର ମହାନ କିମ୍ବା ଅତି ମହାନ ବ୍ୟକ୍ତିତ୍ୱଙ୍କ ପଛରେ ମାତାଙ୍କର ଅବଦାନ ବେଶୀ । ଏହାର ବିଭିନ୍ନ କାରଣ ଆଲୋଚନା କରିଲେ ଜଣାଯାଏ ଯେ ପିଲାଟି ମା' ପେଟରେ ୨୮୦ ଦିନ କାଳ ରହିବା ଠାରୁ ୧୨/୧୪ ବର୍ଷ ପର୍ଯ୍ୟନ୍ତ ସେ ମାଆଙ୍କ ସଂସ୍ପର୍ଶରେ ଆସି ତାଙ୍କର ବିଭିନ୍ନ ଗୁଣର ଅଧିକାରୀ ହୋଇଥାଏ । ପ୍ରଥମେ ମା' ପେଟରେ ଭ୍ରୁଣାବସ୍ଥାରେ ଏବଂ ପରେ ମାଆଙ୍କ ସ୍ତନ୍ୟପାନର ଆନନ୍ଦ, ମାଆଙ୍କ ସହିତ ଖାଇବା ଶୋଇବାର ସୁଖ ତଥା ମାଆଙ୍କର ତୁଣ୍ଡରୁ ବିଭିନ୍ନ ଭାଷା ଶିକ୍ଷା ତା ଜୀବନରେ ଅପାର ଆନନ୍ଦର ଉତ୍ସ ହୋଇଥାଏ ।

ଗୋଟିଏ ଶିଶୁକୁ ମଣିଷ ପରି ମଣିଷଟିଏ ଗଢ଼ିବାରେ ମାଆଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ । ଏଥିପାଇଁ ଗର୍ଭାବସ୍ଥାରୁ ହିଁ ଯତ୍ନବାନ ହେବାକୁ ପଡ଼ିଥାଏ । ଜନ୍ମ ପରେ ଶିଶୁର ଶିକ୍ଷା, ଭାଷା, ଚିନ୍ତାଧାରା, ଧୀଶକ୍ତି ଓ ବ୍ୟକ୍ତିତ୍ୱ ବିକଶିତ ହେଲେ ସେ ନିଜେ ଗୋଟିଏ ଭଲ ମଣିଷ ପରି ଠିଆ ହୋଇପାରିବ ।

ବାସ୍ତବରେ କହିବାକୁ ଗଲେ ଶିଶୁ ମନୋବୈଜ୍ଞାନିକଙ୍କ ମତାନୁସାରେ ମାତୃଗର୍ଭରେ ଭ୍ରୁଣାବସ୍ଥାରୁ ପ୍ରାପ୍ତ ବୟସ୍କ ବା ପରିପକ୍ୱ ହେବା ପର୍ଯ୍ୟନ୍ତ ଶାରୀରିକ, ମାନସିକ ଓ ସାମାଜିକ ବିକାଶ, ଶିକ୍ଷଣ, ଭାଷା, ଆବେଗ, ଅଭିପ୍ରେରଣ, ଚିନ୍ତନ, ବିଚାର ଶକ୍ତି, ବୁଦ୍ଧି ତଥା ସ୍ମରଣଶକ୍ତି ପ୍ରଭୃତି ବିଷୟରେ ଜାଣିବା କଥା । ଏହା ବ୍ୟତୀତ ମନସ୍ତତ୍ତ୍ୱର ବିଭିନ୍ନ ନିୟମାବଳୀ ଅଧ୍ୟୟନ କରି ଶିଶୁମାନଙ୍କ ବ୍ୟବହାର ଓ ଆଚରଣକୁ ନିୟନ୍ତ୍ରଣ ତଥା ପରିବର୍ତ୍ତନ କରି ଉପଯୁକ୍ତ ମାର୍ଗରେ ନିଆଯାଇପାରେ । ଯେଉଁ ପରିବାରରେ ଶିଶୁର ଜୀବନ ଆନନ୍ଦ ଉଲ୍ଲାସର କାରଣ ନ ହୋଇ ଦୁଃଖ, ବିଷାଦ ଓ ସମସ୍ୟାପୂର୍ଣ୍ଣ ହୋଇଥାଏ, ଯେଉଁ ପରିବାରରେ ପିତା ମଦ୍ୟପ, ମାତା ଅସହିଷ୍ଣୁ ତଥା ରୋଗିଣା ବ୍ୟକ୍ତି ସମ୍ପନ୍ନ, ଯେଉଁ ପରିବାରରେ ଶିଶୁ ପିତାମାତାଙ୍କ ସ୍ନେହରୁ ବଞ୍ଚିତ ହୋଇ ସର୍ବଦା ଘୃଣାର ପାତ୍ର, ସ୍ନେହ କେବେ ପାଏ ନାହିଁ, ଯେଉଁ ଘରେ ପିତାମାତା ସଦାସର୍ବଦା କଳହରେ ଲିପ୍ତ, ସନ୍ତାନ ଯେଉଁଠି ଆୟା ବା ଚାକର ଦ୍ୱାରା ପ୍ରତିପାଳିତ ସେପରି ପିଲାର ବ୍ୟକ୍ତିତ୍ୱ ରୁଗ୍ଣ ହେବା ସ୍ୱାଭାବିକ ।

ଶିଶୁମାନଙ୍କ ବିକାଶର ସାଧାରଣ ଛାଞ୍ଚ ବା ପ୍ରତିରୂପ ଜାଣିଲେ ବିଭିନ୍ନ ଶିଶୁଙ୍କ ଠାରେ କେଉଁ ଅବସ୍ଥାରେ କିପରି ବୃଦ୍ଧି ଓ ବିକାଶ ପରିଲକ୍ଷିତ ହେବ ତାହା ସହଜରେ ଆଗରୁ ଅନୁମାନ କରିହୁଏ । ଉଦାହରଣ ସ୍ୱରୂପ କୌଣସି ବଂଶଗତ କାରଣ ଯଥା - ବୁଦ୍ଧିହୀନତା ଯୋଗୁଁ ବ୍ୟକ୍ତିତ୍ୱର ଉପଯୁକ୍ତ ବିକାଶ ହୋଇପାରେ ନାହିଁ । ଅନ୍ୟ ପକ୍ଷରେ ଯଦି ଶିଶୁକୁ ତା'ର ବୁଦ୍ଧିହୀନତା ପାଇଁ ଅନ୍ୟ ଶିଶୁଙ୍କ ସହ ତୁଳନା କରାଯାଏ, ତେବେ ତା' ମନରେ ନିରାଶଭାବ ଜାତ ହେବା ସ୍ୱାଭାବିକ । ଅନେକ କ୍ଷେତ୍ରରେ ପିତାମାତା ଛୋଟ ବୟସରୁ ପିଲାଠାରୁ ଅନେକ ବେଶୀ ଆଶା କରନ୍ତି ବା କେହି କେହି କମ୍ ମଧ୍ୟ ଆଶା କରି ଥାଆନ୍ତି । ଯେତେବେଳେ ପିଲାର ବୟସ ଓ ସାମର୍ଥ୍ୟ ଠାରୁ ତାକୁ ଅତି ବେଶୀ ଆଶା କରାଯାଏ, ସେ ପିତାମାତାଙ୍କର ଆଶା ଆକାଙ୍କ୍ଷାକୁ ପୂରଣ କରିବାକୁ ଅକ୍ଷମ ହୋଇଥାଏ, ଫଳରେ ସେ କେବଳ ବାରମ୍ବାର ତିରସ୍କାର ପାଇ ଭାଙ୍ଗିପଡ଼େ ଏବଂ ବାଲ୍ୟାବସ୍ଥାରୁ ହିଁ ତା' ମନରେ ନ୍ୟୂନଭାବ ଜାତ ହୁଏ । ଉଦାହରଣ ସ୍ୱରୂପ ଯଦି ଗୋଟିଏ ୪/୫ ବର୍ଷର ପିଲାକୁ ୪ର୍ଥ ଶ୍ରେଣୀର ଅଙ୍କ କରିବାକୁ ଦିଆଯାଏ ଅଥବା ୧୦ ମାସର ପିଲାକୁ ୨ ବର୍ଷର ପିଲା ପରି କଥା କହିବାକୁ ଆଶା କରାଯାଏ, ସେ ଏସବୁ କରିବାକୁ ଅସମର୍ଥ ହେବ ହତାଶ ହେବ । ଫଳରେ ଶ୍ରେଣୀରେ ଅନ୍ୟ ପିଲାମାନଙ୍କ ଠାରୁ ଆଗୁଆ

ନ ରହି ପଛରେ ପଡ଼ିଯିବ । ଏମିତି କେତେକ କାରଣରୁ ପିଲାଟି ବିଦ୍ୟାଳୟକୁ ନ ଯିବାକୁ ଇଚ୍ଛା କରେ ଏବଂ ପିତାମାତା ଏହାର ପ୍ରକୃତ କାରଣ ଅନୁସନ୍ଧାନ ନ କରି ତାକୁ ବାଧ କରି ବିଦ୍ୟାଳୟକୁ ପଠାନ୍ତି । ସେ ହୁଏତ ଅସାମାଜିକ ମନ୍ଦ ବୁଦ୍ଧି ପିଲାମାନଙ୍କ ପାଖରେ ସମୟ କଟାଇ ଛୁଟି ହେବା ପରେ ଘରକୁ ଫେରିବାକୁ ବାଧ ହେବ । ଆସ୍ତେ ଆସ୍ତେ ସେ ଚୋରି ଓ ଅନ୍ୟାନ୍ୟ କାର୍ଯ୍ୟରେ ଲିପ୍ତ ରହିବ । ଏପରି ସ୍ଥଳେ ଶିଶୁର ବିଦ୍ୟାଳୟକୁ ନ ଯିବାକୁ ଚାହିଁବାର ପ୍ରକୃତ କାରଣ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅନୁସନ୍ଧାନ କରିବା ଉଚିତ ।

ମନୋବିଜ୍ଞାନୀଙ୍କ ମତରେ ମାନବ ଜୀବନର ପ୍ରଥମ ପାଞ୍ଚବର୍ଷ ମଧ୍ୟରେ ହିଁ ବ୍ୟକ୍ତିତ୍ୱର ମୂଳଦୁଆ ପଡ଼ିଥାଏ । ଅତଏବ ଶିଶୁମାନଙ୍କ ବୁଦ୍ଧି, ଅନ୍ତର୍ନିହିତ ଶକ୍ତି, ଆକାଙ୍କ୍ଷା, ଆଗ୍ରହ ଓ ରୁଚିରେ ଭିନ୍ନତା ଦେଖାଦିଏ । ଏହି ପାର୍ଥକ୍ୟକୁ ବିଚାରକୁ ନେଇ ଯଦି ଶିଶୁମାନଙ୍କୁ ଭିନ୍ନ ଭିନ୍ନ ଦଳ ଭୁକ୍ତ କରି ସେମାନଙ୍କ ଶକ୍ତି ଓ ଆଗ୍ରହ ଅନୁସାରେ ଶିକ୍ଷା, ପ୍ରଶିକ୍ଷଣ, ଉପଦେଶ ଦିଆଯାଏ ତେବେ ସେମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ବ୍ୟକ୍ତିତ୍ୱର ଉପଯୁକ୍ତ ବିକାଶ ହୋଇ ପିଲାଟି ଭଲ ମଣିଷ ହୋଇପାରିବ ।

ଅନେକ ସମୟରେ ଦେଖାଯାଏ ଯେ, ପିତାମାତାମାନେ ପିଲାକୁ କଳା ପରିବର୍ତ୍ତେ ବିଜ୍ଞାନ ପଢ଼ିବାକୁ ବାଧ କରିଥାଆନ୍ତି । ପିଲାଟି ବୁଦ୍ଧିମାନ ହୋଇଥିଲେ ମଧ୍ୟ ବିଜ୍ଞାନ ଶିକ୍ଷାରେ ତା'ର ଆଗ୍ରହ ଓ ବିଶେଷ ଯୋଗ୍ୟତା ଅଭାବରୁ ଅକୃତକାର୍ଯ୍ୟ ହୋଇ ବସେ । ଶିଶୁ ମନୋବିଜ୍ଞାନ ଅଧ୍ୟୟନ କଲେ କିଏ କେଉଁ ଶିକ୍ଷା ଅଥବା ବୃତ୍ତି ପାଇଁ ଯୋଗ୍ୟ ତାହା ସହଜରେ ଏବଂ ଠିକ୍ ଭାବେ ଜାଣିହୁଏ । ଅତଏବ ଶିଶୁର ମାନସିକ ଶକ୍ତି ଓ ବିଚାରକୁ ବୈଜ୍ଞାନିକ ପ୍ରଣାଳୀରେ ଅଧ୍ୟୟନ କରି ବିଶେଷ ଯୋଗ୍ୟତା ଅନୁସାରେ ତାକୁ ଶିକ୍ଷାଗତ ଉପଦେଶ ଦେବା ଆବଶ୍ୟକ । ଗୋଟିଏ ନିର୍ଦ୍ଦିଷ୍ଟ ବୟସରେ ଶିଶୁ କେଉଁ କେଉଁ ବ୍ୟବହାର ଓ ଆଚରଣ ଦେଖାଇବ ତା'ର ମନ, ପ୍ରୟୋଗ ଓ ଅଧ୍ୟୟନ ପରେ ଶିଶୁ ମନୋବିଜ୍ଞାନୀଙ୍କ ଦ୍ୱାରା ନିର୍ଣ୍ଣୟ ହୋଇଥାଏ । ଜଣାଯାଇଛି ଯେ ୧୨ ରୁ ୧୮ ମାସ ମଧ୍ୟରେ ଶିଶୁକଥା କହିଥାଏ । ଦେଖିବା କଥା ତାରି ବୟସର ଅନ୍ୟ ଶିଶୁମାନଙ୍କ ପରି ବିଭିନ୍ନ କଥା ପରିଷ୍କାର ଭାବେ ବୁଝି କହିପାରୁଛି କି ତା'ର ବୌଦ୍ଧିକ ବିକାଶ ସମବୟସ୍କ ଶିଶୁମାନଙ୍କ ଠାରୁ ବେଶୀ ନା କମ୍? ସେମିତି ଶିଶୁର ଭାବନା, କଳ୍ପନା, ଚିନ୍ତା ଓ ବିଚାର ଶକ୍ତି ପରି ବୟସର ସାଧାରଣ ଶିଶୁଙ୍କ ସହ ସମାନ କି?

ଯଦି କୌଣସି ଶିଶୁର ଉପଯୁକ୍ତ ବୌଦ୍ଧିକ କିମ୍ବା ଭାଷାର ବିକାଶ ହୋଇନାହିଁ ବୋଲି ପିତାମାତା ଅନୁଭବ କରନ୍ତି, ତେବେ ତାକୁ ବିଶେଷ ମନସ୍ତତ୍ତ୍ୱବିତ୍‌ଙ୍କୁ ଦେଖାଇବା ଉଚିତ । ଯଦି ପରୀକ୍ଷାରୁ ଜଣାଯାଏ ଯେ, ଶିଶୁର ଥାଇରଏଡ଼ ଗ୍ରନ୍ଥୀ ଉପଯୁକ୍ତ ପରିମାଣ ଆୟୋଡ଼ିନ କ୍ଷରଣ କରିବାରେ ଅସମର୍ଥ ଯୋଗୁଁ ଶାରୀରିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୋଇଛି, ତେବେ ଏହାର ଆଶୁ ଚିକିତ୍ସା ଆବଶ୍ୟକ ।

ବାଳ ଅପରାଧ ଏକ ସାମାଜିକ ଓ ମନସ୍ତାତ୍ତ୍ୱିକ ସମସ୍ୟା । ଏହା ବ୍ୟକ୍ତିଗତ ଅସାମଞ୍ଜସ୍ୟର ଫଳ । ସାଧାରଣବୁଦ୍ଧିସମ୍ପନ୍ନ ଗୋଟିଏ ୮/୧୦ ବର୍ଷର ବାଳକ ଯଦି ତା ସହପାଠୀମାନଙ୍କ ଠାରୁ ବା ଘରୁ ଚୋରି କରିବାକୁ ଆରମ୍ଭ କରେ ତେବେ ପିଲାକୁ ପ୍ରଥମେ ମାଡ଼ ଗାଳି ବା ଧମକ ନ ଦେଇ ଏହାର ଯଥାର୍ଥ କାରଣ ଖୋଜି ବାହାର କରିବା ଆବଶ୍ୟକ । ଗବେଷଣାରୁ ଜଣାଯାଏ ଯେ ଏପରି ଅପରାଧର କାରଣ ହେଲା ପିତାମାତାଙ୍କ ଦ୍ୱାରା ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ହେବା ଏବଂ ଘର, ସମାଜ ତଥା ପରିବେଶ ମଧ୍ୟରେ ନିଜକୁ ନିରାପଦ ମନେ ନ କରିବା । ଏପରି କାରଣରୁ ପିଲାର ବାପା ମାଆଙ୍କ ଉପରେ ବିରକ୍ତି, କ୍ରୋଧ ଓ ଘୃଣାଭାବ ଜାତ ହୋଇଥାଏ । ସେ ବୈରୀ ଭାବ ପୋଷଣ କରି ଏପରି ଚୌର୍ଯ୍ୟ ବୃତ୍ତିରେ ଲିପ୍ତ ରହିବ । ଶିଶୁକୁ ଏପରି ସାମାଜିକ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ତା ଘର ପରିବେଶକୁ ମଧ୍ୟ ପରିବର୍ତ୍ତନ କରାଯାଇପାରେ । ଫଳରେ ପିଲା ମନ ଭିତରେ ଜମାଟ ବାନ୍ଧିଥିବା ଦ୍ୱନ୍ଦ୍ୱ, ସଂଘର୍ଷ, ଅସହାୟତା ଓ ଅଗ୍ରହଣୀୟ ମନୋଭାବ ଓ ଅସ୍ୱାଭାବିକତାକୁ ଅନେକ ପରିମାଣରେ ଦୂର କରାଯାଇପାରେ । ସ୍କୁଲରେ ମନ ଦେଇ ପାଠ ପଢ଼ିବା ପାଇଁ ଏବଂ

ପଥ ନ ଜାଣି ଯେବେ ହୁଡ଼େ । ସେ ପ୍ରାଣୀ କେବେହେଁ ନ ପଡ଼େ ॥

ଶିକ୍ଷା କ୍ଷେତ୍ରରେ ଉନ୍ନତି ହାସଲ କରିବା ପାଇଁ ଅଭିପ୍ରେରଣ ବା ମୋଟିଭେସନ୍ ଆବଶ୍ୟକ । ତାର ମୂଳଦୁଆ ଶୈଶବାବସ୍ଥାରେ ପଡ଼ିଥାଏ । ଯଦି ଗୃହର ପରିବେଶ ଏବଂ ବଡ଼ମାନଙ୍କ ସହ ସମ୍ପର୍କ ଶିଶୁମାନଙ୍କ ମନରେ ଅଭିପ୍ରେରଣ ଜାତ କରିବାରେ ଅସମର୍ଥ ହୁଏ ସେ ଶ୍ରେଣୀରେ ସହପାଠୀମାନଙ୍କ ସହ ସମକକ୍ଷ ହୋଇପାରେ ନାହିଁ । ଶିକ୍ଷା ପ୍ରତି ତା'ର ସ୍ପୃହା କମିଯାଏ । ଏପରି ହେଲେ ତା'ର ପରିବାର ବା ପିତାମାତାଙ୍କୁ ହିଁ ଦାୟୀ କରିବାକୁ ହେବ । ଏ ପରିସ୍ଥିତିରେ ଶିଶୁର ସାଂପ୍ରତିକ ପରିବେଶକୁ ବଦଳାଇ ତାକୁ ଶାନ୍ତ ଓ ସ୍ପୃହଣୀୟ ପରିବେଶକୁ ନେଲେ ଅବଶ୍ୟ ସୁଫଳ ମିଳିଥାଏ ।

ମନୋବିଜ୍ଞାନୀଙ୍କ ମତରେ ଯେକୌଣସି ବ୍ୟକ୍ତିର ଅସୁଖ, ପରିତ୍ୟକ୍ତ, ଅସହାୟ ତଥା ନ୍ୟୂନ ମନୋଭାବର ପ୍ରକୃତ କାରଣ ହେଉଛି ତାହାର ବାଲ୍ୟକାଳର ତିକ୍ତ ଅନୁଭୂତି । ଶୈଶବାବସ୍ଥାରେ ବିଭିନ୍ନ ମାନସିକ ବିକାଶର ମୂଳଦୁଆ ପଡ଼େ । ଯଦି ଏହି ଅବସ୍ଥାରେ କିଛି ଦୋଷତ୍ରୁଟି ରହିଯାଏ ତେବେ ଏହା ଭବିଷ୍ୟତରେ ପିଲାଟି ଖରାପ ହେବାର କାରଣ ବୋଲି ଧରି ନିଆଯାଏ । ତାଙ୍କ ମନରେ ବାଲ୍ୟକାଳର ୧ମ ପାଞ୍ଚ ବର୍ଷ ବୟସର ଅସ୍ୱାଭାବିକ ଅଭିଜ୍ଞତା ପ୍ରାପ୍ତ ବୟସରେ ଚିତଭଂଶୀ ରୋଗ ଆକ୍ରମଣରେ ବିଶେଷ କାରଣ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱର ପ୍ରଧାନ ଲକ୍ଷଣ ତା'ର ଚରିତ୍ରାବଳୀ ଓ ଆଚାର ବ୍ୟବହାର, ତା'ର ପିଲା ଦିନର ପରିବେଶ ଏବଂ ଅଭିଜ୍ଞତାଦ୍ୱାରା ପ୍ରଭାବିତ ହୋଇ ବିକାଶ ଲାଭ କରେ, କାରଣ ଏହି ଅବସ୍ଥାରେ ଶିଶୁର ମନ ଅତ୍ୟନ୍ତ ତରଳ, ଠିକ୍ ଏକ ତତଲା ସୁନା ପରି । ବଣିଆ ତାକୁ ଛାଞ୍ଚରେ ପକାଇ ଯେକୌଣସି ରୂପ ଗଢ଼ିଲା ପରି ଶିଶୁର ମନକୁ ବିଭିନ୍ନ ଅଭିଜ୍ଞତା ଘଟଣାବଳୀ ଓ ଶିକ୍ଷା ମାଧ୍ୟମରେ ଯେକୌଣସି ଢାଞ୍ଚାରେ ଗଢ଼ାଯାଇପାରେ । ଅବଶ୍ୟ ଏ କ୍ଷେତ୍ରରେ ବେଳେ ବେଳେ ବଂଶଗତ କାରଣ, ବ୍ୟକ୍ତିଗତ ଭିନ୍ନତା ଓ ଜନ୍ମଜାତ ଅର୍ଜିତ ଲକ୍ଷଣଗୁଡ଼ିକୁ ଅସ୍ୱୀକାର କରା ଯାଇ ନ ପାରେ ତଥାପି ଉକ୍ତ ଲକ୍ଷଣଗୁଡ଼ିକୁ କିଛିଟା ବଦଳାଇବାରେ ପରିବେଶର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପିଲାର ବ୍ୟକ୍ତିତ୍ୱର ବିଭିନ୍ନ ଲକ୍ଷଣ ଯଥା - ଦୟା ବି ନିର୍ଦ୍ଦୟ, ସ୍ୱାଧୀନ ବା ପରାଧୀନ ମନୋଭାବ, ହିଂସା ଅଥବା ଅହିଂସା ସ୍ୱଭାବ, ଲୋଭୀ ବା ଦାନୀ, ସରଳ ବା କୁଟିଳ ପ୍ରକୃତି ତା'ର ପିଲା ବେଳର ଅତି ନିଖୁଣ ଅଭିଜ୍ଞତା ଉପରେ ପର୍ଯ୍ୟବେସିତ ।

ଅନୁସନ୍ଧାନରୁ ଜଣାଯାଏ ଯେ, ଶିଶୁର ପରିବେଷ୍ଟନୀ ତା'ର ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ । ଶିଶୁର ଚିନ୍ତା ଓ ବ୍ୟବହାରକୁ ନିରୀକ୍ଷଣ କରି ସେଗୁଡ଼ିକୁ ନିୟନ୍ତ୍ରଣ କରିବା ଦ୍ୱାରା ଶିଶୁକୁ ମାନସିକ ବ୍ୟାଧିମୁକ୍ତ କରାଯାଇପାରୁଛି । ପିଲାଟିର ଚିନ୍ତା, ଦ୍ୱନ୍ଦ୍ୱ, ହତାଶା ଓ ଅସାମାଜିକ ବ୍ୟବହାର ବିଷୟରେ ମନୋବିଜ୍ଞାନର ଉପାଦେୟତା ରହିଛି ।

ଶେଷରେ ଏତିକି କୁହାଯାଇପାରେ ଯେ ଶିଶୁର ଉନ୍ନତି ଓ ସେ ଯେପରି ସମାଜଦ୍ୱାରା ଆଦୃତ ହେବ ସେ ଦିଗରେ ଆଗେଇବାକୁ ପିତାମାତା ଓ ଶିକ୍ଷକ ଶିଶୁକୁ ଉପଦେଶ ଦେବା ଦରକାର । ଭଲ ସାମାଜିକ ଚଳଣୀକୁ ପିତାମାତା ଉତ୍ସାହିତ କରି ତାକୁ ପୁରସ୍କୃତ ଓ ଘୃଣ୍ୟ କାର୍ଯ୍ୟକୁ ଦଣ୍ଡ ଦେଇ ଶିଶୁର ସାମାଜିକ ବ୍ୟବହାର ଓ ଉତ୍ତମ କ୍ରିୟାକଳାପର ବିକାଶରେ ସହାୟତା କରିବା ଦରକାର । ବିଦ୍ୟାଳୟରେ କେବଳ ଶିଶୁର ପାଠପଢ଼ା ପ୍ରତି ଦୃଷ୍ଟି ଦିଆ ନ ଯାଇ ତା'ର ଉତ୍ତମ ଶାରୀରିକ ଓ ମାନସିକ ବିକାଶ ପାଇଁ ଯଥେଷ୍ଟ ଧ୍ୟାନ ଦେଲେ ପିଲାଟି ଭଲ ମଣିଷ ହୋଇପାରିବ ।

*ସୌଜନ୍ୟ - ଇଣ୍ଟରନେଟ୍*

## ଅମର ବାଣୀ

**ଭଲ ଗୋଟେ ମାତୃଭାଷା କିସ ହେବ ଭାଇ**
**ଚଳି ଯାଉଅଛି କାମ ରୁଣ୍ଡାଇ ପୁଣ୍ଡାଇ ।**
**କୁକୁର କିମ୍ପାଇ ଗୋଟେ ବନାଇବ ଘର**
**ଚାଟି ବୁଲେ ବାରମିଶା ଅଇଁଠା ପତର ।**

**- ଫକିର ମୋହନ ସେନାପତି**

**ଶିକ୍ଷା ଦର୍ଶନ**

# ଶିଶୁର ସର୍ବାଙ୍ଗୀଣ ଉନ୍ନତିରେ ବିଦ୍ୟା ଭାରତୀର ଆଧାରଭୂତ ବିଷୟଗୁଡ଼ିକର ଭୂମିକା

✸ ଶ୍ରୀମତୀ ନିରୂପମା ଷଡ଼ଙ୍ଗୀ

ମାନବ ସମାଜ ପାଇଁ ଶିକ୍ଷାର ଆବଶ୍ୟକତା ଯୁଗେ ଯୁଗେ ରହିଛି । ବିଦ୍ୟା ଆହରଣ ପ୍ରତ୍ୟେକ ମନୁଷ୍ୟ ପାଇଁ ଅପରିହାର୍ଯ୍ୟ ଅଟେ । ଯେଉଁ ଦେଶର ଶିକ୍ଷା ପଦ୍ଧତି ଯେତେ ସୁଦୃଢ଼ ସେହି ଦେଶ ସେତିକି ବୈଶିଷ୍ଟ୍ୟପୂର୍ଣ୍ଣ । ସମଗ୍ର ବିଶ୍ୱରେ ଭାରତୀୟ ସଭ୍ୟତା ସର୍ବପ୍ରାଚୀନ ଅଟେ । ବୈଦିକ ଯୁଗରେ ଭାରତୀୟ ସଭ୍ୟତା ଜ୍ଞାନ ବିଜ୍ଞାନ ଆଦି କ୍ଷେତ୍ରରେ ସୁଶୃଙ୍ଖଳିତ ଓ ସୁସଂଗଠିତ ଥିଲା । ଏହା ସମ୍ଭବ ହୋଇଥିଲା କେବଳ ସେ ସମୟର ସମୁନ୍ନତ ଶିକ୍ଷା ପଦ୍ଧତି ଦ୍ୱାରା । ସେ ସମୟରେ ବେଦ ବିହିତ ନିୟମାନୁସାରେ ପ୍ରତ୍ୟେକେ ନିଜକୁ ପରିଚାଳିତ କରୁଥିଲେ । ଗୁରୁକୁଳ ଥିଲା ଆଦର୍ଶ ଶିକ୍ଷାନୁଷ୍ଠାନ । ଉପନୟନ ସଂସ୍କାର ପୂର୍ବକ ଶିକ୍ଷାୟତନ ଗୁରୁକୁଳରେ ରହି ବିଦ୍ୟାରମ୍ଭ କରୁଥିଲେ । ଶ୍ୟାମଳ ସ୍ନିଗ୍ଧ, ତରୁଛାୟାଯୁକ୍ତ ହୋମାଗ୍ନିପୂତ ଓ ଶାନ୍ତ ପରିବେଷ୍ଟନୀ ମଧ୍ୟରେ ଶିଷ୍ୟମାନେ କାୟମନୋବାକ୍ୟରେ ଇନ୍ଦ୍ରିୟ ସଂଯମ ପୂର୍ବକ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରି ନିରଳସ ଏବଂ ନିରାଡମ୍ବର ଜୀବନ ବିତାଉଥିଲେ । ସରଳ ଜୀବନଯାପନ ସମୁନ୍ନତ ଚିନ୍ତା ତଥା ଉତ୍ତମ ଚରିତ୍ରବତ୍ତା ଥିଲା ସେମାନଙ୍କର ଆଦର୍ଶ । କେବଳ ଯେ ସେମାନେ ବେଦାଦି ଅଧ୍ୟୟନ କରୁଥିଲେ ତାହା ନୁହେଁ, ଧର୍ମ ଏବଂ ନୈତିକତା ସହିତ ସେମାନେ କୃଷି, ଗୋପାଳନ, ହସ୍ତଶିଳ୍ପାଦି ମଧ୍ୟ ଶିକ୍ଷା କରୁଥିଲେ । ଶିକ୍ଷା ସମାପ୍ତି ପରେ ଶିଷ୍ୟମାନେ ଯେତେବେଳେ ଗୃହସ୍ଥାଶ୍ରମକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ଗୁରୁ ସେମାନଙ୍କୁ ଅମୂଲ୍ୟ ଉପଦେଶମାନ ଦେଉଥିଲେ, ଯାହା ଆଜି ମଧ୍ୟ ଉପନିଷଦରେ ବର୍ଣ୍ଣିତ । ଯଥା – ସତ୍ୟଂ ବଦ, ଧର୍ମଂ ଚର, ସ୍ୱାଧ୍ୟାୟାନ୍ମା ପ୍ରମଦଃ ଇତ୍ୟାଦି । ଯେଉଁ ଉପଦେଶଗୁଡ଼ିକୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସେମାନେ ପରିପାଳନ କରୁଥିଲେ ।

ତେବେ କାଳସ୍ରୋତସ୍ୱିନୀର କରାଳ ଗର୍ଭରେ ଆଜି ବିଲୀନ ସେହି ଉଜ୍ଜ୍ୱଳ ବୈଦିକ ପରମ୍ପରା ଆଉ ଶିକ୍ଷା ପଦ୍ଧତି । ଆଜି ଶିକ୍ଷା ପଦ୍ଧତି ଅଛି, ଅଛି ନାନାବିଧ ଅନୁଷ୍ଠାନ, ପ୍ରଜ୍ଞାଦୀପ୍ତ ଗୁରୁ ତଥା ଧୀମାନ୍ ଶିଷ୍ୟମାନେ ମଧ୍ୟ ଅଛନ୍ତି । କିନ୍ତୁ କର୍ପୂର ଉଡ଼ିଯାଇଛି କନା ପଡ଼ି ରହିଛି ନ୍ୟାୟରେ ଶିକ୍ଷାର ମୌଳିକତା ଆଜି ଦିଗହରା । ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଆକର୍ଷଣୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଦାନ କରାଯାଉଥିଲେ ମଧ୍ୟ ତାହା ଯେପରି ସମାଜ ପାଇଁ ବିକାଶୋନ୍ମୁଖୀ ନ ହୋଇ ବିନାଶୋନ୍ମୁଖୀ ହେଲା ପରି ପ୍ରତୀୟମାନ ହେଉଛି । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଦ୍ୟା ଭାରତୀ ଶିକ୍ଷା ଯୋଜନା ଅନ୍ତର୍ଗତ ଆଧାରଭୂତ ବିଷୟଗୁଡ଼ିକ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଦ୍ୟା ଭାରତୀର ଶିକ୍ଷା ପଦ୍ଧତି ଏବଂ ପ୍ରୟାସ ଭାରତୀୟ ସଂସ୍କୃତିକୁ ପୁନର୍ଜୀବିତ କରିବାର ଏକ ମାଧ୍ୟମ । ତେବେ ଉକ୍ତ ୫ ପ୍ରକାର ଆଧାରଭୂତ ବିଷୟର ଗୁରୁତ୍ୱ ଉପରେ ଏକ ବିହଙ୍ଗାବଲୋକନ କଲେ ଜଣା ପଡ଼ିବ । ସେଗୁଡ଼ିକ ହେଲା ଶାରୀରିକ ଶିକ୍ଷା, ଯୋଗ ଶିକ୍ଷା, ସଙ୍ଗୀତ ଶିକ୍ଷା, ସଂସ୍କୃତ ଶିକ୍ଷା ଏବଂ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ।

୧) ଶାରୀରିକ ଶିକ୍ଷା – ଆଧାରଭୂତ ବିଷୟମାନଙ୍କ ମଧ୍ୟରେ ପ୍ରଥମ ହେଉଛି ଶାରୀରିକ ଶିକ୍ଷା । 'ଶରୀରମାଦ୍ୟଂ ଖଳୁଧର୍ମ ସାଧନମ୍' ବୋଲି 'କୁମାରସମ୍ଭବମ୍'ରେ ଉଲ୍ଲେଖ ଅଛି । ପ୍ରତ୍ୟେକ ମାନବ ପାଇଁ ବ୍ୟାୟାମର ଆବଶ୍ୟକତା ଅପରିହାର୍ଯ୍ୟ ଅଟେ । ପ୍ରତିଦିନ ନିୟମିତ ଭାବରେ ବ୍ୟାୟାମ ବା ଶାରୀରିକ ଅଭ୍ୟାସ କଲେ ଶରୀର ଓ ମନ ସୁସ୍ଥ ରହେ । ସୁସ୍ଥ ଶରୀର ହିଁ ସୁସ୍ଥ ମନର ଉତ୍ପତ୍ତି ସ୍ଥଳ । ତେଣୁ ଶୈଶବରୁ ହିଁ ଶାରୀରିକ ଅଭ୍ୟାସ କରିବା ଆବଶ୍ୟକ । ଶୈଶବରୁ ଅଭ୍ୟାସ ଦ୍ୱାରା ଏହା ଅନାୟାସରେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପରିଣତ ହୁଏ ଏବଂ ଫଳପ୍ରଦ ହୋଇଥାଏ । ପ୍ରସନ୍ନ ଚିତ୍ତରୁ ହିଁ ସର୍ଜନଶୀଳତାର ସୃଷ୍ଟି ହୋଇଥାଏ । ଫଳରେ ଶିଶୁ

ମନରେ କର୍ମ ପ୍ରବଣତା ଭରିଯାଏ ଏବଂ ତାହାର ସର୍ବାଙ୍ଗୀଣ ଉନ୍ନତି ସାଧିତ ହୋଇଥାଏ ।

୨) ଯୋଗ ଶିକ୍ଷା - ଯୁଜ୍ ଧାତୁରୁ ଘଞ୍ ପ୍ରତ୍ୟୟ ହୋଇ ଯୋଗ ଶବ୍ଦ ନିଷ୍ପନ୍ନ । ଏହାର ଅର୍ଥ ଯୁକ୍ତ ହେବା । ଅର୍ଥାତ୍ - ଯେଉଁ ଶିକ୍ଷାଦ୍ୱାରା ବା ଯେଉଁ ପନ୍ଥା ଅବଲମ୍ବନ ଦ୍ୱାରା ଜୀବାତ୍ମା ପରମାତ୍ମାଙ୍କ ସହିତ ଯୋଗସୂତ୍ର ରକ୍ଷା କରିପାରେ ତାହା ହିଁ ଯୋଗ । ବେଦରେ ଯୋଗ ବିଷୟରେ ବିଶଦ ଆଲୋଚନା କରାଯାଇଛି । ବୈଦିକ ଯୁଗରେ ଗୁରୁକୁଳ ଅନ୍ତେବାସୀ ଶିଷ୍ୟଗଣ ଅଷ୍ଟାଙ୍ଗ ଯୋଗ ସାଧନା କରୁଥିଲେ । ଯୋଗର ଆଠଟି ଅଙ୍ଗ ହେଉଛି ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି । ଯୋଗର ପ୍ରଥମ ସୋପାନ ଯମ (ସଂଯମ) ଅର୍ଥାତ୍ ଇନ୍ଦ୍ରିୟ ସଂଯମ କରିବା । ସଂଯତେ ନ୍ଦ୍ରିୟ ଛାତ୍ର ହିଁ ଉପଯୁକ୍ତ ଜ୍ଞାନ ଆହରଣ ପାଇଁ ଯୋଗ୍ୟ ଅଟେ । ଯାହା ଗୀତାରେ ଶ୍ରୀକୃଷ୍ଣଙ୍କ ମୁଖରେ ବ୍ୟାସଦେବ କହିଛନ୍ତି -

ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ।

ଅର୍ଥାତ୍ ଶ୍ରଦ୍ଧାବାନ୍ ଏବଂ ସଂଯମୀ ଛାତ୍ରଛାତ୍ରୀମାନେ ଉପଯୁକ୍ତ ଜ୍ଞାନ ଆହରଣ କରି ନୈସର୍ଗିକ ଶାନ୍ତି ଲାଭ କରନ୍ତି । ଆହୁରି ମଧ୍ୟ ଗୀତାରେ କୁହାଯାଇଛି ଯେ ଜଣେ ଯୋଗଯୁକ୍ତ ହେଲେ ହିଁ ଜ୍ଞାନ ଆହରଣ କରି ଧୀଶକ୍ତି ସଂପନ୍ନ ହୋଇ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରେ । ତପସ୍ୱୀ ଏବଂ ଜ୍ଞାନୀଠାରୁ ମଧ୍ୟ ଯୋଗୀକୁ ଶ୍ରେଷ୍ଠ ଆସନ ଦିଆଯାଇଛି । ଯଥା - ତପସ୍ୱୀଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ । ଆଜିର ଉଶୃଙ୍ଖଳିତ ସମାଜକୁ ସୁଶୃଙ୍ଖଳିତ କରିବା ପାଇଁ ଛାତ୍ରାବସ୍ଥାରୁ ହିଁ ଯୋଗାଭ୍ୟାସ ଅପରିହାର୍ଯ୍ୟ । ଏହି ଦୃଷ୍ଟିରୁ ବିଦ୍ୟା ଭାରତୀର ପ୍ରୟାସ ପ୍ରଶଂସନୀୟ ଏବଂ ଯୁଗୋପଯୋଗୀ ଅଟେ ।

୩) ସଙ୍ଗୀତ ଶିକ୍ଷା - ଛନ୍ଦୋମୟୀ ବାଣୀ ଯାହା ଉତ୍ତମ ରୂପେ ଗାନ କରାଯାଏ, ତାହା ହିଁ ସଙ୍ଗୀତ । ଆବାଳବୃଦ୍ଧବନିତା ସଭିଙ୍କ ମନରେ ଆନନ୍ଦର ଉତ୍ତାଳ ଲହରୀ ଭରିଦିଏ ସଙ୍ଗୀତର ମଧୁ ମୂର୍ଚ୍ଛନା । ସଙ୍ଗୀତର ଶକ୍ତି ଏପରି ଯାହା ରୋଗୀକୁ ନିରାମୟତା ପ୍ରଦାନ କରିଥାଏ । ଶୁଷ୍କ ତରୁଗଣ ନବ କିଶଳୟରେ ଉଲ୍ଲସି ଉଠନ୍ତି ସଙ୍ଗୀତର ରସାସ୍ୱାଦନରେ, କେତେବେଳେ ପୁଣି ମେଘ ମହ୍ଲାରର ସୁର ସମ୍ଭାରରେ ବର୍ଷାଧାରା ସିକ୍ତ କରେ ଧରାକୁ, ଜୀବଜନ୍ତୁକୁ ମଧ୍ୟ ସଙ୍ଗୀତଦ୍ୱାରା ବଶୀଭୂତ କରାଯାଇପାରେ । ଖାଲି ସେତିକି ନୁହେଁ କିଂବଦନ୍ତୀ କହେ ମାଲୁଣୀର କଣ୍ଠରୁ ଗୀତ ଗୋବିନ୍ଦର ସୁମଧୁର ଗାନ ଶୁଣିବା ପାଇଁ ଶ୍ରୀଜଗନ୍ନାଥ ରତ୍ନ ସିଂହାସନ ଛାଡ଼ି ଚାଲି ଯାଇଥିଲେ ବାଇଗଣ ବାଡ଼ିକୁ ।

ସଙ୍ଗୀତର ଉପାଦେୟତା ଯୁଗେ ଯୁଗେ ରହିଛି । କେତେବେଳେ ସେ ମଣିଷ ମନରେ ଆଧ୍ୟାତ୍ମିକତାର ଉଚ୍ଛ୍ୱାସ ଭରିଦିଏ ତ କେତେବେଳେ ଜାଗୃତିର ଉନ୍ମାଦନା ପୁଣି ଆଉ କେତେବେଳେ ଜାତୀୟତାର ଭାବାବେଗ । ଏଣୁ ସଙ୍ଗୀତ ଶିକ୍ଷା ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟାବଶ୍ୟକ । ମା'ମାନେ ଶିଶୁକୁ ଗୀତ ଗାଇ ଶୁଆଇ ଦିଅନ୍ତି । ତାହାଦ୍ୱାରା ଶିଶୁଟିର ସ୍ମୃତିଶକ୍ତି ବୃଦ୍ଧି ପାଏ । ପଠନ ଓ ଲିଖନ ଅପେକ୍ଷା ସଙ୍ଗୀତ ମାଧ୍ୟମରେ ଶିଶୁଟି ସହଜରେ ଶିକ୍ଷାଗ୍ରହଣ କରିପାରେ । ସଙ୍ଗୀତ ହିଁ ଶିଶୁର କୋମଳ ମନରେ ଶିକ୍ଷା ପ୍ରତି ଆଗ୍ରହ ଜନ୍ମାଏ । ତେଣୁ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ସଙ୍ଗୀତ, ଯାହା ଶିଶୁର ସର୍ବାଙ୍ଗୀଣ ଉନ୍ନତିର ମୁଖ୍ୟ ସହାୟକ ।

୪) ସଂସ୍କୃତ ଶିକ୍ଷା - ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର । ସର୍ବ ଭାରତୀୟ ଭାଷାମାନଙ୍କର ଜନନୀ ରୂପେ ସଂସ୍କୃତ ଭାଷା ସର୍ବପ୍ରାଚୀନ ଅଟେ । ଏହାକୁ ଲୋକଭାଷା, ଦେବଭାଷା, ବେଦଭାଷା ତଥା ଅମୃତନିସ୍ୟନ୍ଦିନୀ ନିର୍ବାଣ ବାଣୀ ବୋଲି କୁହାଯାଏ । ଆମର ଧର୍ମଗ୍ରନ୍ଥ ତଥା ସର୍ବ ପ୍ରାଚୀନ ଗ୍ରନ୍ଥ ବେଦ ସଂସ୍କୃତ ଭାଷାରେ ଲିପିବଦ୍ଧ । ବେଦ ଜ୍ଞାନ ରତ୍ନାକର ସଦୃଶ । ବେଦରୂପକ ଜ୍ଞାନ ସାଗରରେ ଅବଗାହନ କରିବା ପାଇଁ ସଂସ୍କୃତ ଭାଷା ଶିକ୍ଷା ଅପରିହାର୍ଯ୍ୟ ଅଟେ ।

କେବଳ ଯେ ବେଦାଧ୍ୟୟନ ପାଇଁ ସଂସ୍କୃତ ଆବଶ୍ୟକ ତାହା ନୁହେଁ, ସଂସ୍କୃତ ଭାଷାରେ ବର୍ଣ୍ଣିତ ଉପନିଷଦ, ପୁରାଣ, ସାହିତ୍ୟ, ନୀତିଶାସ୍ତ୍ର, ଅଳଙ୍କାରଶାସ୍ତ୍ର, ବ୍ୟାକରଣ ଶାସ୍ତ୍ର,

ଜ୍ୟୋତିଷଶାସ୍ତ୍ର, ମନୁସ୍ମୃତି, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଆଦି ପ୍ରତ୍ୟେକ ସମାଜ ପାଇଁ ଉପାଦେୟ । ବିପଥଗାମୀ ମାନବ ସମାଜକୁ ସନ୍ମାର୍ଗ ପ୍ରଦର୍ଶନ ପାଇଁ ସମାଜ ହିତୈଷୀ ସଂସ୍କୃତ ନୀତିକାରମାନେ ଯେଉଁସବୁ ନୀତିଶାସ୍ତ୍ରମାନ ରଚନା କରିଯାଇଅଛନ୍ତି ସେଗୁଡ଼ିକ ଅମ୍ଳାନ ଜ୍ୟୋତି ସଦୃଶ ଯୁଗେ ଯୁଗେ ମାନବ ସମାଜ ପାଇଁ ଆଲୋକ ବର୍ତ୍ତିକା । ପାଣିନିଙ୍କ ଦ୍ୱାରା ରଚିତ ସଂସ୍କୃତ ବ୍ୟାକରଣ ସମଗ୍ର ବିଶ୍ୱରେ ଅଦ୍ୱିତୀୟ ଅଟେ । ଯିଏ ଥରେ କାଳିଦାସଙ୍କ ମେଘଦୂତ ପଢ଼ିଛି ସେ ହିଁ ମେଘ ପୃଷ୍ଠରେ ବସି ଗିରି ନଦୀ ଭରା ଭାରତର ପ୍ରାକୃତିକ ଶୋଭାକୁ ଉପଭୋଗ କରିଛି, ବାଣଭଟ୍ଟଙ୍କର ବେଣୀ ସଂହାର ନାଟକରେ କର୍ଣ୍ଣଙ୍କର ଶୌର୍ଯ୍ୟ ତଥା ପୌରୁଷକୁ ମର୍ମେ ମର୍ମେ ହୃଦୟଙ୍ଗମ କରିଛି ଆଉ ଭର୍ତ୍ତୃହରିଙ୍କର ବୈରାଗଶତକମ୍‌ରେ ସଂସାରର ଅସାରତାକୁ ବୁଝିପାରିଛି ।

ତେବେ ଯାହା ହେଉ ବିଦ୍ୟା ଭାରତୀର ଶିକ୍ଷା ଯୋଜନାରେ ପ୍ରଥମ ଶ୍ରେଣୀରୁ ସଂସ୍କୃତ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଶିକ୍ଷା ସଂସ୍ଥାନେଷୁ ବିଦ୍ୟା ଭାରତୀ
　　ହୃଦ୍ୟା ରମ୍ୟା ମନୋଜ୍ଞା ଭାତି
ତତ୍ରାଧାରେଷୁ ସଂସ୍କୃତ ଶିକ୍ଷା
　　ବିଶ୍ୱେ ବିକିରତି ଅମ୍ଳାନ ଜ୍ୟୋତି ।

୫) ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା - ପ୍ରଶସ୍ତି ପତ୍ରରେ ଥିବା ସର୍ବୋଚ୍ଚ ଅଙ୍କରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ମପାଯାଏ ନାହିଁ । ନୈତିକତା ହିଁ ବ୍ୟକ୍ତିର ପରିଚୟ । ଏଣୁ ନୈତିକତା ହୀନ ଶିକ୍ଷା ନିରର୍ଥକ ଅଟେ । ନୀତି, ନିୟମ, ଶୃଙ୍ଖଳା ତଥା ସଦାଚାର ହିଁ ମଣିଷର ଶ୍ରେଷ୍ଠ ଗୁଣ । ସଦାଚାରୀ ସୁଶୃଙ୍ଖଳିତ ତଥା ନୀତିନିଷ୍ଠ ମାନବ ସମାଜ ଗଠନ ପାଇଁ ଶିଶୁ ଅବସ୍ଥାରୁ ହିଁ ନୈତିକ ଶିକ୍ଷା ଅପରିହାର୍ଯ୍ୟ । ସଦାଚାର ବା ଶୀଳ ହିଁ ସବୁଠାରୁ ଶ୍ରେଷ୍ଠ ସମ୍ପଦ । 'ଶୀଳଂ ସର୍ବତ୍ର ବୈ ଧନମ୍' ବୋଲି ନୀତିଶାସ୍ତ୍ରରେ କୁହାଯାଇଛି ।

ନୈତିକତାର ଜନକ ଆଧ୍ୟାତ୍ମିକତା । ଆଧ୍ୟାତ୍ମିକ ଅନୁଭୂତି ବା ଚିନ୍ତନ ଦ୍ୱାରା ଜଣେ ନୀତିନିଷ୍ଠ ହୋଇପାରିବ । ଈଶ୍ୱର ସର୍ବବ୍ୟାପକ, ସେ ସର୍ବ ଶକ୍ତିମାନ । ଏହି ସୃଷ୍ଟିର ରେଣୁ ରେଣୁରେ ବିଦ୍ୟମାନ ତାଙ୍କର ସତ୍ତା । (ଈଶାବାସ୍ୟମିଦଂ ) ତାଙ୍କର ସହସ୍ର ଆଖି, ସହସ୍ର ପାଦ । ସୃଷ୍ଟିରେ ଯାହା ଯାହା ଘଟୁଛି ସବୁକିଛି ଈଶ୍ୱର ଅପଲକ ନୟନରେ ସଂଦର୍ଶନ କରନ୍ତି । ଯାହା ଭକ୍ତ କବି ମଧୁସୂଦନ ରାଓ ବର୍ଣ୍ଣବୋଧରେ ଲେଖିଛନ୍ତି -

ଯାହା ମୁଁ କରଇ ଯାହା ମୁଁ କହଇ
　　ଯାହା ମୁଁ ଚିନ୍ତଇ ମନେ
ଜଗତର କର୍ତ୍ତା ପରମ ଈଶ୍ୱର
　　ଜାଣୁଛନ୍ତି ପ୍ରତି ଅନୁକ୍ଷଣେ ।

ଏହି ପ୍ରକାର ଆଧ୍ୟାତ୍ମିକ ଚିନ୍ତାଧାରା ଯଦି ଶିଶୁ ମନରେ ଉଦ୍ରେକ କରାଯାଇ ପାରିବ ତେବେ ଦୁର୍ନୀତି ଆଚରଣ ପାଇଁ ତା ମନରେ ଭୟ ସଂଚାରିତ ହେବ । ଭୟରୁ ତା ମନରେ ଉଦ୍ରେକ ହେବ ଭକ୍ତି ଭାବ । ଆଉ ସେହି ଭକ୍ତି ଭାବ ହିଁ ନୀତିନିଷ୍ଠ କରି ଗଢ଼ିତୋଳିବ । ତେଣୁ ଶିଶୁର ସର୍ବାଙ୍ଗୀଣ ଉନ୍ନତି ପାଇଁ ଉକ୍ତ ଶିକ୍ଷାର ଆବଶ୍ୟକତା ଅପରିହାର୍ଯ୍ୟ ଅଟେ । ଆଜିର ଶିଶୁ ଆଗାମୀ ପିଢ଼ିର ନାଗରିକ । ଜଣେ ନୀତିନିଷ୍ଠ ସୁନାଗରିକ ହିଁ ଶୃଙ୍ଖଳିତ ସୁସଂଗଠିତ ସୁସ୍ଥ ସମାଜ ଗଠନର ସୂତ୍ରଧର ଅଟେ ।

*ଆଚାର୍ଯ୍ୟା,*
*ସ.ଶି.ବି.ମ, ପଟାମୁଣ୍ଡାଇ*

## ଅମର ବାଣୀ

ହୋଇ ଏକ ପ୍ରାଣ ହୋଇ ଏକ ମନ
　　ଉଚ୍ଚ ତାନେ ଗାଅ 'ଭାରତୀ ଜୟ'
ଉଚ୍ଚେ ଟେକ କୀର୍ତ୍ତି ପତାକା ଗଗନ
　　ହୋଇଯାଉ ଶୁଭ୍ର ପତାକାମୟ ।
- ଗଙ୍ଗାଧର ମେହେର

ନିଶ୍ଚୟ ଜାଣି ଏକ ଚିତ୍ତେ । ପ୍ରଣାମ କରୁଥିବ ନିତ୍ୟେ ॥

**ଜୀବନ ମୂଲ୍ୟ**

# ଶ୍ୱେତକେତୁ

* ଶ୍ରୀ ନରେନ୍ଦ୍ରକୁମାର ରାଉଳ

'ଛାନ୍ଦୋଗ୍ୟ' ଉପନିଷଦର କଥା, ପୁତ୍ର ଶ୍ୱେତକେତୁଙ୍କୁ ପିତା ଉଦ୍ଦାଳକ କହିଲେ, 'ଆମ ବଂଶରେ ଜନ୍ମଗ୍ରହଣ କରିଥିବା କୌଣସି ବାଳକ ବ୍ରହ୍ମବିଦ୍ୟା ଅଧ୍ୟୟନ ବିନା ରହି ନାହାନ୍ତି । ତେଣୁ ତୁମକୁ ବ୍ରହ୍ମବିଦ୍ୟା ଅଧ୍ୟୟନ ନିମନ୍ତେ ଗୁରୁ ଆଶ୍ରମକୁ ଯିବାକୁ ପଡ଼ିବ ।' ପିତାଙ୍କ ଆଦେଶ କ୍ରମେ ଶ୍ୱେତକେତୁ ୧୨ ବର୍ଷ ବୟସରେ ଗୁରୁ ଆଶ୍ରମକୁ ଗଲେ ଓ ତାଙ୍କୁ ୨୪ ବର୍ଷ ବୟସ ହେବା ପର୍ଯ୍ୟନ୍ତ ବେଦର ଅଧ୍ୟୟନ ଓ ଅନୁଶୀଳନ କଲେ । ଏହାପରେ ସେ ସ୍ୱଗୃହକୁ ପ୍ରତ୍ୟାଗମନ କରି ନିଜକୁ ବିଦ୍ୱାନ ଅନୁଭବ କରି ସ୍ୱାଭିମାନର ସହିତ ପିତାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପିତା ଉଦ୍ଦାଳକ ପୁତ୍ର ଶ୍ୱେତକେତୁ ମଧ୍ୟରେ ନମ୍ରତା ଓ ସୁଲକ୍ଷଣ ନ ଦେଖି ବିପରୀତ ସ୍ୱଭାବଯୁକ୍ତ ଅହଂକାର ଲକ୍ଷଣମାନ ଦେଖିବାକୁ ପାଇଲେ । ଶ୍ୱେତକେତୁର ଜ୍ଞାନ ବାସ୍ତବରେ ଅପୂର୍ଣ୍ଣ ଅଛି ଅନୁଭବ କରି ପିତା ଶ୍ୱେତକେତୁକୁ ପଚାରିଲେ, 'ତୁମେ ଆଚାର୍ଯ୍ୟଙ୍କ ଠାରୁ ପରମବ୍ରହ୍ମଙ୍କର ଏହିଭଳି କିଛି ଜ୍ଞାନ ଲାଭ କରିଛ କି, ଯାହାଦ୍ୱାରା ଶୁଣା ଯାଇ ନ ଥିବା ଶବ୍ଦକୁ ଶୁଣି ହୋଇଯାଏ, ତର୍କ କରୁ ନ ଥିବା ବ୍ୟକ୍ତି ତର୍କରେ ପାରଙ୍ଗମ ହୋଇଯାଏ ?' ଶ୍ୱେତକେତୁ ଉତ୍ତରରେ କହିଲେ, ସେ ଜ୍ଞାନ ବା ଉପଦେଶ କିପରି ପିତା ! ଉଦ୍ଦାଳକ କହିଲେ - ଯେପରି ଏକ ମୃତ୍ତିକା ପିଣ୍ଡରୁ ସମସ୍ତ ମାଟିର ତିଆରି ପଦାର୍ଥ ବିଷୟରେ ଜାଣିହୁଏ । ନାମ ଓ ରୂପର ହିଁ ଭିନ୍ନତା ସତ୍ୟ ଓ କେବଳ ଏକ ମୃତ୍ତିକା । ସେହିପରି ଏକ ସୁବର୍ଣ୍ଣ ପିଣ୍ଡରୁ ବିଭିନ୍ନ ପ୍ରକାରର ସୁବର୍ଣ୍ଣ ଆଭୂଷଣ ହୋଇଥାଏ । ତାହା ମଧ୍ୟ ନାମ ଓ ରୂପର ଭିନ୍ନତା, ସୁବର୍ଣ୍ଣ ହିଁ ଏକମାତ୍ର ସତ୍ୟ । ପ୍ରାରମ୍ଭରେ ସତ୍ ହିଁ ଥିଲା । ସେ (ସତ୍) ସଂକଳ୍ପ କଲେ ଯେ ମୁଁ ବିଭିନ୍ନ ରୂପରେ ଉତ୍ପନ୍ନ ହେବି । ଏ ଜଗତ ସୂକ୍ଷ୍ମ ଭାବରେ ଆତ୍ମତତ୍ତ୍ୱରେ ପରିପୂର୍ଣ୍ଣ । ତୁମେ ମଧ୍ୟ ସେହି ସତ୍ୟ ତତ୍ତ୍ୱ ରୂପରେ ପୂର୍ଣ୍ଣ । ଶ୍ୱେତକେତୁ ପିତାଙ୍କୁ ପୁନଃ ନିବେଦନ କଲେ, ସ୍ପଷ୍ଟ ଭାବରେ ବୁଝାଇବା ପାଇଁ । ପିତା ଉତ୍ତରରେ କହିଲେ ହେ ସୌମ୍ୟ ! ସମ୍ମୁଖରେ ଥିବା ମହାନ ବଟ ବୃକ୍ଷରୁ ଗୋଟିଏ ଫଳ ନେଇ ଆସ । ଶ୍ୱେତକେତୁ ତୁରନ୍ତ ବଟବୃକ୍ଷର ଏକ ଫଳ ନେଇ ଆସିଲେ । ଉଦ୍ଦାଳକ ତାକୁ ଭାଙ୍ଗିବା ପାଇଁ କହିଲେ ଓ ତା ମଧ୍ୟରେ କ'ଣ ଦେଖୁଛ ବୋଲି ପଚାରିଲେ । ଶ୍ୱେତକେତୁ ତା'ର ଉତ୍ତରରେ ଅଣୁ ଭଳି ଦାନା ଦେଖୁଥିବାର କହିଲେ । ଉଦ୍ଦାଳକ କହଲେ ତା' ମଧ୍ୟରୁ ଗୋଟିଏ ଦାନାକୁ ନେଇ ପୁନଃ ଭାଙ୍ଗିଦିଅ । ଶ୍ୱେତକେତୁ ଦାନାଟିକୁ ଭାଙ୍ଗିଦେବା ପରେ ପିତା ପଚାରିଲେ ତା' ମଧ୍ୟରେ ଏବେ କ'ଣ ଦେଖୁଛ ? ଶ୍ୱେତକେତୁ କହିଲେ, ଏହା ମଧ୍ୟରେ ମୋତେ କିଛି ଦେଖାଯାଉ ନାହିଁ ।

ଉଦ୍ଦାଳକ କହିଲେ, ହେ ସୌମ୍ୟ ! ଏହି ବଟ ଫଳର ମଞ୍ଜି ଭିତରେ ଯେଉଁ ଅତି ସୂକ୍ଷ୍ମ ଅଣୁ ରୂପକୁ ତୁମେ ଦେଖିପାରୁ ନାହଁ, ତହିଁରେ ମଧ୍ୟ ବିଶାଳ ବଟବୃକ୍ଷ ରହିଛି । ଏହି ବଟବୃକ୍ଷର ଯେଉଁ ଅଣୁରୂପ ରହିଛି ତଦନୁରୂପ ଏ ସବୁ ସୂକ୍ଷ୍ମ ଜଗତ ଅଟେ । ତାହା ସତ୍ୟ ଏବଂ ତୁମେ ମଧ୍ୟ ସ୍ୱୟଂ ସେହି ତତ୍ତ୍ୱ । ଉଦ୍ଦାଳକ ପୁନଃ ଉଦାହରଣ ଦେଇ କହିଲେ ଲବଣ ଜଳରେ ଲବଣ ଯେପରି ବିଦ୍ୟମାନ କିନ୍ତୁ ତୁମେ ଲବଣକୁ ଦେଖିପାରୁ ନାହଁ ଠିକ୍ ସେହିପରି ସମ୍ପୂର୍ଣ୍ଣ ଜଗତ ଅତି ସୂକ୍ଷ୍ମରୂପେ ସତ୍‌ତତ୍ତ୍ୱ ଆତ୍ମାରେ ବିଦ୍ୟମାନ ଏହା ସତ୍ୟ । ଠିକ୍ ସେହିପରି ହେ ଶ୍ୱେତକେତୋ ! ତୁମେ ସ୍ୱୟଂ ସତ୍ୟସ୍ୱରୂପ । ତେଣୁ ହେ ସୌମ୍ୟ ! ପୂର୍ବରୁ ମୁଁ କହିଥିବା ସମସ୍ତ ବିଷୟକୁ ଶ୍ରଦ୍ଧାପୂର୍ବକ ବିଶ୍ୱାସ କର ।

*ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,*
*ଶି.ବି.ସ. ଓଡ଼ିଶା*

ଅମୃତ ବିନୟ ବଚନ । କହି ତୋଷିବ ପ୍ରାଣୀ ମନ ॥

ଭାଷା ବିଭବ

# ମୃଣ୍ମୟୀ ଜାଗ ଚିନ୍ମୟୀ ହୋଇ

*ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

ଏହା ଗୋଟିଏ ଦେଶଭକ୍ତି ଗୀତର ଏକ ପାଦ ମାତ୍ର । କବି ବର୍ତ୍ତମାନର ସାମାଜିକ ଅବସ୍ଥାକୁ ମର୍ମେ ମର୍ମେ ଅନୁଭବ କରି ଅତ୍ୟନ୍ତ ମର୍ମାହତ ହେବା ସହ କୋଟି କୋଟି ଭାରତୀୟଙ୍କ ହୃଦୟରେ ତଜ୍ଜନିତ ଦୁଃଖ ରୂପକ ଅନ୍ଧକାରକୁ ବିନାଶ କରିବା ନିମନ୍ତେ ଭାରତମାତା ପ୍ରକଟିତ ହେବାକୁ ସେ ଅନୁରୋଧ କରିଛନ୍ତି । ସେ ଯୋଗୀ ଅରବିନ୍ଦଙ୍କ ପଦାଙ୍କ ଅନୁସରଣ କରି ଭାରତମାତାଙ୍କୁ ମାଟିର ପ୍ରତିମା ନ କହି ଚିନ୍ମୟୀ ଜଗନ୍ମାତା ବୋଲି ସମ୍ବୋଧନ କରିଛନ୍ତି । ଶକ୍ତି ସ୍ୱରୂପିଣୀ ଜଗଦମ୍ବା ଅସାମାଜିକ ଓ ଅରାଷ୍ଟ୍ରୀୟ ତତ୍ତ୍ୱକୁ ବିନାଶ କରି ଭାରତବର୍ଷକୁ ଏକ ସମୁନ୍ନତ ଦେଶରେ ପରିଣତ କରିବା ସଙ୍ଗେ ସଙ୍ଗେ ସମଗ୍ର ପୃଥିବୀରୁ ଭୋଗବାଦୀ ସଂସ୍କୃତିର ଉନ୍ମୂଳନ ଏବଂ ତ୍ୟାଗବାଦୀ ସଂସ୍କୃତିର ସଂସ୍ଥାପନ ତଥା ଅବିଶ୍ୱାସ ଓ ଅନାସ୍ଥା ବିଜଡ଼ିତ ଭୀତତ୍ରସ୍ତ ସମାଜକୁ ସେଥିରୁ ତ୍ରାହି କରିବାକୁ ସେ ନିବେଦନ କରିଛନ୍ତି । ନିଜର ସ୍ୱାର୍ଥ ସାଧନ ଓ ବ୍ୟବସାୟ ନିମନ୍ତେ ବିଶ୍ୱାସଘାତକମାନଙ୍କ ଦ୍ୱାରା ପରିକଳ୍ପିତ 'ଗ୍ଲୋବାଲ ଭିଲେଜ' ନୁହେଁ ବରଂ ଆର୍ଯ୍ୟ ଋଷିଙ୍କ ମୁଖନିଃସୃତ 'ବସୁଧୈବ କୁଟୁମ୍ବକମ୍'ର ପ୍ରତିଷ୍ଠା ଓ ପାରିବାରିକ ସହଯୋଗ ଦ୍ୱାରା ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ଅଭୟ ବର ପ୍ରଦାନ କରିବାକୁ ପ୍ରାର୍ଥନା କରିବାକୁ ଯାଇ ସେ ଲେଖିଛନ୍ତି:-

ମୃଣ୍ମୟୀ ଜାଗ ଚିନ୍ମୟୀ ହୋଇ
ହିନ୍ଦୁ ହୃଦୟ-ତମସା ତୁଟାଇ
ବିଶ୍ୱ ମାନବେ କର ମା' ତ୍ରାହି
ଅଭୟା ଅଭୟ ଦିଅ ଗୋ ବାରେ ।

କବିତାର ପ୍ରଥମ ପାଦରେ କବି 'ମୃଣ୍ମୟୀ' ଓ 'ଚିନ୍ମୟୀ' ଦୁଇଟି ପଦ ପ୍ରୟୋଗ କରିଛନ୍ତି । ଶବ୍ଦ ଦୁଇଟିର ଗଠନକୁ ଯଦି ସମୀକ୍ଷା କରିବା ତେବେ ମୃତ୍+ମୟ+ଈ=ମୃଣ୍ମୟୀ ଏବଂ ଚିତ୍+ମୟ+ଈ=ଚିନ୍ମୟୀ ହୋଇଥିବା ଜାଣିପାରିବା । ବ୍ୟଞ୍ଜନ ସନ୍ଧି ନିୟମାନୁଯାୟୀ ଯଦି ପର ପଦର ଆଦ୍ୟ ବର୍ଣ୍ଣ 'ମ୍' ବା 'ନ୍' ଥାଇ ପୂର୍ବ ପଦର ଶେଷ ବର୍ଣ୍ଣ ବର୍ଗର ପ୍ରଥମ ବର୍ଣ୍ଣ ହୋଇଥାଏ ତେବେ ତାହା ସେହି ବର୍ଗର ପଞ୍ଚମ ବର୍ଣ୍ଣ ହୋଇଯାଏ । ଏହି ନିୟମ ଅନୁସାରେ ଦୁଇଟି ଯାକ ଶବ୍ଦର ଦ୍ୱିତୀୟ ପଦର ଆଦ୍ୟ ବର୍ଣ୍ଣ 'ମ୍' ରହିଥିବାରୁ ଏବଂ ପୂର୍ବ ପଦର ଶେଷ ବର୍ଣ୍ଣ 'ତ୍' ଥିବାରୁ ତାହା 'ତ' ବର୍ଗର ପଞ୍ଚମ ବର୍ଣ୍ଣ 'ନ'ହୋଇ ମୃନ୍ମୟୀ ଓ ଚିନ୍ମୟୀ ହେବା କଥା । ଏଠାରେ ପ୍ରଥମ ଶବ୍ଦ ପାଖରେ ବ୍ୟତିକ୍ରମ ଦେଖାଯାଇ ମୃନ୍ମୟୀ ବଦଳରେ ମୃଣ୍ମୟୀ ହୋଇଛି । ଏପରି ବ୍ୟତିକ୍ରମ ବ୍ୟାକରଣର ଣତ୍ୱବିଧି ନିୟମ କାରଣରୁ ହୋଇଥାଏ । ନିୟମଟି ହେଉଛି ପଦ ମଧ୍ୟରେ ର, ଋ , ଷ ପରେ ନ୍ ଥିଲେ ନ୍ ସ୍ଥାନରେ ଣ୍ ହୁଏ । ତ୍ ପୂର୍ବରୁ ଋ( ୃ ) ଥିବାରୁ ନ୍ ନ ହୋଇ ଣ୍ ହେବାରୁ ମୃଣ୍ମୟୀ ହେଲା ।

ସେହିପରି ଆଉ କେତେକ ଉଦାହରଣ ମଧ୍ୟ ଆମେ ନେଇ ପାରିବା । ଯଥା:- କୃ+ଆନ=କୁର୍ବାଣ, କୃ+ମାନ= କ୍ରିୟମାଣ, ସମ୍+କୃ+ତ=ସଂକୀର୍ଣ୍ଣ, କୃ+ଅନୀୟ=କରଣୀୟ, ସ୍ମୃ+ଅନୀୟ=ସ୍ମରଣୀୟ, ବୃ+ଅନୀୟ=ବରଣୀୟ, ହୃ+ଅନୀୟ=ହରଣୀୟ, ଅନୁ+କୃ+ଅନୀୟ=ଅନୁକରଣୀୟ, କୃପ୍+ଅନ=କୃପଣ, କୃପା+ନୁଦ୍+ଅ=କୃପାଣ(ଏଠାରେ ର ଓ ନ୍ ମଧ୍ୟରେ ପ୍ ଓ ଆ ବ୍ୟବଧାନ ରହିଛି କିନ୍ତୁ ଆଉ ଏକ ନିୟମ ରହିଛି - ର, ଋ, ଷ ଓ ନ୍ ମଧ୍ୟରେ ସ୍ୱରବର୍ଣ୍ଣ, କବର୍ଗର ବର୍ଣ୍ଣ, ପବର୍ଗର ବର୍ଣ୍ଣ ଯ, ବ୍, ହ୍ ଓ ଅନୁସ୍ୱାର ମଧ୍ୟରୁ ଏକ ବା ଏକାଧିକ ବର୍ଣ୍ଣର ବ୍ୟବଧାନ ଥିଲେ ମଧ୍ୟ ନ୍, ଣ୍ ରେ ପରିଣତ ହୋଇଥାଏ) ଗୃହ+ଇନ୍+ଈ=ଗୃହିଣୀ, ଜୃମ୍ଭ୍+ଅନ=ଜୃମ୍ଭଣ, ଦୃଢ଼+ଚ୍ୱି+କୃ+ଅନ=ଦୃଢ଼ୀକରଣ ହୋଇଛି ।

ସାରସ୍ୱତ ସାଧନାରେ ବ୍ରତୀ ହେଲେ ଚିନ୍ମୟୀ ଜଗନ୍ମାତା ଅବଶ୍ୟ ଆମକୁ ଆଶିଷ ପ୍ରଦାନ କରିବେ ।

*ପ୍ରାନ୍ତ ନିରୀକ୍ଷକ,*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

ଏ ଭାବେ ଲଭି କୃଷ୍ଣ ପାଦ । ହରିବ ବିଷୟା ବିଷାଦ ।।



ରାଜଲକ୍ଷ୍ମୀ ମହାଅଧିକାରୀ, ସ.ଶି.ବି.ମ, ଚନ୍ଦନପୁର, ପୁରୀ



ସ୍ୱାଗତ ପ୍ରିୟଦର୍ଶୀ, ସ.ଶି.ବି.ମ, ଭଞ୍ଜନଗର



ସତ୍ୟପ୍ରାଜ୍ଞ ନାୟକ, ସ.ଶି.ବି.ମ, ବାଲୁବଜାର କଟକ



ଦେବୀପ୍ରିୟା ପଟେଲ



ଅନନ୍ୟା ପଦାକା, ସ.ଶି.ବି.ମ, ଗୁଣପୁର



ଅନ୍ନପୂର୍ଣ୍ଣା ଶତପଥୀ, ସ.ଶି.ବି.ମ, ଗାଲେରି



ଜ୍ଞାନଜ୍ୟୋତି ଦାଶ, ସ.ଶି.ବି.ମ, ଛତ୍ରପୁର



ପ୍ରୀତିପ୍ରିୟାଣୀ ନାୟକ, ସ.ଶି.ବି.ମ, ବାଙ୍କିରିପୋଷି, ମୟୂରଭଞ୍ଜ



ସଂଗୀତା ଶତପଥୀ, ସ.ଶି.ବି.ମ, ବାରିପଦା



ଟିକେଶ୍ୱରୀ ସାହୁ, ସ.ଶି.ବି.ମ, ମଇଦଲପୁର

କବିତା ପସରା

# ଦେଖାଇବା ପରାକାଷ୍ଠା

■ ଶ୍ରୀ ବସନ୍ତ କୁମାର ପ୍ରଧାନ

ଭାଷା ଭିତ୍ତିକ ପ୍ରଦେଶ ଅଟଇ
ଆମର ଏହି ଓଡ଼ିଶା
ସୁନ୍ଦର ତାହାର ପ୍ରାକୃତିକ ଶୋଭା
ସୁନ୍ଦର ତାହାର ଭାଷା ।
ଓଡ଼ିଆ ଜାତିର ଓଡ଼ିଆ ଭାଷାର
ଥିଲେ ଜାତି କର୍ଣ୍ଣଧାର
ମଧୁ ନୀଳକଣ୍ଠ ଗୌରୀଶଙ୍କର
ଫକୀର ଯେ ଗଙ୍ଗାଧର ।
ଆହୁରି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି
ଭାଷା ଆନ୍ଦୋଳନ ରଥୀ
ଓଡ଼ିଆ ଭାଷାକୁ ବଞ୍ଚାଇ ଥିଲେ
ସେବା କରି ଦିନରାତି ।
ଭାଷା ଯେ ଜାତିର ଅଟେ ପ୍ରାଣଧାର
ବ୍ୟକ୍ତିକୁ ଦିଏ ପ୍ରତିଷ୍ଠା
ଏଣୁ ଭାଷା ପ୍ରତି ରଖିଣ ମମତା
ଦେଖାଇବା ପରାକାଷ୍ଠା ।
ଭାବ ବିନିମୟ କରିବା ନିମନ୍ତେ
ମାତୃଭାଷା ଅଟେ ଶ୍ରେଷ୍ଠ
ମାତୃଭାଷା ପ୍ରତି ଆମର ମମତା
ସମ୍ମାନ ରହୁ ଅତୁଟ ।

*ଶିକ୍ଷକ*
*ପ୍ରାଥମିକ ବିଦ୍ୟାଳୟ, ଛେଣ୍ଡିପଦା*

> ଜାତି ନନ୍ଦିଘୋଷ ଚଳିବ କି ଭାଇ
> ସ୍ୱାର୍ଥକୁ ସାରଥି କଲେ
> ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
> ଘୋଡ଼ା ମୁହେଁ ବନ୍ଧା ଥିଲେ ।

# ଆମେ ଶିଶୁ

*ଶ୍ରୀ ସୁନିଲ କୁମାର ଗୌଡ଼*

ଆମେ ଶିଶୁ ଆମେ ଶିଶୁ
ସେନେହ ମିଳିଲେ ହସୁ
ବିଦ୍ୟାଳୟ ରୂପୀ ବଗିଚାରେ ଆମେ
ଛୋଟ ଛୋଟ ଫୁଲ କଢ଼ି
ଆମ ଦେହେ ନାନା ରଙ୍ଗ ରୂପ
ଭରିଦେଲେ ଆମେ ହସୁ ।
ଆମେ ଶିଶୁ ............ ।
ଆମ ବଗିଚାର ମାଳି ଅଟନ୍ତି
ଆମ ଗୁରୁଜୀ ଗୁରୁମା
ସେବା ଯତନରେ ଗଢ଼ନ୍ତି ଆମକୁ
ଆମେ ଦିନେ ବଡ଼ ହେବୁ
ଆମେ ଶିଶୁ ............ ।
ପଢ଼ାନ୍ତି ଆମକୁ ନାନା ପାଠ ସେ ଯେ
ଶିଖାନ୍ତି ଅନେକ କଥା
ଶିଷ୍ଟାଚାର ସଙ୍ଗେ ନୀତିଶିକ୍ଷା ଦେଲେ
ଆମେ ତ ମଣିଷ ହେବୁ ।
ଆମେ ଶିଶୁ ............ ।
ଆମ ମଧ୍ୟେ ନାହିଁ ଭେଦଭାବ କିଛି
ଜାତି ଅଜାତିର ଭାବ
ପୁଅ ଝିଅ ମିଶି ପାଠ ପଢୁ ବସି
ଭାଇ ଭଉଣୀ ତ ସବୁ ।
ଆମେ ଶିଶୁ ............ ।
ଗୁରୁଜନ ଭକ୍ତି ଲଘୁଜନ ପ୍ରୀତି
ଧ୍ୟେୟ ଅଟଇ ଆମର
ସାଙ୍ଗସାଥି ଆମ ବନ୍ଧୁ ପରିଜନ
ଖେଳିବୁଲି କେତେ ହସୁ ।
ଆମେ ଶିଶୁ ............ ।
ଭାରତୀୟ ଆମେ ଭାରତୀ ସନ୍ତାନ
ତା'ମାଟିରେ ଗଢ଼ା ଆମରି ଜୀବନ
ତାର ଗଉରବ ରଖିବାର ଲାଗି
ପ୍ରାଣ ବିନ୍ଦୁ ଆମେ ଦେବୁ ।
ଆମେ ଶିଶୁ ............ ।

*ପ୍ରଧାନାଚାର୍ଯ୍ୟ*
*ସ.ଶି.ବି.ମ., ଗଜପତିନଗର*

ସକଳ ଦେହେ ନାରାୟଣ । ବସନ୍ତି ଅନାଦି କାରଣ ।।

# କଟକ ପ୍ରଭାସ

ଶ୍ରୀ ଜଗନ୍ନାଥ ନନ୍ଦ

ଶୋଭାର ନନ୍ଦିନୀ କଟକ ପ୍ରାଙ୍ଗଣେ
ହରେ ମହାନଦୀ ସଂକୀର୍ଣ୍ଣ ସୁହାଗେ
ସାଗୁଆ କ୍ଷେତ୍ରର ସ୍ୱପ୍ନିଳ ପୁଲକେ
ଜରାଜୀର୍ଣ୍ଣ ଦୁର୍ଗ ବାରବାଟୀ ଡାକେ ।
ସୁପ୍ତ ମଳୟର କ୍ଳିପ୍ତ ଆଭାସରେ
ଏକା ବସିଥିଲି ଯେବେ ମହାନଦୀତୀରେ
ଚପଳ କାନ୍ତିରେ ରଖି ଉର୍ମି ଅସୁମାର
ଲାଗିଥିଲା କିଛି କ୍ଷଣ ସତେ ସ୍ୱର୍ଗପୁର ।
ପ୍ରଭାତ କୁସୁମ ବାସ ଚହଟାଇ ଧୀରେ
ରଜ କୋଳାହଳ ନାଦ ପକ୍ଷୀ କାକଳିରେ
ନରେନ୍ଦ୍ର ଭୁବନ ତୁଲ୍ୟ ତା ବାଲୁକା ତଳ୍ପ
ନନ୍ଦନ କାନନ ଯଥା ମନେ ହୁଏ କଳ୍ପ ।
ଚଳକୃଷ୍ଣ ଗହଳରେ ଶୈଶବ ଅରୁଣ
ଆଭାସଇ ରୂପ ତପ୍ତ ହାଟକ ଯେସନ
ସ୍ଥୁଳାକାର ପ୍ରତିବିମ୍ବ ସ୍ୱାର ପତ୍ର ଭାସେ
ନଭ ମଣ୍ଡଳରେ ଖଗ କନ୍ଦଳ ବିଳାସେ ।
ପ୍ରକୃତିର ଅବଦାନେ ସଜାଇ କାନ୍ତିକୁ
ଏକାନ୍ତ ରମ୍ୟ କାନନେ ସ୍ଥାପି ଐତିହ୍ୟକୁ ।
ପଙ୍କ ମଣ୍ଡଳ ମଧରେ ଯେସନେ ପଙ୍କଜ
ଅନାସକ୍ତ ମନୋଭାବ ନିତି ହୋଇ ସଜ ।
ଅତି ସୁପ୍ରାଚୀନ ସତେ ଅମ୍ଳାନ ବଦନେ
ଅପରୂପ ପ୍ରତିଛବି ଆଙ୍କି ହୁଏ ମନେ
ସତେ ତାର ବକ୍ଷେ କ୍ରୀଡ଼େ ଉର୍ମିର ବିଳାସ
କଳନା ବିରହିତ ସେ କଟକ ପ୍ରଭାସ ।

*ସ.ଶି.ବି.ମ., ଗଞ୍ଜାମ*

# ଧରାକୁ ସୁନ୍ଦର ଗଛଟି

*ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା*

ଅଜାଙ୍କୁ ସୁନ୍ଦର ବଙ୍କୁଲି ବାଡ଼ିଟି
ରଜାଙ୍କୁ ସୁନ୍ଦର ଶାସନ
ଆଈଙ୍କୁ ସୁନ୍ଦର ପାନ ବଟୁଆଟି
ଜ୍ୱାଇଁଙ୍କର ଉଚ୍ଚ ଆସନ ।
ମାଆଙ୍କୁ ସୁନ୍ଦର ସେନେହ ମମତା
ନାଆକୁ ସୁନ୍ଦର ନାଉରୀ
ନାଉରୀ ସୁନ୍ଦର ଗୀତ ଗାଇ ଗାଇ
କାତ ମାରୁଥିଲେ ଆହୁରି ।
ଗୀତକୁ ସୁନ୍ଦର ସୁମଧୁର ସ୍ୱର
ଶୀତକୁ ସୁନ୍ଦର କମ୍ବଳ
ଦେଶକୁ ସୁନ୍ଦର ଭରି ରହିଥିଲେ
ସବୁ ରକମର ସମ୍ବଳ ।
ହାତକୁ ସୁନ୍ଦର ଧରମ କରମ
ଯାତକୁ ଦୋକାନ ବଜାର
ଭାଇକୁ ସୁନ୍ଦର ରୋଜଗାର କଲେ
ମାସକୁ ହଜାର ହଜାର ।
ପିଲାଙ୍କୁ ସୁନ୍ଦର ନାନା ଜାତି ଖେଳ
କିଲାକୁ ସୁନ୍ଦର ସୈନିକ
ଛାତ୍ରଛାତ୍ରୀମାନେ ସୁନ୍ଦର ଲାଗନ୍ତି
ବିଦ୍ୟାଳୟ ଗଲେ ଦୈନିକ ।
ହାତୀକୁ ସୁନ୍ଦର ଘୋର ବନଭୂମି
ରାତିକୁ ସୁନ୍ଦର ଶଶୀଟି
ନାତିକୁ ସୁନ୍ଦର ଜେଜେମା କୋଳରେ
ଆନନ୍ଦରେ ଥିଲେ ବସିଟି ।
ଖରାକୁ ସୁନ୍ଦର ଦହି ସରବତ
ଧରାକୁ ସୁନ୍ଦର ଗଛ ଟି
ଆସ ସବୁ ମିଶି ଲଗାଇବା ଚାରା
ସବୁ କାମ କରି ପଛ ଟି ।

*ଶିକ୍ଷାସୃଜନୀ ପ୍ରତିନିଧି, ଉତ୍ତର-ପୂର୍ବ ସମ୍ଭାଗ*

ସେ ନାରାୟଣ ଦେହଗତେ । ବସନ୍ତି ଭାବ ଅନୁମତେ ॥

# ଖରାଦିନ ଏବେ ଆସିଲା

ଶ୍ରୀ କୈଳାସ ଚନ୍ଦ୍ର ଧଳ

ଖରାଦିନ ଏବେ ଆସିଲା
ନଈ ନାଳ ସବୁ ଶୁଖିଲା
ପ୍ରାଣୀମାନେ ହେଲେ ଡହଳ ବିକଳ
ପାଣି ପାଣି ଡାକ ଶୁଭିଲା ।
ଖରାଦିନ ଏବେ ଆସିଲା
ଗଛରୁ ପତର ଖସିଲା
ଚାରିଆଡ଼ ଖାଲି ପଦା ପଦା ଦିଶେ
ଦିଗ୍‌ବଳୟେ ଖରା ନାଚିଲା ।
ଖରାଦିନ ଏବେ ଆସିଲା
ଆମ୍ବ ଓ ପଣସ ପାଚିଲା
ତୋଟାରେ ମଶିଣା ପାରି ଶୋଇବାକୁ
ସଭିଙ୍କର ମନ ରସିଲା ।
ଖରାଦିନ ଏବେ ଆସିଲା
ଗୁଳୁଗୁଳି ବେଗ ଟପିଲା
ଗରମ ଦରବେ ମନ ମାନେ ନାହିଁ
ଥଣ୍ଡାରେ ମନ ତ ଲାଖିଲା ।
ଖରାଦିନ ଏବେ ଆସିଲା
ଖରାର ପ୍ରକୋପ ବଢ଼ିଲା
ଗଛକଟା ଯୋଗୁଁ ସାରା ରାଇଜରେ
ଅଂଶୁଘାତ ନାଆଁ ଶୁଭିଲା ।

ପ୍ରଧାନାଚାର୍ଯ୍ୟ
ସ.ଶି.ବି.ମ., ତୁମୁଡ଼ିବନ୍ଧ, କନ୍ଧମାଳ

# ଜଳ ହିଁ ଜୀବନ

ଶ୍ରୀ ରାମଚନ୍ଦ୍ର ସେଠୀ

ପୁଅ ପଚାରିଲା କହ ମାଆ ମୋତେ
ସକଳ ଘଟଣା ଖୋଲି
କାହିଁକି କୁହନ୍ତି ପବନକୁ ନୁହେଁ
ଜଳକୁ ଜୀବନ ବୋଲି ?
ମାଆ ବୁଝେଇଲେ ତପତ ପୃଥିବୀ
ଶୀତଳ ଯେଦିନ ହେଲା
ଅମ୍ଳଜାନ ଶୂନ୍ୟ ଥିଲା ଏ ପୃଥିବୀ
ଜଳେ ତାହା ଭରା ଥିଲା ।
ଜଳରୁ ଜନମ ପହିଲା ଜୀବନ
ଆଗେ ଗୁଳ୍ମ ଶଇବାଳ
ନିଜେ ନିଜେ ଭାସି ଲହରୀରେ ଆସି
ଛୁଇଁଲେ ସାଗର କୂଳ ।
କୂଳରୁ ଉଠିଲେ ଗଛଲତା ହେଲେ
ଚଉଦିଗେ ଗଲେ ମାଡ଼ି
ଶୋଷି ଅଙ୍ଗାରକାମ୍ଳ ସାରା ପୃଥିବୀରେ
ଅମ୍ଳଜାନ ଦେଲେ ଛାଡ଼ି ।
ବାସ ଉପଯୋଗୀ ଏଥର ପୃଥିବୀ
ହେଲା ଅମ୍ଳଜାନ ପାଇ
ତେଣୁ ଜଳଜୀବ ଜଳରୁ ବାହାରି
ପୃଥିବୀରେ ଗଲେ ଛାଇ ।
କ୍ରମ ବିକାଶରେ କିଏ କେତେ ରୂପ
ଧରିଲେ ଏଠାରେ ବୁଲି
ତେଣୁ ଆମେ କହୁ ପବନକୁ ନୁହେଁ
ଜଳକୁ ଜୀବନ ବୋଲି ।

ହାତୀମୁଣ୍ଡା, କଲେଜରୋଡ଼,
ବାଣପୁର, ଖୋର୍ଦ୍ଧା

ଏ ଭାବେ ଦୃଢ଼ ଯାର ମନ । ସେ ପ୍ରାଣୀ ଭକତ ଉତ୍ତମ ।।

# ବିଶ୍ୱ ମହାମାରୀ ସାଜି

*ଶ୍ରୀ ରଜନୀକାନ୍ତ ମିଶ୍ର*

କୁନି ପୁଅ କହେ ନାହିଁରେ ନାହିଁ
ଖୋଲାରେ ବୁଲିବି ମୁଁ କାହିଁପାଇଁ
'କରୋନା' ଆସୁଛି ମାଡ଼ି
ତା'ପାଇଁକି ଆଜି ଦୁନିଆ ଭାଳେଣି
ପରାଣ ଯାଉଛି ଉଡ଼ି ।
ଚୀନ ଦେଶରୁ ଆସିଛି ଉଡ଼ି
ବୁଲିବୁଲି ଦେଶ ଗଲାଣି ମାଡ଼ି
ବିଶ୍ୱ ମହାମାରୀ ସାଜି
ଶୀତଳ ସାଗର ଦରବ ବାହକ
ବୁଦ୍ଧି ବଳ ଯାଏ ହଜି ।
କାଶ କଫ ଛିଙ୍କ ଥଣ୍ଡା ସରଦି
ଗଳା ଦରଜଟି ହୋଇଲା ଯଦି
ଘୋଳାବିନ୍ଧା ଦେହ ହାତ
ଜାଣିବ ରୋଗର ଲକ୍ଷଣ ଏମିତି
ଦେଖାଅ ବଇଦ ମିତ ।
ଖୋଲାରେ ତା ପାଇଁ ବୁଲିବା ମନା
ଚିକିତ୍ସାରେ ଭଲ ହୋଇବ ସିନା
ମୁହଁକୁ ଘୋଡ଼ାଇ ରଖ
ସଫା ପରିବେଶେ ହାତ ଧୋଇବାକୁ
ଗୁଜବ ତଡ଼ିବା ଶିଖ ।

*ଅନନ୍ତନାରାୟଣ ହାଇସ୍କୁଲ, ନରସିଂହପୁର, କଟକ*

# ଆମ ଓଡ଼ିଶା ପ୍ରଦେଶ

*ଦେବାଶିଷ ବିଷୋୟୀ*

ଆମେରେ ଶିଶୁ ଜନମ ନେଇଛେ
ଓଡ଼ିଶା ପ୍ରଦେଶରେ
ଜଗତର ନାଥ ଜଗନ୍ନାଥ ଆମ
ପ୍ରଭୁ ଉତ୍କଳ ମାଟିରେ ।
କୋଇଲା ପାଇଁ ଭାରତ ପ୍ରସିଦ୍ଧ
କଳିଙ୍ଗ ଭୂମି ଏହିରେ
ଆମେରେ ଶିଶୁ ଜନମ ନେଇଛେ
ଓଡ଼ିଶା ପ୍ରଦେଶରେ ।
ଓଡ଼ିଶୀ ନୃତ୍ୟର ତାଳେ ତାଳେ ଦେଖ
ନାଚୁଛି ପୃଥିବୀ ଭୂମି
କୋଣାର୍କ ମନ୍ଦିର ସୂକ୍ଷ୍ମ କାରୁକାର୍ଯ୍ୟ
ଗର୍ବରେ ଟେକିଛି ଆମ ମଣି ।
ଆମେରେ ଶିଶୁ ଜନମ ନେଇଛେ
ଓଡ଼ିଶା ପ୍ରଦେଶରେ
ଖାଦ୍ୟ ଫସଲରେ ଭରପୂର ଅଛି
ଉତ୍କଳ ମାଟି ଆମର ।
ବନ ଜଙ୍ଗଲର ଗନ୍ତାଘର ଏହି
ମାତୃଭୂମି ଆମର
ଆମେରେ ଶିଶୁ ଜନମ ନେଇଛେ
ଆମ ଏ ଓଡ଼ିଶା ପ୍ରଦେଶେ ।

*ପୂର୍ବଛାତ୍ର*
*ସ.ଶି.ବି.ମ., ନବରଙ୍ଗପୁର*

# ଆଉ ଗରମ ହେଉନି ସହି

*ଶ୍ରୀ ସୌମ୍ୟପ୍ରକାଶ ମହାରଣା*

ମାସ ପରେ ମାସ ଆସେ ବାରମାସ
ହୋଇ ନାନା ସଜବାଜ
ଗ୍ରୀଷ୍ମ ବର୍ଷା ଶୀତ ଶରତ ହେମନ୍ତ
ବସନ୍ତ ଯେ ଋତୁରାଜ ।
ଛଅ ଋତୁ ମିଶି ଏ ମର୍ତ୍ତ୍ୟ ମଣ୍ଡଳେ
ରଚିଥାନ୍ତି ଲୀଳାଖେଳା
ଶୀତ ଯାଇ ଖରା ପ୍ରବେଶ ହୁଅଇ
ତାତିରେ ଅଥୟ ଧରା ।
ଗ୍ରୀଷ୍ମର ପ୍ରଭାବ ଏତେ ଯେ ପ୍ରଖର
ହୁଏ ନାହିଁ ଜମା ସହି
ବାଟୋଇ ଭାଇ ତ ବାଟେ ଚାଲୁ ଚାଲୁ
ଖୋଜୁଥାଏ ଗଛ ଛାଇ ।
ଛାଇ ଖୋଜିଲେ ସେ ମିଳିବ ବା କାହିଁ
ଛାଇ ପାଇଁ ଗଛ କାହିଁ
ତଥାପି ବୁଝେନା ମଣିଷର ମନ
ଗଛ କାଟେ ଧାଇଁ ଧାଇଁ ।
ସୁଧୁରି ଯାଅରେ ଅଜ୍ଞାନ ମଣିଷ
ଗଛ କେବେ କାଟ ନାହିଁ
ପ୍ରକୃତି ବଞ୍ଚିଲେ ବଞ୍ଚିବ ମଣିଷ
ଗଛ ଗୋଟେ ଲଗା ଭାଇ ।
ଆଉ ଗରମ ହେଉନି ସହି
ଆଉ ଗରମ ହେଉନି ସହି ।

*ପ୍ରକାଶନ ବିଭାଗ, ଶି.ବି.ସ., ଓଡ଼ିଶା*

ଈଶ୍ୱରଠାରେ ପ୍ରେମ କରେ । ମିତ୍ର ଭାବନା ସାଧୁଠାରେ ।।

**ଗୀତା ଜ୍ଞାନ**

# ଓଁ ଶ୍ରୀ ପରମାତ୍ମନେ ନମଃ



✸ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ

ନିଜର ଆତ୍ମୀୟ ସ୍ୱଜନଙ୍କୁ ଦେଖି ଅର୍ଜୁନ ମୋହର ବଶବର୍ତ୍ତୀ ହୋଇ କର୍ତ୍ତବ୍ୟକୁ ଅଣଦେଖା କରିବାକୁ ଶ୍ରେୟ ମଣିଲେ । ଯେଉଁ ଅର୍ଜୁନ ବୀରତ୍ୱର ସହ ଯୁଦ୍ଧ ଇଚ୍ଛାରେ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ ସେ ପୁଣି ଧନୁର୍ବାଣ ତ୍ୟାଗ କରି ଶୋକରେ ବ୍ୟାକୁଳ ହୋଇ ରଥରେ ବସି ରହିଲେ । ପ୍ରଥମ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ସଞ୍ଜୟ ଅର୍ଜୁନଙ୍କ ଏତାଦୃଶ ସ୍ଥିତିର ବର୍ଣ୍ଣନା କରିଛନ୍ତି -

ଏବମ୍ ଉକ୍ତ୍ୱାର୍ଜୁନ ସଂଖ୍ୟେ ତଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ॥

ଅର୍ଜୁନ ଭଗବାନଙ୍କୁ ଏହିପରି (ଏବମ୍ ଉକ୍ତ୍ୱା) କ'ଣ କହିଲେ ? କୌଟୁମ୍ବିକ ମୋହର ଆବେଗରେ ଅର୍ଜୁନ ଶ୍ରୀକୃଷ୍ଣଙ୍କ ନିକଟରେ ଯୁଦ୍ଧର ଅନାବଶ୍ୟକତାକୁ ସିଦ୍ଧ କରିବା ପାଇଁ ଅନେକ ଯୁକ୍ତିର ଉପସ୍ଥାପନା କରିଛନ୍ତି । ଯୁଦ୍ଧ ଯେ ତାଙ୍କ ପାଇଁ ହିତକାରକ ନୁହେଁ ଏବଂ ସେଥିରୁ ନିବୃତ୍ତି ତାଙ୍କର (ଅର୍ଜୁନଙ୍କର) କର୍ତ୍ତବ୍ୟ ଏହାକୁ ଦର୍ଶାଇବା ପାଇଁ ଚେଷ୍ଟା କରିଛନ୍ତି । ଅର୍ଜୁନଙ୍କର ଏ ପ୍ରକାର ଯୁକ୍ତିର ଅବତାରଣା ଓ ତାଙ୍କର ଭାବୁକତାର ପରିପ୍ରକାଶ ପ୍ରଥମ ଅଧ୍ୟାୟର ୩୨ ତମ ଶ୍ଳୋକରୁ ୪୬ ତମ ଶ୍ଳୋକ ମଧ୍ୟରେ ବର୍ଣ୍ଣିତ ।

ପ୍ରଥମତଃ ବୀର ଶ୍ରେଷ୍ଠ ମଧ୍ୟମ ପାଣ୍ଡବଙ୍କର ହତାଶା ଭାବର ପରିଣତି ନିଆଯାଇପାରେ । ସେ ଏତେଦୂର ବିଚଳିତ ହୋଇଯାଇଥିଲେ ଯେ ଭଗବାନଙ୍କ ନିକଟରେ ଯୁକ୍ତି କରନ୍ତି - ହେ ମଧୁସୂଦନ ସମସ୍ତ ତ୍ରିଲୋକର ରାଜ୍ୟ ମୋତେ ମିଳିଲେ ମଧ ମୋର କୁଟୁମ୍ବକୁ ମୁଁ ଯୁଦ୍ଧରେ ମାରି ପାରିବି ନାହିଁ । ଏହି ସାମାନ୍ୟ ପୃଥିବୀ କଥା କିଏ ପଚାରେ ।

ଏତାନ୍ ନ ହନ୍ତୁମ ଇଚ୍ଛାମି ଘ୍ନତୋଽପି ମଧୁସୂଦନ ।
ଅପି ତ୍ରୈଲୋକ୍ୟ ରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ॥
ନ କାଙ୍କ୍ଷେ ବିଜୟମ୍ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।
କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈଃ ଜୀବିତେନ ବା ॥

ହେ କୃଷ୍ଣ ଆମର ବିଜୟର ଆବଶ୍ୟକତା ନାହିଁ । ଆମେ ରାଜ୍ୟ ଚାହୁଁ ନାହୁଁ । ହେ ଗୋବିନ୍ଦ । ଆମର ରାଜ୍ୟଭୋଗ ଭାବନା ତୁଚ୍ଛ ଅଟେ । ଏ ସୁଖରେ ଆମର କି ଲାଭ ହେବ ? ଏପରିକି ଆଲୋଚ୍ୟ ବିଷୟର ୩୭ତମ ଶ୍ଳୋକରେ ଅର୍ଜୁନ ନିଜର ବାନ୍ଧବ ଓ ଧୃତରାଷ୍ଟ୍ରଙ୍କ ପକ୍ଷର ଯୋଦ୍ଧାମାନଙ୍କୁ ମାରିବା ନେଇ ନିଜର (ପାଣ୍ଡବମାନଙ୍କର) ଯୋଗ୍ୟତା (ତସ୍ମାତ୍ ପର୍ହାଃ) ଦୃଷ୍ଟିରୁ ସ୍ୱକୀୟ ବ୍ୟକ୍ତି ପରି ଆତ୍ମୀୟମାନଙ୍କୁ ହତ୍ୟା କରି ଆମେ କିପରି ସୁଖୀ ହୋଇ ପାରିବୁ ବୋଲି କୃଷ୍ଣଙ୍କୁ ପ୍ରଶ୍ନ କରିଛନ୍ତି ।

ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତ୍ତରାଷ୍ଟ୍ରାନ୍ ସ୍ୱବାବିବାନ୍ ।
ସ୍ୱଜନଂ ହି କଥମ୍ ହତ୍ୱା ସୁଖିନଃ ସ୍ୟାମ ମାଧବ ॥

ମମତା ଜନିତ ମୋହ କାରଣରୁ ଅର୍ଜୁନ ନିଜର କ୍ଷତ୍ରିୟୋଚିତ କର୍ତ୍ତବ୍ୟ ପ୍ରତି ବିମୁଖ ହୋଇ ଯାଇଛନ୍ତି । ଯେଉଁଠାରେ

ମୋହ ହୁଏ, ମନୁଷ୍ୟ ବିବେକ ଦୁର୍ବଳ ହୋଇଯାଏ । ମୋହର ପ୍ରାବଲ୍ୟରୁ ନିଜ କର୍ତ୍ତବ୍ୟର ସ୍ପଷ୍ଟ ଜ୍ଞାନ ହୁଏ ନାହିଁ । ଏହି ପରିସ୍ଥିତିରେ ମନୁଷ୍ୟ ବିଭିନ୍ନ ଅବାନ୍ତର ଯୁକ୍ତି ମାଧ୍ୟମରେ ନିଜର ନିଷ୍ପତ୍ତିକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ପ୍ରୟାସ କରେ ।

ଅର୍ଜୁନ ପୁନଶ୍ଚ ଯୁକ୍ତି ଉପସ୍ଥାପନ କରୁଛନ୍ତି ଯେ ଯଦିଓ ଦୁର୍ଯ୍ୟୋଧନାଦି ଯୋଦ୍ଧାମାନେ ଲୋଭ ବଶତଃ ବିଚାରଶୂନ୍ୟ ହୋଇ କୁଳ ନାଶ ଜନିତ ଦୋଷକୁ ଓ ମିତ୍ର ଦ୍ରୋହ ଜନିତ ପାପକୁ ବୁଝି ନ ପାରି ଏହି ବିନାଶକାରୀ ଯୁଦ୍ଧ ଇଚ୍ଛାରେ କୁରୁକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ପରନ୍ତୁ ସେହି ଦୋଷ ଗୁଡ଼ିକ ଆମେ ଜାଣି ଏହିପରି ଅନର୍ଥକାରୀ ଓ ବନ୍ଧୁଦ୍ରୋହୀ ଉତ୍ପନ୍ନକାରୀ ଯୁଦ୍ଧ ରୂପକ ପାପରୁ ନିଜକୁ ରକ୍ଷା କରିବା ପାଇଁ ବିଚାର କାହିଁକି କରିବା ନାହିଁ ।

ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।
କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ।।
କଥଂ ନ ଜ୍ଞେୟମସ୍ମାଭିଃ ପାପାତ୍ ଅସ୍ମାତ୍ ନିବର୍ତ୍ତିତୁମ୍ ।
କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିଃ ଜନାର୍ଦ୍ଦନ ।।

ଏହି ଅଧ୍ୟାୟର ୩୦ ରୁ ୪୪ ଶ୍ଳୋକ ମଧ୍ୟରେ ଅର୍ଜୁନ କହୁଛନ୍ତି ଯେ ଏହି ଭୟାବହ ଯୁଦ୍ଧର ପରିଣାମ ସ୍ୱରୂପ କୁଳକ୍ଷୟ ଘଟିଲେ ପରମ୍ପରା କ୍ରମେ ଚାଲି ଆସିଥିବା କୁଳାଶ୍ରିତ ଧର୍ମ ଏହାର ମର୍ଯ୍ୟାଦା ତଥା ପବିତ୍ରତା ନଷ୍ଟ ହୋଇଯାଏ । ଧର୍ମ ନଷ୍ଟ ହୋଇଗଲେ ସମାଜରେ ବିପରୀତ ଆଚରଣ ଗୁଡ଼ିକର ପ୍ରାବଲ୍ୟ ଦେଖାଦିଏ । ଅର୍ଥାତ୍ କରଣୀୟ କର୍ମ ନ କରିବା ଓ ଅକରଣୀୟ କର୍ମ କରିବା ରୂପକ ଧର୍ମ ବହୁଳ ଭାବରେ ପ୍ରାଧାନ୍ୟ ବିସ୍ତାର କରିଥାଏ ।

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।
ଧର୍ମେ ନଷ୍ଟେ କୁଳମ୍ କୃତ୍ସ୍ନମ୍ ଅଧର୍ମୋଽଭିଭବତ୍ୟୁତ ।।
ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେ ଅନିୟତଂ ବାସୋ ଭବତିତ୍ୟନୁଶୁଶ୍ରୁମ ।।

ଅର୍ଜୁନଙ୍କ ଯୁକ୍ତି ହେଲା ଯଦି ଯୁଦ୍ଧ ଜନିତ ଫଳାଫଳ କାରଣରୁ ନିପୁଣ ଅଭିଜ୍ଞ ତଥା ଅନୁଭବୀ ବ୍ୟକ୍ତି (ଯୋଦ୍ଧା) ଙ୍କର ବିନାଶ ହୁଏ, ତାହାହେଲେ ମର୍ଯ୍ୟାଦାପୂର୍ଣ୍ଣ ଆଚରଣ ସମ୍ବନ୍ଧୀୟ ଜ୍ଞାନର ଅଭାବ ଅନୁଭୂତ ହୁଏ ଓ ପରିଣାମ ସ୍ୱରୂପ ଅଧର୍ମ ବ୍ୟାପିଯାଏ । ଦୂଷିତ ଭାବନା ଓ ବିପରୀତ ବୁଦ୍ଧି କାରଣରୁ ସନାତନ କାଳରୁ ଅନୁସୃତ ତଥା ପରିବର୍ଦ୍ଧିତ ହୋଇଥିବା କୁଳଧର୍ମ ଓ ଜାତିଧର୍ମ ନଷ୍ଟ ହୋଇଯାଏ (ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଃ ଚ ଶାଶ୍ୱତାଃ) କୁଳଧର୍ମ ନଷ୍ଟ ହୋଇ ଗଲେ ଇହଲୋକରେ ନିନ୍ଦା ଓ ଅପମାନ ଏବଂ ପରଲୋକରେ ଦୁର୍ଗତି ତଥା ନରକ ପ୍ରାପ୍ତ ହୁଏ ।

ଅର୍ଜୁନଙ୍କ ବିବଶତାର ଚରମ ଅବସ୍ଥା ପ୍ରଥମ ଅଧ୍ୟାୟର ୪୫ ତମ ଓ ୪୬ତମ ଶ୍ଳୋକରେ ବର୍ଣ୍ଣନା କରାଯାଇଛି ତତ୍ ପଶ୍ଚାତ୍ ସେ ନିଜର ଆୟୁଧ ତ୍ୟାଗ କରି ବିଷାଦଗ୍ରସ୍ତ ହୋଇ ରଥ ଉପରେ ବସି ରହିଛନ୍ତି ।

ଅହୋ ବତ ମହତ୍ପାପଂ କର୍ତ୍ତୁଂ ବ୍ୟବସିତା ବୟମ୍ ।
ଯତ୍ ରାଜ୍ୟସୁଖଲୋଭେନ ହନ୍ତୁମ୍ ସ୍ୱଜନମ୍ ଉଦ୍ୟତାଃ ।।
ଯଦି ମାମ୍ ଅପ୍ରତିକାରମ୍ ଅଶସ୍ତ୍ରମ୍ ଶସ୍ତ୍ରପାଣୟଃ ।
ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁଃ ତତ୍ ମେ କ୍ଷେମତରଂ ଭବେତ୍ ।।

ଉପରୋକ୍ତ ଶ୍ଳୋକରେ ଅହୋ ବତ ଓ ମହତ୍ପାପମ୍ ଏହି ପଦ ଗୁଡ଼ିକରେ ବୀର ଅର୍ଜୁନଙ୍କର ଚରମ ବିବଶତା ଓ ଦୁର୍ବଳତା ଭାବ ପ୍ରତିଫଳିତ । କ୍ଷତ୍ରୀୟ ଶିରୋମଣି ଶ୍ରେଷ୍ଠ ଧନୁର୍ଦ୍ଧାରୀ ନିଜର ଆଶ୍ଚର୍ଯ୍ୟ ପ୍ରକଟ (ଅହୋ) ପୂର୍ବକ ଦୁଃଖର ସହିତ ଏହି ଯୁଦ୍ଧ ଇଚ୍ଛାକୁ ଘୋର ପାପ (ମହତ୍ ପାପମ୍) ବୋଲି ବିବେଚନା କରିବା ସଙ୍ଗେ ସଙ୍ଗେ ସାମାନ୍ୟ ରାଜ୍ୟ ଓ ସୁଖ ଲୋଭରୁ ଏପରି ବିନାଶକାରୀ କାର୍ଯ୍ୟ (ଯୁଦ୍ଧ) କରିବାକୁ ପ୍ରସ୍ତୁତ ହୋଇ ଆସିଛୁ ବୋଲି ଖେଦୋକ୍ତି ପ୍ରକାଶ କରିଛନ୍ତି ।

ଏପରିକି ସେ କହୁଛନ୍ତି ଯେ ଯଦି ଧୃତରାଷ୍ଟ୍ରଙ୍କ ପକ୍ଷର ଯୋଦ୍ଧା ତାଙ୍କୁ (ଅର୍ଜୁନଙ୍କୁ) ମାରି ଦିଅନ୍ତି ତାହା ତାଙ୍କ ପାଇଁ

(ଅର୍ଜୁନଙ୍କ) ଅତି ହିତକାରକ ହେବ (କ୍ଷେମତରମ୍) ଏବଂ ସେ ଏହି ଯୁଦ୍ଧ ରୂପକ ଘୋର ପାପର ଭାଗୀ ହେବେ ନାହିଁ । ଅଷ୍ଟାଦଶ ଅଧ୍ୟାୟର ୪୩ତମ ଶ୍ଲୋକରେ ଗୀତାକାର କ୍ଷତ୍ରିୟଙ୍କର ସ୍ୱାଭାବିକ କର୍ତ୍ତବ୍ୟ କର୍ମ ନିର୍ଦ୍ଧାରଣ କରିଛନ୍ତି ।

ଶୌର୍ଯ୍ୟଂ ତେଜୋ ଧୃତିଃ ଦାକ୍ଷ୍ୟଂ ଯୁଦ୍ଧେ ଚ ଅପି ପଳାୟନମ୍ ।
ଦାନମ୍ ଈଶ୍ୱର ଭାବଃ ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥

ଶୁରବୀରତା, ତେଜ, ଧୈର୍ଯ୍ୟ, ପ୍ରଜାପାଳନ କ୍ଷେତ୍ରରେ ଦକ୍ଷତା, ଯୁଦ୍ଧରେ ପଛଘୁଞ୍ଚା ନ ଦେବା, ଦାନ କରିବା, ଶାସନ କରିବାର ଭାବ, ପ୍ରଜାମାନଙ୍କ ଦୁଃଖ ନିବାରଣ କରିବା ଇତ୍ୟାଦି କ୍ଷତ୍ରିୟମାନଙ୍କର ସ୍ୱାଭାବିକ କର୍ତ୍ତବ୍ୟ ଅଟେ । ଅର୍ଜୁନ ଗୁଣସମ୍ପନ୍ନ ଓ ସାମର୍ଥ୍ୟବାନ ହୋଇଥିଲେ ମଧ୍ୟ ମୋହର ବିବଶତା କାରଣରୁ ନିଜର ସ୍ୱାଭାବିକ କର୍ମରୁ ବିମୁଖ ହୋଇ ବିଷାଦଗ୍ରସ୍ତ ହୋଇଛନ୍ତି । ଅର୍ଜୁନଙ୍କ ଏତାଦୃଶ ନିର୍ଣ୍ଣୟର କାରଣଗୁଡ଼ିକ ନିମ୍ନମତେ ବର୍ଣ୍ଣନା କରାଯାଇପାରେ

୧) ଅର୍ଜୁନଙ୍କର ପଶୁପକ୍ଷୀ ସୁଲଭ ଦୃଷ୍ଟିକୋଣର ପ୍ରତିକ୍ରିୟା ସ୍ୱରୂପ ତାଙ୍କ ମନରେ କର୍ତ୍ତବ୍ୟ ଓ ଭାବୁକତା ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ।

୨) ଅର୍ଜୁନ ନିଜ ଅନ୍ତରରେ ରହିଥିବା ଭଲପଣର ଅଭିମାନର ଶିକାର ହୋଇଛନ୍ତି । ସେ କୌରବ ପକ୍ଷର ଦୋଷଗୁଡ଼ିକୁ ବଖାଣିଛନ୍ତି, କିନ୍ତୁ ନିଜର ଭଲପଣର ଅଭିମାନର ଛାୟାରେ ମୋହ ରୂପକ ଦୋଷଗୁଡ଼ିକୁ ଦେଖି ପାରି ନାହାନ୍ତି ।

୩) ଅର୍ଜୁନ ନିଜର କର୍ତ୍ତାପଣ ତ୍ୟାଗ କରିପାରି ନାହାନ୍ତି । ସେ ଭାବିଛନ୍ତି ସେ ନିଜେ ଏହି ଯୁଦ୍ଧର ଶ୍ରେଷ୍ଠ ନାୟକ । ତାଙ୍କ ବ୍ୟତିରକେ ଏହାର ଫଳାଫଳ ନିର୍ଣ୍ଣୟ ହେବା କଷ୍ଟସାଧ୍ୟ ।

୪) ଦେହାତ୍ମବୋଧ ଓ ନିଜର ଦିବ୍ୟ ସ୍ୱରୂପର ବିସ୍ମରଣ କାରଣରୁ ଅର୍ଜୁନ ଭୟଭୀତ ହୋଇ ଯାଇଥିଲେ ଏବଂ ତାଙ୍କ ଚିତ୍ତ ଭ୍ରମିତ ହୋଇଥିଲା । ଉପନିଷଦ୍‌ରେ କୁହାଯାଇଛି 'ଦ୍ୱିତୀୟାଦ୍ୱୈ ଭୟଂ ଭବତି' ଅର୍ଥାତ୍ ଯେଉଁଠାରେ ମୁଁ- ତୁମର ଭାବନା ରହିଛି ଯେଉଁଠାରେ ଦ୍ୱୈତ୍ୟ ବୋଧ ରହିଛି ସେଠାରେ ଭଲ ମଣିଷକୁ କବଳିତ କରେ ।

ନିଜର ପ୍ରିୟ ସଖା ଅର୍ଜୁନଙ୍କ ଏପରି ମାନସିକ ସ୍ଥିତିକୁ ଭଗବାନ ପରବର୍ତ୍ତୀ ସମୟରେ 'କଶ୍ମଳମ୍' ଓ ହୃଦୟ ଦୌର୍ବଲ୍ୟଂ କହି ଅର୍ଜୁନଙ୍କ ଯୁକ୍ତି ଗୁଡ଼ିକୁ ଖଣ୍ଡନ କରି ତାଙ୍କ ମନରେ କର୍ତ୍ତବ୍ୟବୋଧର ପୁନଃ ଜାଗରଣ କରାଇଛନ୍ତି । ଅର୍ଜୁନ ମଧ୍ୟ ଏହି ଦୋଷଗୁଡ଼ିକ (କାର୍ପଣ୍ୟଦୋଷୋପହତ ସ୍ୱଭାବଃ) କହି ମାନି ନେଇଛନ୍ତି ।

ତେଣୁ ସମସ୍ତ ଦୁର୍ବଳତା ତ୍ୟାଗ କରି ନିଜର ସ୍ୱାଭାବିକ କର୍ତ୍ତବ୍ୟ କର୍ମ ମାଧ୍ୟମରେ ଭଗବତ୍ ପ୍ରାପ୍ତି ଆମ ସମସ୍ତଙ୍କର ଧ୍ୟେୟ । କବିଙ୍କ ଭାଷାରେ -

କର୍ତ୍ତବ୍ୟ କରମେ ନୋହିବ ବିମୁଖ
କ୍ରମେ କ୍ରମେ ତହୁଁ ଉପୁଜିବ ସୁଖ ।

ଭାଗବତ କହନ୍ତି,

'ବିହିତ କର୍ମ ଯେ କରଇ । ତା'ର ପାପକୁ ଭୟ ନାହିଁ ॥
ନିଷେଧ କର୍ମ କରେ ଯେହୁ । ସକଳ ଦଣ୍ଡ ସହେ ସେହୁ ॥

ଓମ୍ ନମଃ ଭଗବତେ ବାସୁଦେବାୟ

*କୋଷାଧ୍ୟକ୍ଷ*
*ଶିକ୍ଷା ବିକାଶ ସମିତି, ପୂର୍ବ ସମ୍ଭାଗ*

**-: ଗୀତା ମାହାତ୍ମ୍ୟମ୍ :-**

*ଗୀତାସାରମିଦଂ ପୁଣ୍ୟଂ ଯଃ ପଠେତ୍ ସୁସମାହିତଃ ।*
*ବିଷ୍ଣୁଲୋକମବାପ୍ନୋତି ଭୟଶୋକ ବିନାଶନମ୍ ।*

*ଯେଉଁ ଲୋକ ଏହି ପବିତ୍ର ଗୀତାସାରକୁ ଏକାଗ୍ର ଚିତ୍ତରେ ପାଠ କରିଥାଏ ସେ ଲୋକ ଭୟ, ଶୋକ, ଜନ୍ମ ଓ ମରଣ ରହିତ ହୋଇ ବିଷ୍ଣୁଲୋକକୁ ପ୍ରାପ୍ତି କରିଥାଏ ।*

**ଆମ ସଂସ୍କୃତି ଓ ପରମ୍ପରା**

# ଚନ୍ଦନ ଯାତ୍ରା

✸ ଶ୍ରୀ ମନୋରଞ୍ଜନ ମିଶ୍ର

ଶ୍ରୀକ୍ଷେତ୍ରେ ଭଉଁରୀ । ଏହି ଉଚ୍ଚାରଣଟି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ନାହିଁ ନ ଥିବା ଭକ୍ତିମୟ ଭାବର ଲହରୀ ସୃଷ୍ଟି କରିଥାଏ । ମହାପ୍ରଭୁଙ୍କ ଶ୍ରେଷ୍ଠ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ, ଗୁଣ୍ଡିଚା, ଦୋଳ ପରେ ଚନ୍ଦନ ଯାତ୍ରା ପର୍ବ ଅନ୍ୟତମ ଅଟେ । ସେଥିପାଇଁ କୁହାଯାଏ 'ଦୋଳେ ଚ ଦୋଳଗୋବିନ୍ଦ, ଚାପେ ଚ ମଧୁସୂଦନମ୍, ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭ୍ୟତେ ।' ଏହି ଦିନଟିକୁ ଓଡ଼ିଶାର କୃଷକମାନେ 'ମୁଠି ଅନୁକୂଳ' ପର୍ବ ରୂପେ ପାଳନ କରିଥାନ୍ତି । ଏହି ଦିନ ମହାପ୍ରଭୁଙ୍କ ତିନି ରଥର ଶୁଭାନୁକୂଳ ପର୍ବ ପାଳନ ହୁଏ । ଅକ୍ଷୟ ତୃତୀୟା ରୂପେ ଓଡ଼ିଶାର ଘରେ ଘରେ ଏହି ଦିନଟି ସୁପରିଚିତ ଅଟେ ।

ଗ୍ରୀଷ୍ମଋତୁର ମୁଣ୍ଡ ଫଟା ଖରା ଅସହ୍ୟ ଗରମରେ ସଭିଏଁ ଉହଳ ବିକଳ । ଟାଣ ଖରାରେ ଆଉଟୁ ପାଉଟୁ ହେଉଥିବା ଜନଜୀବନ ପାଇଁ ଏ ପର୍ବର ଗୁରୁତ୍ୱ ଅବର୍ଣ୍ଣନୀୟ ଅଟେ । ଏ ପର୍ବରେ ଭରି ରହିଛି ପରିବେଶ ପ୍ରତି ସୂକ୍ଷ୍ମ ସମ୍ବେଦନା, ସ୍ୱାସ୍ଥ୍ୟ ସଚେତନତା, ସାଂସ୍କୃତିକ ମହତ୍ତ୍ୱ, ଆଧ୍ୟାତ୍ମିକ ଗୁରୁତ୍ୱ, ଆମ ଗ୍ରାମ୍ୟ ଜୀବନର ସରଳତା ତଥା ସରସତା । ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ପର୍ଯ୍ୟନ୍ତ ଚନ୍ଦନ ଯାତ୍ରା ପର୍ବ ପାଳନ ହୁଏ । ବଡ଼ ଦେଉଳରେ ନୀତିକାନ୍ତି ଭୋଗରାଗ ସରିବା ପରେ ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ମଦନମୋହନ ଅନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଗହଣରେ ମଣି ବିମାନରେ ଆରୋହଣ କରି ସିଂହଦ୍ୱାର ଠାରୁ ବଡ଼ଦାଣ୍ଡରେ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ଯାତ୍ରା କରିଥାନ୍ତି । ସେବାୟତମାନେ ସୁସଜ୍ଜିତ ମଣି ବିମାନକୁ ସ୍ୱତନ୍ତ୍ର ଢଙ୍ଗରେ ଢଳି ଢଳି ବୋହି ନେଇଥାନ୍ତି । ଭକ୍ତମାନଙ୍କ ପ୍ରାଣରେ ଭକ୍ତିର ଢେଉ ଖେଳାଇ ମଣି ବିମାନ ଝୁଲି ଝୁଲି ଆଗକୁ ଗତି କରିଥାଏ । ଠାକୁରଙ୍କୁ ସ୍ୱାଗତ କରିବା ପାଇଁ ବଡ଼ଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ କରି ଜଳ ସିଞ୍ଚନ କରାଯାଇଥାଏ । ଠାଆକୁ ଠାଆ ଚାଞ୍ଚ ଛାମୁଡ଼ିଆ ହୋଇଥାଏ । ସେଥିରେ ଗ୍ରୀଷ୍ମ ଋତୁର ପତ୍ର ପୁଷ୍ପ ଫଳ ସୁଶୋଭିତ କରାଯାଇଥାଏ । ବିଭିନ୍ନ ସ୍ଥାନରେ ମଠମାନଙ୍କ ତରଫରୁ ପଂକ୍ତି ଭୋଗର ଆୟୋଜନ କରାଯାଇଥାଏ । ମଣି ବିମାନ ଆଗରେ ଛତି, ତ୍ରାସ, ଆଲଟ, ଚାମର ପଡୁଥାଏ । ଘଣ୍ଟ ଘଣ୍ଟା, କାହାଳୀ, ତେଲିଙ୍ଗି ବାଜା, ମହୁରୀ ବାଦ୍ୟର ସୁମଧୁର ନାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥାଏ । ଠାକୁରଙ୍କ ଆଗରେ ମଶାଲ ଏବଂ ପତାକା ଆମ ଗୌରବମୟ ଅତୀତର ମହତ୍ତ୍ୱକୁ ବଖାଣୁଥାଏ । ମଣି ବିମାନ ଆଗରେ ଗୋଟିପୁଅ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ ଗାୟନ ଓ କୀର୍ତ୍ତନର ତାଳେତାଳେ ଦର୍ଶନାର୍ଥୀ ଭାବ ଗଦ୍‌ଗଦ୍ ହୋଇ ଉଠନ୍ତି । ଭାବଭକ୍ତିର ସଂକୀର୍ତ୍ତନ, ଶଙ୍ଖନାଦ, ହରିବୋଲ ଓ ହୁଳହୁଳି ନାଦର ଉତ୍ତାଳ ତରଙ୍ଗ ବଡ଼ଦାଣ୍ଡକୁ ଭକ୍ତିମୟ, ଆନନ୍ଦମୟ ତଥା ରସମୟ କରିଥାଏ । ରସୋ ବୈ ସଃ ସେ ହିଁ ରସ, ସେ ହିଁ ଆନନ୍ଦ, ସେ ହିଁ ଭାବ । ବାଷ୍ପରୁଦ୍ଧ କଣ୍ଠରେ କୀର୍ତ୍ତନ କରୁ କରୁ ଶ୍ରୀଚୈତନ୍ୟ ଭାବ ସମାଧିରେ ବୁଡ଼ି ଯାଉଥିଲେ । ଆଜି ମଧ୍ୟ ସଂକୀର୍ତ୍ତନ ବେଳେ ସେହି ସ୍ମୃତି ଆମ ଆଗରେ ଜୀବନ୍ତ ହୋଇଉଠେ ।

ଚନ୍ଦନ ଯାତ୍ରାର ମୁଖ୍ୟ ଆକର୍ଷଣ ଚାପରେ ଭଗବାନଙ୍କୁ ଦର୍ଶନ କରିବା । ଏଥିପାଇଁ ଭକ୍ତମାନେ ନରେନ୍ଦ୍ର ପୁଷ୍କରିଣୀର ଚତୁର୍ଦ୍ଦିଗରେ ଠୁଳ ହୋଇଥାନ୍ତି । ଠାକୁରମାନେ ମଣିବିମାନରୁ ଅବତରଣ କରି ପ୍ରଥମେ ସ୍ୱତନ୍ତ୍ର ସୁସଜ୍ଜିତ ଚାପରେ ଭଉଁରୀ ଖେଳି ଖେଳି ନରେନ୍ଦ୍ର ପୁଷ୍କରିଣୀର ଚତୁର୍ଦ୍ଦିଗରେ ପରିଭ୍ରମଣ କରିଥାନ୍ତି । ଏହାପରେ ନରେନ୍ଦ୍ର ପୁଷ୍କରିଣୀରେ ଥିବା ମନ୍ଦିରରେ ଚନ୍ଦନ ଗାଧୁଆ, ଚନ୍ଦନ ବେଶ, ପୁଷ୍ପଲାଗି ହେବା ପରେ ଚନ୍ଦନ ଭୋଗ ଧୂପ, ଦୀପ, କର୍ପୂର ଆଳତି ପ୍ରଭୃତି ନୀତି ହୋଇଥାଏ । ଏହାପରେ ଠାକୁରମାନେ ପୁନର୍ବାର ଚାପକୁ ବିଜେ କରିଥାନ୍ତି । ନରେନ୍ଦ୍ରରେ ଚାପ ଖେଳିଥାନ୍ତି । ଏହି କ୍ରମ ୨୧ ଦିନ ଧରି ଚାଲିଥାଏ । ଚାପ ଖେଳିବାର କ୍ରମ ବଢ଼ି ବଢ଼ି ଶେଷ ଦିନ ୨୧ ଘେରା ଚାପଖେଳ ହୋଇଥାଏ । ଏହି ସମୟରେ ନରେନ୍ଦ୍ର ପୁଷ୍କରିଣୀ ରଙ୍ଗବେରଙ୍ଗ ଆଲୋକମାଳା ପତ୍ର ପୁଷ୍ପରେ ସୁସଜ୍ଜିତ ହୋଇଥାଏ । ରଙ୍ଗିନ ବାଣର ଶୋଭା ଉଛୁଳି ପଡୁଥାଏ । ଓଡ଼ିଶୀ ନୃତ୍ୟ ଓ ସଂଗୀତର ମୂର୍ଚ୍ଛନା, ସଂକୀର୍ତ୍ତନର ଭାବ, ହରିବୋଲ ହୁଳହୁଳି ନାଦ ନରେନ୍ଦ୍ର ପୋଖରୀରେ ଈଶ୍ୱର, ପ୍ରକୃତି ଓ ମଣିଷକୁ ଏକାକାର କରି ଦେଇଥାଏ । ଭକ୍ତମାନଙ୍କର ଚନ୍ଦନ ଗାଧୁଆ, ମଲ୍ଲୀଫୁଲ ମାଳ, ସ୍ନାନ, ଭୋଜନ, ଭାଙ୍ଗ, ସାଙ୍ଗ, ପଙ୍ଗତ, ଚନ୍ଦନ ଗାଧୁଆର ମହାମିଳନ 'ଚନ୍ଦନ ମଉଜ' ରୂପେ ସୁବିଦିତ ।

ଏହାପରେ ଅର୍ଥାତ୍ ଶ୍ରୀକ୍ଷେତ୍ରେ ଭଉଁରୀ ପରେ ଭିତର ଚନ୍ଦନ ପୁନର୍ବାର ୨୧ ଦିନ ଧରି ପାଳିତ ହୁଏ । ଶ୍ରୀମନ୍ଦିର ଭିତରେ ଏହି

**ସେ ଭକ୍ତ ମଧ୍ୟମ ଅଟଇ । ଯେଣୁ ସେ ଭେଦକୁ ଦେଖଇ ।।**

ଜଳକ୍ରୀଡ଼ା ପର୍ବ ପାଳିତ ହୁଏ । ଶ୍ରୀଜଗନ୍ନାଥ ସଂସ୍କୃତି ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସମନ୍ୱୟର ଆଦର୍ଶ ଅଟେ । ବାହ୍ୟ ଶୌଚ, ଅନ୍ତଃ ଶୌଚ, ବାହାର ପୂଜା, ଭିତର ପୂଜା (ମାନସ ପୂଜନ) ବାହାର ଚନ୍ଦନ ଭିତର ଚନ୍ଦନର ସଂସ୍କୃତି ଆମ ସମସ୍ତଙ୍କ ପାଇଁ ଆଧ୍ୟାତ୍ମିକ ଆହ୍ୱାନ ଅଟେ । ପର୍ବରେ ଛଳନା ନୁହଁ, ଆଡ଼ମ୍ବର ନୁହଁ, ଅହଂକାର ନୁହଁ ଭାବଭକ୍ତି ଲୋଡ଼ା । ଆନ୍ତରିକତା ଲୋଡ଼ା । ଅନ୍ତର ଓ ବାହାର ଏକାକାର ହେବା ଲୋଡ଼ା । ଭାବଭକ୍ତି ହିଁ ଏକାମାତ୍ର ସାଧନ ଅଟେ । ଭୁକ୍ତ୍ୟାତୁଷ୍ୟତି କେବଳ (ଭାଗବତ) ଭଗବାନ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି । ଶ୍ରୀକ୍ଷେତ୍ରେ ଭଉଁରୀ ସହିତ ଓଡ଼ିଶାର ପୁରପଲ୍ଲୀରେ ପୁରୀ ନିକଟସ୍ଥ ୧୬ ଶାସନ, ୩୨ କରବାଡ଼ ତଥା ସତ୍ୟବାଦୀରେ ଏହି ଭଉଁରୀ ଖେଳର ନିଆରା ପରମ୍ପରା ଏବେ ମଧ୍ୟ ଜୀବନ୍ତ । ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଏକ ସୁନ୍ଦର ପରିକଳ୍ପନା । ଆଧ୍ୟାତ୍ମିକ ପର୍ଯ୍ୟଟନ ନିମନ୍ତେ ଏକ ମହାର୍ଘ୍ୟ ଅବସର ଅଟେ । ଏହି ପର୍ବର ସ୍ୱାସ୍ଥ୍ୟ ସଚେତନତା, ସାମାଜିକ ବାର୍ତ୍ତା, ଗ୍ରାମ୍ୟ ଜୀବନର ସରଳତା, ପ୍ରକୃତି ପ୍ରୀତି, ସାଂସ୍କୃତିକ ବିଭବ, ସ୍ୱଚ୍ଛତା ତଥା ଆଧ୍ୟାତ୍ମିକତା ସମଗ୍ର ବିଶ୍ୱରେ ଅନନ୍ୟ ଅଟେ ।

*ପ୍ରଧାନ ଶିକ୍ଷକ*
*ହରଚଣ୍ଡୀ ଉଚ୍ଚ ବିଦ୍ୟାଳୟ, ଚନ୍ଦନପୁର, ପୁରୀ*

**ରମ୍ୟ କଥନ**

# ଅନ୍ନଚିନ୍ତା ଚମତ୍କାର

*✸ ଶ୍ରୀ ଭରତଚନ୍ଦ୍ର ସାହୁ*

ସେଦିନ ଶ୍ରେଣୀ ପ୍ରକୋଷ୍ଠକୁ ପଶିଯାଇ ପ୍ରକୋଷ୍ଠର ସାଜସଜ୍ଜା ଉପରେ ବିହଙ୍ଗାବଲୋକନ ସମୟେ ଲକ୍ଷ୍ୟ କଲି ଶ୍ରେଣୀର ପ୍ରଥମ ପିଲାଟି ସବୁଦିନେ ବସୁଥିବା ପ୍ରଥମ ଧାଡ଼ିଟିର ସିଟ୍ ଛାଡ଼ି ୩ୟ ଧାଡ଼ିର ଝର୍କାପାଖ ସିଟ୍‌ରେ ବସି ନିର୍ନିମେଷ ନୟନରେ ବାହାରକୁ ମୁହୁର୍ମୁହୁଃ ଚାହୁଁଛି । ବିସ୍ମିତ ହେଲି ମାତ୍ର ମନର ସଂଶୟକୁ ଚାପି ରଖି ଅଧ୍ୟାପନା ଆରମ୍ଭ କଲି । ଅଧ୍ୟାପନା ମଝିରେ ମଝିରେ ମୋର ଦୃଷ୍ଟି ସେଇ ପିଲାଟି ଦିଗରେ ଧାଇଁ ଥାଏ । ସିଏ ଅଧ୍ୟାପନା ପ୍ରତି ଟିକେ ମାତ୍ର ଧ୍ୟାନ ନ ଦେଇ ଅନ୍ୟମନସ୍କ ରହିବାରୁ ତା'ର ସେଇ ଅନ୍ୟମନସ୍କତା ମୋ ପାଖକୁ ସଂକ୍ରମିତ ହେବାକୁ ଲାଗିଲା । ଅସ୍ଥିର ପାଦରେ ତା ପାଖକୁ ଆଗେଇ ଗଲି । ତା ସାମ୍ନାରେ ଠିଆ ହେଲି, ସେ ମୋର ଉପସ୍ଥିତି ଆଦୌ ଜାଣିପାରିଲା ନାହିଁ । ମୁଁ ପଢ଼ାଉଥିବା ବିଷୟରୁ ତାକୁ ସରଳ ପ୍ରଶ୍ନଟିଏ ପଚାରିଲି । ପ୍ରଶ୍ନ ଶୁଣି ସେ ଚମକିପଡ଼ି ଠିଆ ହେଲା । ମୋତେ ଦେଖି ଇତସ୍ତତଃ ହେଲା । ତା'ର ଅବଗତ୍ୟର୍ଥେ ମୁଁ ପ୍ରଶ୍ନଟିକୁ ଦୋହରାଇଲି ମାତ୍ର ସେ ନୀରବରେ ମୋ ମୁହଁକୁ ଚାହିଁ ରହିଲା । ତା'ର ଅନ୍ୟମନସ୍କତା ପାଇଁ ତାକୁ ଚଟକଣିଟିଏ ଦେବାକୁ ହାତ ଉଠାନ୍ତେ ସେ ଥରି ଥରି ମୋ ଉପରେ ଢଳିପଡ଼ିଲା । ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲି । ଚଟାପଟ କେତେକ ପିଲାଙ୍କ ସହାୟତାରେ ତାକୁ ଉଠାଇ ନେଇ ଟେବୁଲ ଉପରେ ଶୁଆଇ ଦେଲି । ପାଣି ମଗାଇ ତା ମୁହଁକୁ ଛାଟିବାରୁ ସେ ଚେତା ପାଇ ଉଠି ବସିଲା । ତା ପିଠି ଆଉଁସି ପକାଇ ନରମ ସ୍ୱରରେ ପଚାରିଲି ବାବୁରେ ମୁଁ ତ ତୋତେ ଛୁଇଁନି, ଅଥଚ ତୁ ଏମିତି ଜ୍ଞାନଶୂନ୍ୟ ହୋଇ ପଡ଼ିଲୁ କାହିଁକି ? ପିଲାଟି ଥରି ଥରି ବିକଳ ସ୍ୱରରେ ଉତ୍ତର ଦେଲା – 'କାଲି ସ୍କୁଲରୁ ଗଲାପରେ ଘରେ କିଛି ଖାଇବାକୁ ନ ଥିଲା, ରାତିରେ ବି କିଛି ଖାଇବାକୁ ମିଳିଲାନି ।' ଆଜି ସ୍କୁଲକୁ ଆସିବାବେଳେ ଖାଇବାକୁ ମାଗିବାରୁ ମାଆ କହିଲା, 'ବାପା ବେଲା ଖଣ୍ଡେ ଧରି ବଜାରକୁ ଯାଇଛନ୍ତି ସେଇଟିକୁ ବିକି ଚାଉଳ ଆଣିବେ । ଚାଉଳ ଆସିଲେ ମୁଁ ଭାତ ରାନ୍ଧି ସାନପୁଅକୁ ତୋ ପାଖକୁ ପଠାଇବି । ସେ ଫାଟକ ପାଖରେ ଠିଆହୋଇ ତତେ ଠାରିଲେ ତୁ ଗୁରୁଜୀଙ୍କୁ କହି ଖାଇବାକୁ ଆସିବୁ । ମଫସଲ ଅଞ୍ଚଳର ବିଶେଷ କରି ବଣ ମୁଲକର ଅଧିକାଂଶ ଛାତ୍ରଛାତ୍ରୀଙ୍କ ଅବସ୍ଥା ଏହିପରି ବହି, ଖାତା, କଲମ ତଥା ପୋଷାକ କଥା ଦୂରେ ଥାଉ ପେଟରେ ଦି'ଟା ଦାନା ନ ପଡ଼ିଥିଲେ ଛାତ୍ରଛାତ୍ରୀ ଅଧ୍ୟୟନ ପ୍ରତି ମନୋଯୋଗୀ ହୋଇପାରିବେ କିପରି ? ମହାକବି କାଳିଦାସ କହିଛନ୍ତି – 'ଅନ୍ନଚିନ୍ତା ଚମତ୍କାର, କାତରେ କବିତା କୁତଃ ?' ଅତ୍ୟନ୍ତ ଆନନ୍ଦର କଥା ଏହି ସମୟରେ ସରକାର ବାହାଦୁର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଗୋଟିଏ ବକ୍ତ ଖାଦ୍ୟର ବ୍ୟବସ୍ଥା କରି ଦେଇଛନ୍ତି । ଭୋକ ବେଳେ ଆମ୍ବିଳା ଆମ୍ବ ସୁଆଦ । ଏଣୁ ପିଲାମାନେ ଖାଦ୍ୟର ଗୁଣାଗୁଣ ନ ବାଛି ଆନନ୍ଦରେ ପଙ୍‌କ୍ତି ଭୋଜନରେ ବସି ଯାଉଛନ୍ତି । ଭଲ ହୁଅନ୍ତା ଯଦି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଖାଦ୍ୟ ଦରକାର କରୁଥିବା ପିଲାଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ହୋଇ ପାରନ୍ତା ।

*ପାଟଣା, କେନ୍ଦୁଝର*

ପ୍ରତିମାଠାରେ ଶ୍ରଦ୍ଧା ବହି । ହରି ପୂଜାକୁ ଯେ କରଇ ॥

**ପୁରାଣ ପୃଷ୍ଠାରୁ**

# ତପସ୍ୱୀ ହନୁମାନ

✸ ଶ୍ରୀମତୀ ବନ୍ଦନା ନାଥଶର୍ମା

ଦିନେ ସୁଦର୍ଶନ ଚକ୍ର ଆସି ପ୍ରଭୁ ନୀଳାଦ୍ରି ବିହାରୀ ଜଗନ୍ନାଥଙ୍କୁ କହିଲେ ପ୍ରଭୁ, 'ମହାଭାରତ ଯୁଦ୍ଧ ହେଲା । ଯୁଦ୍ଧରେ ଭୀମ ଦୁର୍ଯ୍ୟୋଧନକୁ ବଧ କଲେ, ଅର୍ଜୁନ କର୍ଣ୍ଣଙ୍କୁ ବଧ କଲେ । ମହାଭାରତରେ ଯେତେ ଯୋଦ୍ଧା ମୃତ୍ୟୁବରଣ କଲେ ଆପଣ କହିଲେ କରି କରାଉ ଥାଏ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ । ସତ କହିଲେ ପ୍ରଭୁ, ସମସ୍ତଙ୍କୁ ବୁଲି ବୁଲି ମୁଁ ବଧ କଲି କାହିଁ କେହି ତ ଜାଣିଲେନି ସୁଦର୍ଶନ ହିଁ ମହାଭାରତ ଯୁଦ୍ଧର ଶ୍ରେଷ୍ଠ ନାୟକ ବୋଲି । ପରିଶ୍ରମ କଲି ମୁଁ ଆଉ ଆପଣ ଏତେ ସ୍ୱାର୍ଥପର । କହିଲେ କ'ଣ ମହାଭାରତ ଯୁଦ୍ଧ ମୁଁ କରିଥିଲି ।' ଏହାଶୁଣି ପ୍ରଭୁ ଶ୍ରୀଜଗନ୍ନାଥ ଚୁପ୍ ରହିଲେ । ମନେ ମନେ ଚିନ୍ତା କଲେ ଏତେ ଅହଂ ଭାବ ସୁଦର୍ଶନର । ତା'ର ଏହି ଅହଂଭାବକୁ ଭାଙ୍ଗିବାକୁ ପଡ଼ିବ । ସେ ସୁଦର୍ଶନକୁ ଶାନ୍ତ୍ୱନା ଦେଇ କହିଲେ, 'ହଁ ମୁଁ ଜାଣେ ତୁମେ ହିଁ ସମସ୍ତଙ୍କୁ ମାରିଛ । ହେଲେ ତୁମେ ମୋ ଭକ୍ତ, ତୁମର ଜୟ କ'ଣ ମୋର ନୁହେଁ ?' ଏହା ଶୁଣି ସୁଦର୍ଶନ ଅତ୍ୟନ୍ତ ଗର୍ବୀ ହୋଇଗଲେ । ଦିନେ ପ୍ରଭୁ ଶ୍ରୀଜଗନ୍ନାଥ କହିଲେ, 'ସୁଦର୍ଶନ ମୋର ଗୋଟିଏ କାମ କରିବ ।' ସୁଦର୍ଶନ କହିଲେ, 'ହଁ କୁହନ୍ତୁ ପ୍ରଭୁ ।' ଜଗନ୍ନାଥ କହିଲେ, 'ମୋର ତୁମ ଭଳି ଆଉ ଜଣେ ଭକ୍ତ ଅଛି ତା'ର ନାମ ହନୁମାନ । ତୁମେ ତାଙ୍କୁ କହିବ ମୁଁ ଡାକିଛି ।' ସୁଦର୍ଶନ କହିଲେ ଏହି କଥା ତ, ଠିକ୍ ଅଛି ମୁଁ ଏବେ ଗଲି ଆଉ ସାଙ୍ଗେ ସାଙ୍ଗେ ହନୁମାନଙ୍କୁ ଧରି ଆସିଲି । ସୁଦର୍ଶନ ଯାଇ ହନୁମାନଙ୍କ ପାଖରେ ପହଞ୍ଚିଲେ । ହନୁମାନଙ୍କୁ କହିଲେ ତୁମକୁ ପ୍ରଭୁ ଜଗନ୍ନାଥ ଡାକୁଛନ୍ତି । ହନୁମାନ କହିଲେ କେଉଁ ଜଗନ୍ନାଥ ? ମୁଁ କୋଉ ଜଗନ୍ନାଥଙ୍କୁ ଚିହ୍ନି ନାହିଁ । ସୁଦର୍ଶନ କହିଲେ ତୁମର ଅତିପ୍ରିୟ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ । ସେ ହିଁ ରାମ, ସେ ହିଁ କୃଷ୍ଣ ଓ ସେ ହିଁ ଜଗନ୍ନାଥ । ହନୁମାନ ବୁଢ଼ା ହୋଇ ଗଲେଣି । ହନୁମାନଙ୍କୁ ଦେଖି ସୁଦର୍ଶନ କହିଲେ, 'ହନୁମାନ ! ତୁମେ ତ ବୁଢ଼ା ହୋଇଗଲଣି ଚାଲି ପାରିବନି । ଆସ ମୁଁ ତୁମକୁ ସାଙ୍ଗରେ ନେଇଯିବି ।' ହନୁମାନ କହିଲେ ନାହିଁ, ତୁମେ ଯାଅ ମୁଁ ଧୀରେ ଧୀରେ ପ୍ରଭୁଙ୍କ ପାଖରେ ପହଞ୍ଚିବି । ସୁଦର୍ଶନ କହିଲେ ହଉ ଯାହା ତୁମର ଇଚ୍ଛା । ସୁଦର୍ଶନ ଆସି ସିଂହଦ୍ୱାର ପାଖରେ ପହଞ୍ଚି ଦେଖିଲେ ହନୁମାନ ବସିଛନ୍ତି । ସୁଦର୍ଶନ ତାଙ୍କୁ ପଚାରିଲେ ହନୁମାନ ତୁମେ ତ ମୋ ଠାରୁ ବୟସ୍କ କିନ୍ତୁ ମୁଁ ପହଞ୍ଚିବା ପୂର୍ବରୁ ତୁମେ ଆସି ସିଂହଦ୍ୱାର ପାଖରେ କେମିତି ପହଞ୍ଚିଲ ? ହନୁମାନ କହିଲେ, 'ସୁଦର୍ଶନ ମୁଁ ସିନା ବୁଢ଼ା ହୋଇଗଲିଣି ହେଲେ ମୋ ପିତା ତ ଯୁବକ ଅଛନ୍ତି । ସେ ମୋତେ ଆଣି ଏଠି ଛାଡ଼ି ଦେଇଗଲେ ।' ସୁଦର୍ଶନ କହିଲେ ଏ କେମିତି କଥା ପୁଅ ବୁଢ଼ା ହୋଇଗଲାଣି କିନ୍ତୁ ବାପା ଯୁବକ । ହନୁମାନ କହିଲେ ସୁଦର୍ଶନ ମୋ ବାପା ପବନ ଦେବ । ସେ ତ କେବେ ବୁଢ଼ା ହେବେନି । ସେ ନିମିଷକ ମଧ୍ୟରେ ମୋତେ ଆଣି ଏଠି ଛାଡ଼ିଦେଲେ । ମୁଁ ତୁମକୁ ତ ଏଠି ଅପେକ୍ଷା କରିଛି । ହଉ ତମେ ତ ଆସିଗଲ ଏଥର ତମେ ସିଂହଦ୍ୱାର ଆଡୁ ଟିକେ ପାଖେଇ ହୁଅ । ମୁଁ ଯାଏ ପ୍ରଭୁଙ୍କୁ ଟିକେ ଦର୍ଶନ କରିଆସେ । ସୁଦର୍ଶନ କହିଲେ ନା ମୁଁ ପ୍ରଥମେ ଠାକୁରଙ୍କୁ ଦର୍ଶନ କରିବି । ଏହା କହି ସେ ପୂର୍ବଦ୍ୱାର ସମ୍ମୁଖରେ ଜଗି ଛିଡ଼ା ହେଲେ । ହନୁମାନଙ୍କୁ ଭିତରକୁ ଛାଡ଼ିଲେ ନାହିଁ । ସିଂହଦ୍ୱାର ଚାରିପଟେ ସୁଦର୍ଶନ ଚାରିଟି ଚକ୍ର ଧରି ଛିଡ଼ା ହେଲେ । ହନୁମାନ ରାଗିଗଲେ । ହନୁମାନ ସବୁକଥା ସ୍ମରଣମାତ୍ରକେ ଜାଣିପାରିଲେ । ସେ ମନେ ମନେ ଚିନ୍ତା କରି ପ୍ରଭୁଙ୍କୁ ସ୍ମରଣ କରି ପ୍ରଣାମ କଲେ ଓ ସୁଦର୍ଶନକୁ କହିଲେ ତୋର ଏତେ ସାହସ ହୋଇଗଲାଣି ତୁ ମତେ ମୋ ପ୍ରଭୁଙ୍କ ପାଖକୁ ଛାଡୁ ନାହୁଁ । ପ୍ରଭୁ ବିନା ହନୁମାନର ଗତି ନାହିଁ । ଯେ ସୂର୍ଯ୍ୟ ଭଳି ପ୍ରବଳ ପରାକ୍ରମୀ ଦେବତାଙ୍କୁ ଗିଳି ଦେଇଥିଲା ତାଙ୍କୁ ଏହି ଚକ୍ରର ଧମକ ଦେଖାଉଛୁ । ଏହା କହି ସେ ସୁଦର୍ଶନର ୪ଟି ଯାକ ଚକ୍ରକୁ ଢୋକିଦେଲେ ଓ ପ୍ରଭୁଙ୍କ ପାଖରେ ପହଞ୍ଚିଲେ । ହନୁମାନ ପଚାରିଲେ, ପ୍ରଭୁ ! ମୋତେ କାହିଁକି ମନେ ପକାଇଲେ । ପ୍ରଭୁ କହିଲେ ତୁମେ ତ ଆସିଲ ସୁଦର୍ଶନ କୁଆଡ଼େ ଗଲେ । ସୁଦର୍ଶନ ଆସି ପହଞ୍ଚିଲେ । ତାଙ୍କ ମୁହଁରେ ବିଷାଦର ଛାୟା ଦେଖି ପ୍ରଭୁ ପଚାରିଲେ ସୁଦର୍ଶନ ତୁମ ଚକ୍ର କାହିଁ ? ସୁଦର୍ଶନ କହିଲେ ପ୍ରଭୁ ଆପଣଙ୍କ ଆଦେଶ ପାଳନ କରି ହନୁମାନଙ୍କୁ ଡାକିବାକୁ ଗଲି ହେଲେ ସେ ହନୁମାନ କହିଲା ପ୍ରଥମେ ସେ ଆପଣଙ୍କୁ ଦର୍ଶନ କରିବ । ମୁଁ କହିଲି ମୁଁ ପ୍ରଭୁଙ୍କର ବଡ଼ ଭକ୍ତ ତେଣୁ ମୁଁ ଆଗେ ଦର୍ଶନ କରିବି । ହନୁମାନ ସେଥିରେ ରାଗିଯାଇ ମୋର ଚକ୍ରକୁ ଗିଳି ଦେଇଛି । ପ୍ରଭୁ ଆପଣ ଏହାର ବିଚାର କରନ୍ତୁ । ଏହା ଶୁଣି ପ୍ରଭୁ ସ୍ମିତ ହାସ୍ୟ ହସି କହିଲେ ହନୁମାନ ତୁମେ ଶୀଘ୍ର ସୁଦର୍ଶନଙ୍କର ଚକ୍ରକୁ ପାଟିରୁ ବାହାର କର । ପ୍ରଭୁଙ୍କର ଆଜ୍ଞା ପାଇ ହନୁମାନ ଚକ୍ରକୁ ପାଟିରୁ ବାହାର କରିଦେଲେ । ପ୍ରଭୁ କହିଲେ ଦୋଷ ଦି ଜଣଙ୍କର ଦଣ୍ଡ ବି ଦି ଜଣ ପାଇବା ଦରକାର । ପ୍ରଭୁ ହନୁମାନଙ୍କୁ କହିଲେ ତୁମେ କାହିଁକି ସୁଦର୍ଶନଙ୍କର ଚକ୍ରକୁ ଗିଳି ଦେଲ ? ଯଦି ଗିଳି ଦେଇଛ ତାହେଲେ ଆଜିଠାରୁ ସିଂହଦ୍ୱାରର ଦକ୍ଷିଣ ଦ୍ୱାରରେ ତୁମେ ସୁଦର୍ଶନଙ୍କର ୪ଟି ଚକ୍ରକୁ ତୁମର ଚାରି ହାତରେ ଧରି ରହିବ । ହନୁମାନ କହିଲେ ପ୍ରଭୁ ଯଦି ମୋର ଚାରି ହାତରେ ମୁଁ ଚାରିଟି ଚକ୍ର ଧରିବି ତାହେଲେ ମୁଁ କିପରି ଆପଣଙ୍କ ନାମ ଭଜନ କୀର୍ତ୍ତନ କରିବି ? ପ୍ରଭୁ କହିଲେ ହଉ ଠିକ୍ ଅଛି ମୁଁ ତୁମକୁ ଆଉ ଚାରିଟି ହାତ ଦେଉଛି । ସିଂହଦ୍ୱାରରେ ତୁମେ ସେହି ଚକ୍ର ଧରି ଜପ କରିବ । ତୁମକୁ ସମସ୍ତେ ତପସ୍ୱୀ ହନୁମାନ ବୋଲି ଜାଣିବେ । ସୁଦର୍ଶନଙ୍କୁ ତ ପୁଣି କିଛି ଦଣ୍ଡ ମିଳିବା ଦରକାର । ମୁଁ ତୁମକୁ ଡାହାଣ ହାତରେ ଧରିକି ସବୁଆଡ଼େ ଯିବାରୁ ତୁମର ଅହଂକାର ହୋଇଗଲାଣି, ଆଜିଠାରୁ ତୁମେ ମୋର ବାମ ପାର୍ଶ୍ୱରେ ଏକ ଖମ୍ବ ହୋଇ ରହିବ । ତମେ ମହାଭାରତ ଯୁଦ୍ଧରେ ମୋର ଯେଉଁ ସାହାଯ୍ୟ କରିଛ ସେଥିପାଇଁ ମୁଁ ଖୁସି ହୋଇ ତୁମକୁ ମୋର ମସ୍ତକରେ ସ୍ଥାପନ କରୁଛି । ଶ୍ରୀମନ୍ଦିର ଉପରେ ତୁମେ ରହିବ । ତୁମକୁ ସମସ୍ତେ ନୀଳଚକ୍ର ରୂପେ ଜାଣିବେ । ସବୁ ଭକ୍ତ ପ୍ରଥମେ ମୋତେ ଦର୍ଶନ କରିବା ପୂର୍ବରୁ ତୁମର ନୀଳଚକ୍ରକୁ ଦେଖିବେ । ଯେତେ ଭକ୍ତ ମୋ ପାଖକୁ ଆସିବେ ସମସ୍ତେ ତୁମକୁ ଦେଖିବେ ଆଉ ହନୁମାନଙ୍କୁ ଦେଖିବେ । ତପସ୍ୱୀ ହନୁମାନ ନାମରେ ତାଙ୍କୁ ଦୁନିଆ ଜାଣିବ ।

*ଆଚାର୍ଯ୍ୟା*
*ସ.ଶି.ବି.ମ., ନୂଆବଜାର, କଟକ*

**ନ ସେବେ ବିଷ୍ଣୁର ସେବକ । ଇତର ମଣେ ଅନ୍ୟ ଲୋକ ।।**

**ଏକାତ୍ମ ଭାରତ**

**ଚତୁର୍ବେଦାଃ ପୁରାଣାନି ସର୍ବୋପନିଷଦସ୍ତଥା ।**
**ରାମାୟଣଂ ଭାରତଂ ଚ ଗୀତା ଷଡ୍‌ଦର୍ଶନାନି ଚ ।।୮।।**
**ଜୈନାଗମାସ୍ତ୍ରିପିଟକା ଗୁରୁଗ୍ରନ୍ଥଃ ସତାଂ ଗିରଃ ।**
**ଏଷ ଜ୍ଞାନନିଧିଃ ଶ୍ରେଷ୍ଠଃ ଶ୍ରଦ୍ଧେୟୋ ହୃଦି ସର୍ବଦା ।।୯।।**

ଜ୍ଞାନର ଭଣ୍ଡାର ଋକ୍, ଯଜୁଃ, ସାମ, ଅଥର୍ବ ଆଦି ଚାରିବେଦ; ବ୍ରହ୍ମପୁରାଣ, ପଦ୍ମ ପୁରାଣ, ବିଷ୍ଣୁ ପୁରାଣ, ବାୟୁ ବା ଶିବ ପୁରାଣ, ଭାଗବତ ପୁରାଣ, ନାରଦ ପୁରାଣ, ମାର୍କଣ୍ଡେୟ ପୁରାଣ, ଅଗ୍ନି ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ଲିଙ୍ଗ ପୁରାଣ, ବରାହ ପୁରାଣ, ସ୍କନ୍ଦ ପୁରାଣ, ବାମନ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଗରୁଡ଼ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣ ଆଦି ଅଷ୍ଟାଦଶ ପୁରାଣ; ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ଐତେରେୟ, ତୈତିରୀୟ, ଛାନ୍ଦୋଗ୍ୟ, ବୃହଦାରଣ୍ୟକ ଆଦି ବ୍ରହ୍ମବିଦ୍ୟାପୂର୍ଣ୍ଣ ଉପନିଷଦ; ଭାରତୀୟ ସଂସ୍କୃତିର ଆଲୋକସ୍ତମ୍ଭ ଭାବରେ ସମଗ୍ର ବିଶ୍ୱକୁ ଜ୍ଞାନାଲୋକ ପ୍ରଦାନ କରୁଥିବା ମହର୍ଷି ବାଲ୍ମିକିଙ୍କ ରଚିତ ରାମାୟଣ; ଭାରତୀୟ ଧର୍ମ, ସଂସ୍କୃତି, ଶିକ୍ଷାଦୀକ୍ଷା, ଆଚାର ବ୍ୟବହାର ଆଦିର ସ୍ୱାକ୍ଷର ବହନ କରିଥିବା ଭଗବାନ କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ରଚିତ ମହାଭାରତ ଗ୍ରନ୍ଥ; ବେଦାନ୍ତ ବିଜ୍ଞାନକୁ ବହନ କରିଥିବା ସାଂଖ୍ୟ, ଯୋଗ, ନ୍ୟାୟ, ବୈଶେଷିକ, ପୂର୍ବ ମୀମାଂସା, ଉତ୍ତର ମୀମାଂସା ଆଦି ଷଡ଼ ଦର୍ଶନ; ଜୈନମତର ସମସ୍ତ ପ୍ରାମାଣିକ ସାହିତ୍ୟ ଜୈନାଗମ; ସୂତ୍ର ପିଟକ, ବିନୟ ପିଟକ, ଅଭିଧର୍ମ ପିଟକ ଆଦି ବୌଦ୍ଧ ମତର ତିନି ମୂଳଗ୍ରନ୍ଥ ତ୍ରିପିଟକ; ଶିଖ ପନ୍ଥର ପବିତ୍ର ଗ୍ରନ୍ଥ ଗୁରୁଗ୍ରନ୍ଥ ସାହିବ; ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ବିଶ୍ୱକୁ ମାର୍ଗଦର୍ଶନ କରିଆସୁଥିବା ସାଧୁସନ୍ଥମାନଙ୍କର କଲ୍ୟାଣକାରୀ ବାଣୀ ଆମ୍ଭମାନଙ୍କର ପ୍ରାତଃ ସ୍ମରଣୀୟ ଅଟନ୍ତି ।।୮ ଏବଂ ୯।।

**ଅରୁନ୍ଧତ୍ୟନସୂୟା ଚ ସାବିତ୍ରୀ ଜାନକୀ ସତୀ ।**
**ଦ୍ରୌପଦୀ କଣ୍ଣଗୀ ଗାର୍ଗୀ ମୀରା ଦୁର୍ଗାବତୀ ତଥା ।।୧୦।।**

**ଲକ୍ଷ୍ମୀରହଲ୍ୟା ଚନ୍ନମ୍ମା ରୁଦ୍ରମାମ୍ବା ସୁବିକ୍ରମା ।**
**ନିବେଦିତା ସାରଦା ଚ ପ୍ରଣମ୍ୟା ମାତୃଦେବତାଃ ।।୧୧।।**

କଠିନ ତପଶ୍ଚର୍ଯ୍ୟା ପାଇଁ ପ୍ରସିଦ୍ଧ ମହର୍ଷି ବଶିଷ୍ଠଙ୍କ ଧର୍ମପତ୍ନୀ ଅରୁନ୍ଧତୀ; ବନଗମନ କାଳରେ ସୀତାମାତାଙ୍କୁ ଉପଦେଶ ପ୍ରଦାନ କରିଥିବା ଅତ୍ରି ଋଷିଙ୍କର ପତିବ୍ରତା ପତ୍ନୀ ଅନସୂୟା; ପତିବ୍ରତ ବଳରେ ଯମଙ୍କ ଠାରୁ ନିଜ ସ୍ୱାମୀଙ୍କୁ ରକ୍ଷା କରିପାରିଥିବା ମହାସତୀ ସାବିତ୍ରୀ; ବିଶ୍ୱ ବିଖ୍ୟାତ ରାମାୟଣ ମହାକାବ୍ୟର ନାୟିକା, ନାରୀକୁଳର ଗରିମା ବୃଦ୍ଧି କରିଥିବା ଜନକନନ୍ଦିନୀ ଜାନକୀ; ପିତାଙ୍କ ଦ୍ୱାରା ଆୟୋଜିତ ଯଜ୍ଞରେ ନିଜ ସ୍ୱାମୀଙ୍କ ହତାଦର ଦେଖି ଯଜ୍ଞାଗ୍ନିରେ ଝାସ ଦେଇ ଥିବା ଦକ୍ଷପ୍ରଜାପତିଙ୍କ କନ୍ୟା ତଥା ଭଗବାନ ଶଙ୍କରଙ୍କ ପତ୍ନୀ ସତୀ; ପାଞ୍ଚାଳ ନରେଶ ଦ୍ରୁପଦଙ୍କ କନ୍ୟା, ଶ୍ରୀକୃଷ୍ଣଙ୍କ ପ୍ରିୟ ଭଉଣୀ ତଥା ପାଣ୍ଡବ ପାଞ୍ଚ ଭାଇଙ୍କୁ ପତି ରୂପେ ବରଣ କରିଥିବା ଦ୍ରୌପଦୀ; ତାମିଲନାଡୁର ପ୍ରସିଦ୍ଧ ପତିବ୍ରତା ରମଣୀ କଣ୍ଣଗୀ; ରାଜର୍ଷି ଜନକଙ୍କ ରାଜସଭାରେ ଅଜେୟ ବ୍ରହ୍ମଜ୍ଞାନୀ ଯାଜ୍ଞବଲ୍କ୍ୟଙ୍କ ସହିତ ଶାସ୍ତ୍ରାର୍ଥ କରିଥିବା ବଚକ୍ନୁ ଋଷିଙ୍କ ବିଦୁଷୀ କନ୍ୟା ଗାର୍ଗୀ; କୃଷ୍ଣ ଭକ୍ତିରେ ତଲ୍ଲୀନ ହୋଇ ସାଂସାରିକ ମୋହମାୟା ଓ ରାଜକୁଳର ସମସ୍ତ ଆକର୍ଷଣକୁ ତ୍ୟାଗ କରିଥିବା ରାଜସ୍ଥାନର

ନରସିଂହ ରାଠୋରଙ୍କ କନ୍ୟା ମୀରାବାଈ; ମୋଗଲ ବାଦଶାହା ଆକବର ସହ ବୀରତ୍ୱପୂର୍ଣ୍ଣ ଲଢ଼େଇ କରିଥିବା ଗଡ଼ମଣ୍ଡଳର ବୀରା ରାଣୀ ଦୁର୍ଗାବତୀ; ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୫୭ରେ ଇଂରେଜମାନଙ୍କ ସହିତ ଲଢ଼ି ଭୀଷଣ ସଂହାରଲୀଳା ପ୍ରଦର୍ଶନ କରି ବୀରଗତି ପ୍ରାପ୍ତ ହୋଇଥିବା ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ; ନିଜର ଅପରାଧୀ ପୁତ୍ରକୁ ହାତୀ ପାଦରେ ଦଳି ଦେଇଥିବା ଇନ୍ଦୋରର ନୀତିନିପୁଣା ପ୍ରଜାବତ୍ସଳା ରାଣୀ ଅହଲ୍ୟା ବାଈ ହୋଲ୍‌କର; ଶିବାଜୀଙ୍କ ପୁତ୍ରକୁ ଧରିବା ପାଇଁ ଆଉରଙ୍ଗଜେବ ଅନୁଧାବନ କରୁଥିବା ସମୟରେ ତାଙ୍କୁ ଆଶ୍ରୟ ଦେଇଥିବା କେଲାଦୀର ସାହସିନୀ ରାଣୀ ଚନ୍ନମ୍ମା ଏବଂ ଇଂରେଜମାନଙ୍କ ସହିତ ତୀବ୍ର ସଂଘର୍ଷ କରିଥିବା କର୍ଣ୍ଣାଟକ କିତୁରର ରାଣୀ ଚନ୍ନମ୍ମା; ଦୁଇ ଦଶକ ଧରି ଆନ୍ଧ୍ରର କାକତୀୟ ସାମ୍ରାଜ୍ୟକୁ ସଫଳ ପରିଚାଳନା କରିଥିବା ରାଣୀ ରୁଦ୍ରମାମ୍ବା; ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତକୁ ଆସି ଦୀନଦୁଃଖୀଙ୍କ ସେବାରେ ନିଜକୁ ସମର୍ପଣ କରିବା ସହ ଭାରତରେ ନବ ଜାଗରଣ ସୃଷ୍ଟି କରିଥିବା ଭଗିନୀ ନିବେଦିତା; ବୀତରାଗ ସ୍ୱାମୀ ରାମକୃଷ୍ଣ ପରମହଂସଙ୍କ ସୁଯୋଗ୍ୟା ସହଧର୍ମିଣୀ ମାତା ଶାରଦା ଦେବୀ ଆଦି ମହୀୟସୀ ମହିଳାଗଣ ଯେଉଁମାନେ ଭାରତୀୟ ନାରୀ ସମାଜକୁ ନିରନ୍ତର ପ୍ରେରଣା ପ୍ରଦାନ କରି ଆସୁଛନ୍ତି, ସେମାନେ ଆମ୍ଭମାନଙ୍କର ପ୍ରାତଃ ସ୍ମରଣୀୟା ଅଟନ୍ତି ।।୧୦ ଏବଂ ୧୧।।

**ଶ୍ରୀରାମୋ ଭରତଃ କୃଷ୍ଣୋ ଭୀଷ୍ମୋ ଧର୍ମସ୍ତଥାର୍ଜ୍ଜୁନଃ ।**
**ମାର୍କଣ୍ଡେୟୋ ହରିଶ୍ଚନ୍ଦ୍ରଃ ପ୍ରହ୍ଲାଦୋ ନାରଦୋ ଧ୍ରୁବଃ ।।୧୨।।**

ଭାରତୀୟ ଜୀବନାଦର୍ଶରେ ପୁରୁଷୋତ୍ତମ ଭାବେ ପୂଜିତ ଇକ୍ଷ୍ୱାକୁବଂଶୀୟ ଦଶରଥ ନନ୍ଦନ ପ୍ରଭୁ ଶ୍ରୀରାମ; ପୁରୁବଂଶୀ ଦୁଷ୍ମନ୍ତ ଶକୁନ୍ତଳାଙ୍କ ବୀରପୁତ୍ର ପ୍ରଜାବତ୍ସଳ ଚକ୍ରବର୍ତ୍ତୀ ସମ୍ରାଟ ଭରତ; ଦ୍ୱାପର ଯୁଗର ଶେଷ ଭାଗରେ ଦୁର୍ଜନ ସଂହାର ତଥା ଧର୍ମ ସଂସ୍ଥାପନା କରିଥିବା ଗୀତା ଜ୍ଞାନାମୃତ ପ୍ରଦାନକାରୀ ଦେବକୀବସୁଦେବ ସୁତ ତଥା ଯଶୋଦାନନ୍ଦନନ୍ଦନ ଭଗବାନ ଶ୍ରୀକୃଷ୍ଣ; କୁରୁବଂଶୀ ରାଜା ଶାନ୍ତନୁଙ୍କ ପୁତ୍ର ଆଜୀବନ ବ୍ରହ୍ମଚାରୀ, ପରଶୁରାମଙ୍କ ଶିଷ୍ୟ, ଶସ୍ତ୍ର ବିଦ୍ୟା ଓ ରାଜନୀତି ବିଶାରଦ ପିତାମହ ଭୀଷ୍ମ; କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଜ୍ୟେଷ୍ଠ, କୌରବଙ୍କ ପ୍ରତି ଶତ୍ରୁତା ଭୁଲି ବୟଂ ପଞ୍ଚଶତାଧିକମ୍ ସିଦ୍ଧାନ୍ତକୁ ପ୍ରତିପାଦନ କରିଥିବା ଧର୍ମରାଜ ଯୁଧିଷ୍ଠିର, ଦ୍ରୋଣାଚାର୍ଯ୍ୟଙ୍କ ପ୍ରିୟଶିଷ୍ୟ, ଶ୍ରେଷ୍ଠ ଧନୁର୍ଦ୍ଧର, ମହାଭାରତର ମହାନ ବିଜେତା, ଭଗବତ ଗୀତାରେ ଉପଦେଶ ଦ୍ୱାରା ଅନୁଗୃହୀତ ଅନନ୍ୟ ଭକ୍ତିବାନ, ଶ୍ରୀକୃଷ୍ଣଙ୍କ ପ୍ରିୟ ସଖା ଦ୍ୱିତୀକୃଷ୍ଣ ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ; ବାଲ୍ୟାବସ୍ଥାରୁ ଅଖଣ୍ଡ ବ୍ରତଚର୍ଯ୍ୟା ଓ ତପୋବଳ ଦ୍ୱାରା ନିଜର ଅକାଳ ମୃତ୍ୟୁକୁ ଏଡ଼ାଇ ପାରିଥିବା ମୃକଣ୍ଡ ଋଷିଙ୍କ ପୁତ୍ର ମହାନ ଋଷି ମାର୍କଣ୍ଡେୟ; ସତ୍ୟରକ୍ଷା ପାଇଁ ରାଜ୍ୟ, ସମ୍ପତ୍ତି ତ୍ୟାଗ ଓ ସ୍ତ୍ରୀପୁତ୍ର ଏପରିକି ନିଜକୁ ବିକ୍ରୟ କରି ଦେଇଥିବା ଇକ୍ଷ୍ୱାକୁବଂଶୀ ରାଜା ହରିଶ୍ଚନ୍ଦ୍ର; ନିଜର ଭକ୍ତିବଳରେ ଭଗବାନ ବିଷ୍ଣୁଙ୍କୁ ନରସିଂହ ରୂପ ଧାରଣ କରାଇ ପାରିଥିବା ବିଷ୍ଣୁଭକ୍ତା କୟାଦୁ ଓ ଦୈତ୍ୟରାଜ ହିରଣ୍ୟକଶିପୁଙ୍କର ବିଷ୍ଣୁଭକ୍ତ ପୁତ୍ର ପ୍ରହ୍ଲାଦ; ଧର୍ମର ମର୍ଯ୍ୟାଦା ଉଲ୍ଲଙ୍ଘନ ହେଲେ ମନୋବୈଜ୍ଞାନିକ ଉପଚାର କରିପାରୁଥିବା ସର୍ବଲୋକଚାରଣକାରୀ ସର୍ବବିଦ୍ୟାବିତ୍ ବିଷ୍ଣୁଭକ୍ତ, ବ୍ରହ୍ମାଙ୍କ ମାନସପୁତ୍ର ଦେବର୍ଷି ନାରଦ; ବିମାତାଙ୍କ ଦୁର୍ବ୍ୟବହାରରେ ଦୁଃଖିତ ହୋଇ ନିଜ ମାତା ଓ ମହର୍ଷି ନାରଦଙ୍କ ଉପଦେଶରେ ମାତ୍ର ଏଗାର ବର୍ଷ ବୟସରେ ଯମୁନା ନଦୀ ମଧୁବନ ଠାରେ କଠୋର ତପସ୍ୟା କରି ଭଗବାନଙ୍କ ଦୁର୍ଲଭ ଅନୁକମ୍ପା ଲାଭ କରିଥିବା ସୁନୀତି ଓ ଉତ୍ତାନପାଦଙ୍କ ସୁପୁତ୍ର ଧ୍ରୁବ ଆଦି ମହାପୁରୁଷ ଆମ୍ଭମାନଙ୍କର ପ୍ରାତଃ ସ୍ମରଣୀୟ ଅଟନ୍ତି ।।୧୨।।

ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୋହେ ସୁଖେ ପ୍ରୟୋଜନ ।।

**ବିଜ୍ଞାନ ବିଭବ**

# ସୁପର ଫୁଡ୍ 'ସ୍ପିରୁଲିନା'

* ଶ୍ରୀ ଶିବ ପ୍ରସାଦ ସାହୁ

ପୃଥିବୀ ପୃଷ୍ଠରେ ଥିବା ସବୁଠାରୁ ପୁରୁଣା ଜୀବନ ରୂପ ହେଉଛି 'ସ୍ପିରୁଲିନା' ନାମକ ନୀଳ ସବୁଜ ବର୍ଣ୍ଣର ଏକ ସୂକ୍ଷ୍ମ ଶୈବାଳ, ଯାହା ବାସ୍ତବରେ ପୃଥିବୀର ବାୟୁମଣ୍ଡଳରେ ଅମ୍ଳଜାନ ସୃଷ୍ଟି କରିବା ପାଇଁ ଉତ୍ତରଦାୟୀ ଅଟେ । ବର୍ତ୍ତମାନ ସୁଦ୍ଧା ମିଳୁଥିବା ସମସ୍ତ ଖାଦ୍ୟପଦାର୍ଥ ତୁଳନାରେ ସ୍ପିରୁଲିନାଠାରେ ସବୁଠାରୁ ଅଧିକ ମାତ୍ରାରେ ପୋଷକତତ୍ତ୍ୱ ରହିଛି । ତେଣୁ ସ୍ପିରୁଲିନାକୁ ସୁପର ଫୁଡ଼୍ ମଧ୍ୟ କୁହାଯାଉଛି ।

ସଂଯୁକ୍ତ ରାଷ୍ଟ୍ର (United Nations) ୧୯୭୪ ମସିହାରେ ସ୍ପିରୁଲିନାକୁ ପୃଥିବୀବାସୀଙ୍କ ପାଇଁ ଭବିଷ୍ୟତର ସର୍ବଶ୍ରେଷ୍ଠ ଆହାର ବୋଲି ଘୋଷଣା କରିଛି । ଏହି ଶୈବାଳରେ ଶତକଡ଼ା ୬୦ରୁ ଶତକଡ଼ା ୭୦ ଭାଗ ପ୍ରୋଟିନ ରହିଛି ବୋଲି Food and Agricultural Organization (FAQ) ଦ୍ୱାରା ପ୍ରମାଣିତ ହୋଇସାରିଛି । ଅନେକ ଦେଶରେ କୁପୋଷଣ ବିରୋଧରେ ଲଢ଼େଇ କରିବା ପାଇଁ ବୈଜ୍ଞାନିକମାନଙ୍କୁ ସ୍ପିରୁଲିନା ଶୈବାଳ ଏକ ବରଦାନ ରୂପେ ମିଳିଯାଇଛି କହିଲେ ଭୁଲ ହେବ ନାହିଁ ।

ଭାରତର ତାମିଲନାଡୁ ରାଜ୍ୟର ନୀଳଗିରି ଜିଲ୍ଲା ସ୍ଥିତ ପ୍ରାୟ ୨୦୦୦ ଆଦିବାସୀ ପିଲାଙ୍କୁ ସ୍ପିରୁଲିନା ଚକୋଲେଟ୍, ସ୍ପିରୁଲିନା କୁଲଫି ଖାଇବାକୁ ଦେଇ ଏକ ପ୍ରୟୋଗ କରାଯାଇଥିଲା ଏବଂ ଏହାର ସକାରାତ୍ମକ ଫଳ ମଧ୍ୟ ଦେଖିବାକୁ ମିଳିଥିଲା । ଏଥିପାଇଁ ବୈଜ୍ଞାନିକମାନେ ଅତ୍ୟଧିକ ଉତ୍ସାହିତ ହୋଇଛନ୍ତି । Child Fund India (CFI) ସଂସ୍ଥାର ରାଷ୍ଟ୍ରୀୟ ନିର୍ଦ୍ଦେଶକ ଶ୍ରୀମତୀ ଡୋଲା ମହାପାତ୍ରଙ୍କ ଅନୁସାରେ ଅଧ୍ୟୟନ ପାଇଁ ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରାଗଲା । ଗୋଟିଏ ଦଳକୁ ସ୍ପିରୁଲିନା ଚକୋଲେଟ୍ ଦିଆଗଲା ତ ଅନ୍ୟ ଦଳକୁ ଦୈନିକ ଭୋଜନ ଦିଆଗଲା । ନିୟମିତ ଭାବେ ସ୍ପିରୁଲିନା ସେବନ କରୁଥିବା ପିଲାମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅନ୍ୟ ଦଳ ଅପେକ୍ଷା ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହେଲା । ଡୋଲା ମହାପାତ୍ରଙ୍କ ଅନୁସାରେ ଅଧ୍ୟୟନରୁ ସ୍ପଷ୍ଟ ହେଲା ଯେ ଆଦିବାସୀ ପ୍ରବଣ ଅଞ୍ଚଳରେ ଦୀର୍ଘକାଳ ପାଇଁ ଏହାର ପ୍ରୟୋଗ ହେବା ଉଚିତ । CFI ନିକଟ ଭବିଷ୍ୟତରେ ରାଜସ୍ଥାନର ଉଦୟପୁରଠାରେ ଏହାର ଦ୍ୱିତୀୟ ଚରଣ ଆଦିବାସୀ ଅଞ୍ଚଳରେ ଆରମ୍ଭ କରିବ ବୋଲି ଆଶାପୋଷଣ କରିଛି । ଜଣାଶୁଣା ପୁଷ୍ଟି ବିଜ୍ଞାନୀ ଶ୍ରୀମତୀ ଈଶା ଖୋସଲାଙ୍କ ମତରେ ସ୍ପିରୁଲିନା ସୁରକ୍ଷିତ, ପୌଷ୍ଟିକ ଏବଂ ସଂସ୍ଥା ଆହାର ଅଟେ । ଏହା ଆଦିବାସୀ ଅଞ୍ଚଳରେ ଅଧିକ କାର୍ଯ୍ୟକ୍ଷମ ହୋଇପାରିବ ।

୧୯୮୦ ରୁ ୧୯୯୦ ଦଶନ୍ଧିରେ NASA ଏବଂ European Space Agency ନିଜ ନିଜର ଗବେଷଣା ପରେ କହିଥିଲେ କି ଅଧିକ ଦିନର ବା ଦୀର୍ଘଦିନର ଅନ୍ତରୀକ୍ଷ କାର୍ଯ୍ୟକ୍ରମ ସମୟରେ ଯଦି ଭୋଜନ ସମସ୍ୟାର ସମ୍ମୁଖୀନ ହେବ ତେବେ ସ୍ପିରୁଲିନା ସେହି ସମୟରେ ସାହାଯ୍ୟ କରିପାରିବ । କାରଣ ଅନ୍ତରୀକ୍ଷ ଯାତ୍ରା ସମୟରେ ମଧ୍ୟ ଏହାର ରୋପଣ ହୋଇପାରିବ । UNICEF ଅନୁସାରେ ଭାରତରେ ୪ ବର୍ଷରୁ କମ୍ ଶିଶୁମାନଙ୍କ ମଧ୍ୟରେ ପ୍ରାୟ ଶତକଡ଼ା ୬୦ ଭାଗ ଶିଶୁ କୁପୋଷଣର ଶିକାର ହୋଇଛନ୍ତି ଏବଂ ଦୁନିଆର ପ୍ରତ୍ୟେକ ୪ଟି ଶିଶୁ ମଧ୍ୟରେ ଗୋଟିଏ ଶିଶୁ ଭାରତର କୁପୋଷଣର ଶିକାର ହୋଇଛି ।

***ସ୍ପିରୁଲିନାର ବିଭିନ୍ନ ଗୁଣ –***

* ୧୮ ପ୍ରକାର ଭିଟାମିନ୍ ଏବଂ ଖଣିଜ ଦ୍ରବ୍ୟରେ ଭରପୂର ।
* Chlorophyllରେ ପରିପୂର୍ଣ୍ଣ ।
* ବିଭିନ୍ନ ପ୍ରକାର Amino Acid ଯୁକ୍ତ ।
* ଶତକଡ଼ା ୬୦ରୁ ଅଧିକ ପୁଷ୍ଟିସାର ଥାଏ ।
* ଗାଜରଠାରୁ ୧୦୦ ଗୁଣ ଅଧିକ ଭିଟାମିନ୍-A ଓ ୧୦ ଗୁଣ ଅଧିକ Keratin ଥାଏ ।
* ପାଳଙ୍ଗ ଶାଗ ଠାରୁ ୫୦ ଗୁଣ ଅଧିକ ଲୌହପୋଷକ ଥାଏ ।
* ଦୁଗ୍ଧଠାରୁ ୭ ଗୁଣ ଅଧିକ କ୍ୟାଲସିୟମ୍ ଥାଏ ।

***ସ୍ପିରୁଲିନା ସେବନରେ ଲାଭ –***

* ଦୈନିକ ସ୍ପିରୁଲିନା ସେବନ କଲେ ମଧୁମେହ ଠାରୁ ମୁକ୍ତି ମିଳେ ।

ପଶୁ ତନୟ ଦାରା ଦାସ । ଏ ସର୍ବ ବିଜୁଳି ପ୍ରକାଶ ।।

* କୋଲେଷ୍ଟ୍ରଲର ମାତ୍ରାକୁ କମ୍ କରେ ।
* ଏଥିରେ Phycocyanin ନାମକ ଏକ ତତ୍ତ୍ୱ ଅଧିକ ମାତ୍ରାରେ ଥାଏ ଯାହା କର୍କଟରୋଗର ପ୍ରଭାବକୁ କମ୍ କରିଦିଏ ।
* ଏଥିରେ ଥିବା Folic Acid ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ଯାହା ରକ୍ତ କୋଷିକା ଓ ଶକ୍ତି ଉତ୍ପାଦନରେ ସାହାଯ୍ୟ କରେ ।
* ଶରୀରକୁ ଗୌରବର୍ଣ୍ଣ କରିବା ସହ ଯୁବକତ୍ୱ ପ୍ରଦାନ କରିଥାଏ ।
* ଆଖିତଳେ ସୃଷ୍ଟି ହେଉଥିବା କଳା ଚିହ୍ନକୁ ଦୂର କରିବାରେ ସାହାଯ୍ୟ କରିଥାଏ ।
* ଏଥିରେ ଥିବା Anti Oxidant, Free Radicalsକୁ ଦୂର କରି ଚର୍ମକୁ ସତେଜ ରଖିବାରେ ସାହାଯ୍ୟ କରେ ।
* ନଖକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।
* କେଶକୁ ଲମ୍ବା କରିବା ପାଇଁ ଏହି ଶୈବାଳକୁ ସାମ୍ପୁ ଓ କଣ୍ଡିସନରରେ ପ୍ରୟୋଗ କରାଯାଏ ।
* ବାଳ ଝଡ଼ିବା ସମସ୍ୟା ଦୂର କରେ ।
* ଯେହେତୁ ଏହା anti oxidant ଯୁକ୍ତ, ଏହାକୁ ଲଗାତାର ଚାରି ସପ୍ତାହ କେଶରେ ପ୍ରୟୋଗ କଲେ Dandruff ସମସ୍ୟାରୁ ମୁକ୍ତି ମିଳେ ଓ କେଶକୁ ମଜଭୁତ ଓ ଚମକ ପ୍ରଦାନ କରେ ।

***ସ୍ପିରୁଲିନାର ପାର୍ଶ୍ୱ ପ୍ରତିକ୍ରିୟା -***

ଏତେଗୁଡ଼ିଏ ଲାଭ ଥାଇ ମଧ୍ୟ ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖିବାକୁ ମିଳେ ଯଥା -

* ଯକୃତ କ୍ଷତିଗ୍ରସ୍ତ ହୋଇପାରେ ।
* ପେଟରେ ଦରଜ ହୋଇପାରେ ।
* ବିରକ୍ତି ଭାବ ସୃଷ୍ଟି ହୋଇପାରେ ।
* ବାନ୍ତି ହୋଇପାରେ ।
* ଦୁର୍ବଳତା ଅନୁଭବ ହୋଇପାରେ ।
* ଅତ୍ୟଧିକ ଶୋଷ ହୋଇପାରେ ।
* ହୃଦୟର ସ୍ପନ୍ଦନ ବଢ଼ିଯାଇପାରେ ।

ତେଣୁ ଡାକ୍ତରଙ୍କ ବିନା ପରାମର୍ଶରେ ସ୍ପିରୁଲିନାକୁ ସେବନ କରିବା ଅନୁଚିତ ।

*ଆଚାର୍ଯ୍ୟ*

*ସ.ଶି.ବି.ମ. ଗଜପତିନଗର, ବ୍ରହ୍ମପୁର*

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଅନନ୍ତ ସେବାବ୍ରତୀ, ଧୂରୀଣ କାର୍ଯ୍ୟକର୍ତ୍ତା. କର୍ମଯୋଗୀ, ଅମ୍ଳାନ ପ୍ରତିଭା, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଜଣେ ବରିଷ୍ଠ ପୂର୍ଣ୍ଣକାଳୀନ ସ୍ୱର୍ଗତ ଚକ୍ରଧର ପାଣିଗ୍ରାହୀ ଗତ ଏପ୍ରିଲ ମାସ ୨୯ ତାରିଖ ମଧ୍ୟ ରାତ୍ରରେ ଇହଲୋକ ତ୍ୟାଗ କରି ପରଲୋକ ଗମନ କରିଛନ୍ତି ।

୧୯୭୦ ମସିହା ନଭେମ୍ବର ମାସ ୦୭ ତାରିଖରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ଠାରେ ଜନ୍ମିତ ଚକ୍ରଧର ଭାଇ ଏମ୍.ଏ.ଏଲ.ଏଲ.ବି ଶିକ୍ଷା ସମାପ୍ତି ପରେ ୧୯୯୧ ମସିହାରେ ପାଟଣାଗଡ଼ ଶିଶୁ ବିଦ୍ୟା ମନ୍ଦିରରେ ସେବାବ୍ରତୀ ଆଚାର୍ଯ୍ୟ, ପ୍ରଧାନାଚାର୍ଯ୍ୟ ଭାବେ ସେବାଦାନ କରନ୍ତି । ପରେ ଶିକ୍ଷା ବିକାଶ ସମିତିର ଜଣେ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତାଭାବେ କେନ୍ଦୁଝର ବିଭାଗ ନିରୀକ୍ଷକ ଓ ପ୍ରାନ୍ତ ପ୍ରଶିକ୍ଷଣ ମନ୍ଦିର ସଂଯୋଜକ ଦାୟିତ୍ୱ ନିର୍ବାହ କରିଥିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ବିଶ୍ରାମ ଦୃଷ୍ଟିରୁ ସ.ବି.ମ., କେଶବଧାମଠାରେ ଅବସ୍ଥାପିତ ହୋଇଥିଲେ । ଏକାଧାରରେ ସେ ଥିଲେ ଜଣେ କୁଶଳୀ କାର୍ଯ୍ୟକର୍ତ୍ତା, ଚିତ୍ରକର, ନିଖୁଣ ଅଭିନେତା, ଲେଖକ, ସଂଗ୍ରାହକ ଇତ୍ୟାଦି । ସେହିପରି ଜଣେ ଅମ୍ଳାନ ପ୍ରତିଭାଙ୍କ ବିୟୋଗରେ ଶିକ୍ଷା ବିକାଶ ସମିତି, ଓଡ଼ିଶା ତଥା ଶିକ୍ଷାସୃଜନୀ ପରିବାର ପରମେଶ୍ୱରଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି ।

ଏହାଙ୍କ ସଙ୍ଗେ ବନ୍ଦୀ ହୋଇ । ପୋଷଇ ଦୁଃଖଭାର ବହି ।।

**ଗଣିତ ବିଭବ**

# ବର୍ଗ

*ଶ୍ରୀ ପ୍ରସନ୍ନ କୁମାର ସାହୁ*

ଯାବଧିକଂ ପ୍ରଣାଳୀ :-

ଯାବଧିକଂ ତାବତଧିକୃତ୍ୟ ବର୍ଗମ୍ ଚ ଯୋଜୟେତ୍ -

ଏହାର ଅର୍ଥ ସଂଖ୍ୟାଟି ଆଧାର ଠାରୁ ଯେତିକି ଅଧିକ ମୂଳ ସଂଖ୍ୟାରେ ସେତିକି ମିଶାଇ ମିଶାଣଫଳ ଡାହାଣରେ ଅଧିକ ହୋଇଥିବା ସଂଖ୍ୟାର ବର୍ଗ ଲେଖିବା ।

**ଉଦାହରଣ - ୦୧ -** ୧୩ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୧୩ର ନିକଟତମ ଆଧାର ସଂଖ୍ୟା ୧୦ ଅଟେ ।

୧୩, ୧୦ଠାରୁ ୩ ଅଧିକ ଅଟେ ।

ତେଣୁ ୧୩ + ୩ = ୧୬ (ବାମ ପାର୍ଶ୍ୱ)

୩ ର ବର୍ଗ = (୩)$^{୨}$ = ୯ (ଡାହାଣ ପାର୍ଶ୍ୱ)

ଅତଏବ ୧୩ର ବର୍ଗ = ୧୬/୯ = ୧୬୯ (ଉତ୍ତର) ହେବ ।

**ଉଦାହରଣ - ୦୨ -** ୧୬ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୧୬ର ନିକଟତମ ଆଧାର ସଂଖ୍ୟା ୧୦ ଅଟେ ।

୧୬, ୧୦ ଠାରୁ ୬ ଅଧିକ ଅଟେ ।

ଅର୍ଥାତ୍ ୧୬ + ୬ = ୨୨ (ବାମ ପାର୍ଶ୍ୱ)

୬ର ବର୍ଗ = (୬)$^{୨}$ = ୩୬ (ଡାହାଣ ପାର୍ଶ୍ୱ), ଆଧାରରେ ଗୋଟିଏ ଅଙ୍କ ଥିବାରୁ ଡାହାଣ ପାର୍ଶ୍ୱରେ ଏକ ଅଙ୍କ ରହିଛି ଅନ୍ୟଟି ହାସିଲ ହୋଇଯିବ ।

ଅତଏବ୍ ୧୬ର ବର୍ଗ = ୨୨/୩$^{୬}$ = ୨୫୬ (ଉତ୍ତର)

**ଉଦାହରଣ - ୦୩ -** ୧୦୮ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୧୦୮ର ନିକଟତମ ଆଧାର ସଂଖ୍ୟା ୧୦୦ ଅଟେ ।

୧୦୮, ୧୦୦ ଠାରୁ ୮ ଅଧିକ ଅଟେ ।

ଅର୍ଥାତ୍ ୧୦୮ + ୮ = ୧୧୬ (ବାମ ପାର୍ଶ୍ୱ)

୦୮ର ବର୍ଗ = (୦୮)$^{୨}$ = ୬୪ (ଡାହାଣ ପାର୍ଶ୍ୱ)

ଅତଏବ୍ ୧୦୮ର ବର୍ଗ = ୧୧୬/୬୪ = ୧୧୬୬୪ (ଉତ୍ତର)

**ଉଦାହରଣ ୦୪ -** ୧୦୪ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୧୦୪ର ନିକଟତମ ଆଧାର ସଂଖ୍ୟା ୧୦୦ ଅଟେ ।

୧୦୪, ୧୦୦ ଠାରୁ ୪ ଅଧିକ ଅଟେ ।

ଅର୍ଥାତ୍ ୧୦୪ + ୪ = ୧୦୮ (ବାମ ପାର୍ଶ୍ୱ)

୦୪ର ବର୍ଗ = (୦୪)$^{୨}$ = ୧୬ (ଡାହାଣ ପାର୍ଶ୍ୱ)

ଅତଏବ୍ ୧୦୪ର ବର୍ଗ = ୧୦୮/୧୬ = ୧୦୮୧୬ (ଉତ୍ତର)

**ଉଦାହରଣ ୦୫ -** ୧୧୨ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୧୧୨ର ନିକଟତମ ଆଧାର ସଂଖ୍ୟା ୧୦୦ ଅଟେ ।

୧୧୨, ୧୦୦ ଠାରୁ ୧୨ ଅଧିକ ଅଟେ ।

ଅର୍ଥାତ୍ ୧୧୨ + ୧୨ = ୧୨୪ (ବାମ ପାର୍ଶ୍ୱ)

୧୨ର ବର୍ଗ = (୧୨)$^{୨}$ = ୧୪୪ = ୧$^{୪୪}$ (ଡାହାଣ ପାର୍ଶ୍ୱ)

ଏଠାରେ ଆଧାରରେ ୨ଟି ଶୂନ ଥିବାରୁ ଏକକ ଦଶକ ସ୍ଥାନ ଛାଡ଼ି ଶତକ ସ୍ଥାନଟି ହାସିଲ ହେବ ।

ଅତଏବ୍ ୧୧୨ର ବର୍ଗ = ୧୨୪/୧$^{୪୪}$ = ୧୨୫୪୪ (ଉତ୍ତର)

**ଉଦାହରଣ ୦୬ -** ୧୨୧ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୧୨୧ର ନିକଟତମ ଆଧାର ସଂଖ୍ୟା ୧୦୦ ଅଟେ ।

୧୨୧, ୧୦୦ ଠାରୁ ୨୧ ଅଧିକ ଅଟେ ।

ଅର୍ଥାତ୍ ୧୨୧ + ୨୧ = ୧୪୨ (ବାମ ପାର୍ଶ୍ୱ)

୨୧ର ବର୍ଗ = (୨୧)$^{୨}$ = ୪୪୧ = ୪$^{୪୧}$ (ଡାହାଣ ପାର୍ଶ୍ୱ)

ଅତଏବ୍ ୧୨୧ର ବର୍ଗ = ୧୪୨/୪$^{୪୧}$ = ୧୪୬୪୧ (ଉତ୍ତର)

**ସେ ପୁଣି ଯାନ୍ତି ଯେଝା ପଥେ । ଶୋକ ସନ୍ତାପ ଦେଇ ଚିତ୍ତେ ।।**

**ଉଦାହରଣ ୦୭ -** ୧୦୦୩ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୧୦୦୩ର ନିକଟତମ ଆଧାର ସଂଖ୍ୟା ୧୦୦୦ ଅଟେ ।

ଅର୍ଥାତ୍ ୧୦୦୩ + ୦୦୩ = ୧୦୦୬ (ବାମ ପାର୍ଶ୍ୱ)

୦୦୩ର ବର୍ଗ = (୦୦୩)$^{୨}$ = ୦୦୯ (ଡାହାଣ ପାର୍ଶ୍ୱ)

ଅତଏବ୍ ୧୦୦୩ର ବର୍ଗ = ୧୦୦୬/୦୦୯ = ୧୦୦୬୦୦୯ (ଉତ୍ତର) ହେବ ।

**ଉଦାହରଣ - ୦୮ -** ୧୦୪୧ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୧୦୪୧ର ନିକଟତମ ଆଧାର ସଂଖ୍ୟା ୧୦୦୦ ଅଟେ ।

ଅର୍ଥାତ୍ ୧୦୪୧ + ୦୪୧ = ୧୦୮୨ (ବାମ ପାର୍ଶ୍ୱ)

୪୧ର ବର୍ଗ = (୪୧)$^{୨}$ = ୧$^{୬୮୧}$ (ଡାହାଣ ପାର୍ଶ୍ୱ)

ଅତଏବ୍ ୧୦୪୧ର ବର୍ଗ = ୧୦୮୨/୧$^{୬୮୧}$ = ୧୦୮୩୬୮୧ (ଉତ୍ତର) ହେବ ।

**ଉଦାହରଣ ୦୯ -** ୧୧୦୮ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୧୧୦୮ର ନିକଟତମ ଆଧାର ସଂଖ୍ୟା ୧୦୦୦ ଅଟେ ।

ଅର୍ଥାତ୍ ୧୧୦୮ + ୧୦୮ = ୧୨୧୬ (ବାମ ପାର୍ଶ୍ୱ)

୧୦୮ର ବର୍ଗ = (୧୦୮)$^{୨}$ = ୧୦୮ +୦୮/୬୪ = ୧୧୬୬୪ (ଡାହାଣ ପାର୍ଶ୍ୱ)

ଅତଏବ୍ ୧୧୦୮ର ବର୍ଗ = ୧୨୧୬/୧୧$^{୬୬୪}$ = ୧୨୨୭୬୬୪ (ଉତ୍ତର) ହେବ ।

**ଉଦାହରଣ ୧୦ -** ୧୦୦୦୭ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୧୦୦୦୭ର ନିକଟତମ ଆଧାର ସଂଖ୍ୟା ୧୦୦୦୦ ଅଟେ ।

ଅର୍ଥାତ୍ ୧୦୦୦୭ + ୦୦୦୭ = ୧୧୦୦୧୪ (ବାମ ପାର୍ଶ୍ୱ)

୦୦୦୭ର ବର୍ଗ = (୦୦୦୭)$^{୨}$ = ୦୦୪୯ (ଡାହାଣ ପାର୍ଶ୍ୱ)

ଅତଏବ୍ ୧୦୦୦୭ର ବର୍ଗ = ୧୦୦୧୪/୦୦୪୯ = ୧୦୦୧୪୦୦୪୯ (ଉତ୍ତର) ହେବ

**ଆସ ଆମେ ଅଭ୍ୟାସ କରିବା :-**

**ନିମ୍ନ ସଂଖ୍ୟାର ବର୍ଗ ନିର୍ଣ୍ଣୟ କର ।**

୧) ୧୨

୨) ୧୮

୩) ୧୦୯

୪) ୧୧୬

୫) ୧୦୧୧

୬) ୧୧୦୨

୭) ୧୦୦୦୮

୮) ୧୧୦୦୨

୯) ୧୦୦୧୮

୧୦) ୧୦୦୪୧

*ଅଖିଳ ଭାରତୀୟ ସହ ଗଣିତ ପ୍ରମୁଖ*

*ବିଦ୍ୟା ଭାରତୀ*

ଯାହାକୁ ବିଧାତା ଯାହା କରିଛି ପ୍ରଦାନ
ତାହା ଲଭି ନିଜ ଭାଗ୍ୟେ ନିଜେ ସେ ପ୍ରଧାନ ।
ପରଭାଗ୍ୟ ଲବ୍ଧ ଧନେ ଅନ୍ୟ କଲେ ଲୋଭ
ଭୋଗ୍ୟ ହୋଇ ନ ପାରଇ ବଢ଼େ ମାତ୍ର କ୍ଷୋଭ ।

**ବଦନ ଥାଉଁ ହରି ବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ ।।**

**ଆମ ସ୍ୱାସ୍ଥ୍ୟ**

# ସନ୍ଧି ବାତ

*ଡାକ୍ତର ପୁଷ୍ପଲତା ମହାନ୍ତ*

ସନ୍ଧିବାତ ବା ଗଣ୍ଠିବାତ ଯାହାକୁ ଇଂରାଜୀରେ ଆର୍ଥ୍ରାଇଟିସ୍ (Arthritis) କୁହାଯାଏ । ଏହା ଏକ ପ୍ରକାର ଗଣ୍ଠିବିନ୍ଧା ଅଟେ । ଏହି ରୋଗ ବୟସ୍କ ବ୍ୟକ୍ତିଠାରେ ଅଧିକ ମାତ୍ରାରେ ଦେଖା ଦେଇଥାଏ । ଗଣ୍ଠିର ଏହି ରୋଗର ଚିକିତ୍ସା ସାଧ୍ୟ ଅଟେ କିନ୍ତୁ ଏହାର ଚିକିତ୍ସାକୁ ସମ୍ପୂର୍ଣ୍ଣ କରିବାକୁ ହେବ । ଏହି ରୋଗ ସାମାନ୍ୟତଃ ୩୫ ବର୍ଷ ବୟସ ପରେ ଦେଖା ଦେଇଥାଏ । ଏହି ରୋଗରେ ମନୁଷ୍ୟର ଗଣ୍ଠିରେ ବିନ୍ଧା, ଦରଜ, ଫୁଲା ଅନୁଭୂତ ହୁଏ । ଯେତେବେଳେ ମନୁଷ୍ୟର ବୟସ ବଢ଼ି ଯାଇଥାଏ । ସେତେବେଳେ ଅସ୍ଥିରେ ଦୁର୍ବଳତା ଆସିଯାଏ ଓ ତରୁଣାସ୍ଥିର କ୍ଷୟ ହୋଇଥାଏ । ସନ୍ଧିରେ ଯେତେବେଳେ ଅସ୍ଥି ଘର୍ଷଣ ହୋଇଥାଏ ସେତେବେଳେ ସାଧାରଣ ଯନ୍ତ୍ରଣା ହୋଇଥାଏ । ଏହି ରୋଗ ସାଧାରଣତଃ ଜାନୁ, ସନ୍ଧି, କଟି, ମେରୁଦଣ୍ଡ, ଆଙ୍ଗୁଠି ସନ୍ଧି ମାନଙ୍କରେ ଦେଖା ଦେଇଥାଏ । ଗଣ୍ଠିବାତ ସାଧାରଣ କ୍ରମରେ ଆସିଥାଏ । ଏହା ପ୍ରଥମତଃ ସନ୍ଧି ମାନଙ୍କରେ ଶାରୀରିକ କାର୍ଯ୍ୟ କରିବା ପର ମୁହୂର୍ତ୍ତରେ ହୋଇଥାଏ । ଯେତେବେଳେ ଏହି ରୋଗ ବୃଦ୍ଧିପାଏ ସେତେବେଳେ ସନ୍ଧିରେ ଯନ୍ତ୍ରଣା, ଏକାଧିକ ସନ୍ଧିରେ ଫୁଲା, କିଛି ସମୟ କାମ କରିବା ପରେ ଆଣ୍ଠୁ ଗଣ୍ଠି ଓ ସନ୍ଧି ସଂକୁଚିତ ପରି ଲାଗେ । ଏହାଦ୍ୱାରା ଶରୀରରେ ଯେକୌଣସି ସନ୍ଧି ମଧ୍ୟ ଆକ୍ରାନ୍ତ ହୋଇପାରେ ।

## ସନ୍ଧିବାତର ଲକ୍ଷଣ :-

ଗଣ୍ଠିବାତ ରୋଗକୁ ଚିହ୍ନିବା ସହଜ । ଏଥିରେ ଦିନସାରା ଯନ୍ତ୍ରଣା ରହିଥାଏ ।

୧. ଆଙ୍ଗୁଠି ସନ୍ଧିରେ ବେଦନା ।

୨. କାନ୍ଧରେ ହାଲୁକା ବେଦନା ।

୩. ବସିବା ଉଠିବା ସମୟରେ ଆଣ୍ଠୁ, ଗଣ୍ଠିରେ ଯନ୍ତ୍ରଣା ହେବା ।

୪. ଗୋଡ଼ର ଆଙ୍ଗୁଠି ମାନଙ୍କରେ ଯନ୍ତ୍ରଣା ହେବା ସହ ଚାଲିବା ବେଳେ କଷ୍ଟ ହେବା ।

୫. ଆଣ୍ଠୁ ଓ ଗଣ୍ଠିର ପାର୍ଶ୍ୱବର୍ତ୍ତୀ ଭାଗ ଫୁଲିବା ।

୬. କେବେକେବେ ପାଦ ଆଙ୍ଗୁଠିରେ ବେଦନା ଅନୁଭୂତ ହେବା ।

## ଗଣ୍ଠିବାତର ନିଦାନ :-

ଯେତେବେଳେ ଆମ ଶରୀରରେ Uric Acidର ମାତ୍ରା ଆବଶ୍ୟକତା ଠାରୁ ଅଧିକ ବୃଦ୍ଧି ହୋଇ ଯାଇଥାଏ ସେତେବେଳେ ଅସ୍ଥି ଏବଂ ସନ୍ଧିରେ ଯନ୍ତ୍ରଣା ସୃଷ୍ଟି ହୋଇଥାଏ ଯାହାକି ପରବର୍ତ୍ତୀ ସମୟରେ ଗଣ୍ଠିବାତର ରୂପ ନେଇଥାଏ । ଏହା ବ୍ୟତୀତ ଯେତେବେଳେ ସନ୍ଧିରେ ଅସ୍ଥି ମାନଙ୍କରେ ତରୁଣାସ୍ଥି କ୍ଷୟ ହୋଇଥାଏ ସେତେବେଳେ ପରସ୍ପର ସନ୍ଧି ମଧ୍ୟରେ ଘର୍ଷଣ ହୋଇ ବେଦନା ଉତ୍ପନ୍ନ କରିଥାଏ ।

## ଗଣ୍ଠିବାତର ରୋଗର ଘରୋଇ ଚିକିତ୍ସା :-

୧. ମହୁ – ପ୍ରତ୍ୟେକ ଦିନ ୧ ଚାମଚ ମହୁ ସହିତ ଡାଲଚିନି ମିଶାଇ ଉଷୁମ ଜଳ ସହିତ ସେବନ କରିବା ଫଳରେ ଗଣ୍ଠି ବେଦନାରୁ ଉପଶମ ମିଳିଥାଏ । ଏହି ପ୍ରକ୍ରିୟାକୁ ସପ୍ତାହରେ ୩-୪ଥର କରିବା ଆବଶ୍ୟକ ।

୨) ଅଦା – ଅଦା ସନ୍ଧି ବେଦନାକୁ ନାଶ କରିଥାଏ । ଅଦା Anti Oxidant ଭଳି କାର୍ଯ୍ୟ କରିଥାଏ । ୧ ଚାମଚ ଅଦାରସ ଅଧ କପ ଉଷୁମ ପାଣିରେ ମିଶାଇ ସେବନ କଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

୩) ହଳଦୀ – ହଳଦୀ ମଧ୍ୟରେ ଏକ ଉପଯୋଗୀ ପଦାର୍ଥ ରହିଛି ଯାହାକି ସନ୍ଧି ବେଦନାକୁ ନାଶ କରିଥାଏ । ୧ ଚାମଚ ହଳଦୀଗୁଣ୍ଡ ସହ ୧ ଚାମଚ ମହୁ ମିଶାଇ ଦିନକୁ

୨ ଥର ସେବନ କରି ଉଷୁମ ପାଣି ପିଇଲେ ଏହି ରୋଗରୁ ଉପଶମ ମିଳିଥାଏ ।

୪) ମେଥି - ରାତିରେ ୧ ଚାମଚ ମେଥି ଦାନା ଅଧଗ୍ଲାସ ପାଣିରେ ଭିଜାଇ ରଖିବ । ସକାଳେ ଅଧାଗ୍ଲାସ ଉଷୁମ ପାଣି ମିଶାଇ ଖାଲି ପେଟରେ ଭଲ ଭାବରେ ଚୋବାଇ ଖାଇବେ, ଏହିପରି କରିବା ଦ୍ୱାରା ଗଣ୍ଠି ବେଦନାରୁ ଶୀଘ୍ର ଆରାମ ମିଳିଥାଏ ।

୫) ରସୁଣ - ୧୦ ପାଖୁଡ଼ା ରସୁଣ ନେଇ ତାହାକୁ ଗୋଟେ ଗ୍ଲାସ ଦୁଗ୍ଧରେ ମିଶାଇ ୧୫ ମିନିଟ୍ ଗରମ କରି ତାହାକୁ ପ୍ରତିଦିନ ସେବନ କରିବା ଦ୍ୱାରା ଗଣ୍ଠି ବେଦନାରୁ ମୁକ୍ତି ମିଳିଥାଏ ।

୬) ପିଜୁଳି ପତ୍ର - କଅଁଳିଆ ପିଜୁଳି ପତ୍ର ୪/୫ଟିକୁ ବାଟି ସେଥିରେ କଳା (ବିଟ) ଲୁଣ ମିଶାଇ ସକାଳେ ଖାଲି ପେଟରେ ଓ ରାତିରେ ଖାଦ୍ୟ ପରେ ସେବନ କରି ଉଷୁମ ପାଣି ପିଇଲେ ଏହି ରୋଗରୁ ଉପଶମ ମିଳିଥାଏ ।

୭) ଜାମୁ ଛାଲି - ଜାମୁ ଛେଲିକୁ ଭଲ ଭାବରେ ସିଝାଇ ବାଟି ଲେପ ପ୍ରସ୍ତୁତ କରି ଗଣ୍ଠିରେ ଲଗାଇଲେ ବେଦନା କମ୍ ହୋଇଥାଏ ।

୮) ଜଳ ଓ ଲବଣ - ସନ୍ଧ୍ୟା ସମୟରେ ଅଳ୍ପ ଗରମ ପାଣିରେ ୧୦ ଚାମଚ ଲୁଣ ମିଶାଇ ତାହାକୁ ଯନ୍ତ୍ରଣା ସ୍ଥାନରେ ଶେକ ଦେବା ଦ୍ୱାରା ଗଣ୍ଠି ବେଦନାରୁ ଉପଶମ ମିଳିଥାଏ ।

୯) ତମ୍ବା ପାଣି - ଗଣ୍ଠି ବେଦନା ରୋଗୀ ଦିନକୁ ୨ ଥର ତମ୍ବା ପାତ୍ରର ଜଳ ସେବନ କରିବା ଉଚିତ । ଏଥିପାଇଁ ପ୍ରତିଦିନ ରାତିରେ ଏକ ତମ୍ବା ପାତ୍ରରେ ପାଣି ରଖି ତା ପର ଦିନ ସକାଳୁ ଖାଲି ପେଟରେ ସେବନ କରିବା ଉଚିତ ।

୧୦) ଲେମ୍ବୁ/କମଳା - ଏହା ଶରୀରରେ ହ୍ରାସ କରିବାରେ କ୍ଷମତା ରହିଛି, ତେଣୁ ସକାଳେ ଗୋଟେ ଗ୍ଲାସ ଲେମ୍ବୁ/କମଳା ଜୁସ୍ ସେବନ କରିବା ଉଚିତ ।

୧୧) ଯୋଗ - ପ୍ରତିଦିନ ଯୋଗ କରିବା ଦ୍ୱାରା ଗଣ୍ଠି ବେଦନାରୁ ଶୀଘ୍ର ଉପଶମ ମିଳିଥାଏ । ଏପରି କରିବା ଦ୍ୱାରା ସନ୍ଧି ଚଳପ୍ରଚଳ ହୋଇ ବେଦନାରୁ ଉପଶମ ମିଳିଥାଏ ।

୧୨) ଲବଙ୍ଗ - ଆଣ୍ଠୁ ଗଣ୍ଠି ବିନ୍ଧା ହେଉଥିଲେ ନାଲି ଚା'ରେ ଅଦା/ଶୁଣ୍ଠି ପକାଇ ପିଅନ୍ତୁ । ଦିନରେ ଖାଇବା ବେଳେ ୫ଟି ଲବଙ୍ଗ ଚୋବାଇ ଖାଇବେ ଏବଂ ପାଣି ପିଇବା ସମୟରେ ବସିକି ପାଣି ପିଇଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିଥାଏ ।

୧୩) ଔଷଧ ଯୋଗ - ସ୍ଫଟିକ ଭସ୍ମ, ନାଗ ଭସ୍ମ, ମହା ଯୋଗରାଜ ଗୁଗୁଳ, ବାତ ବିଧ୍ୱଂସିନୀ ରସ, ରୁମା କେୟାର ଗୋଲଡ୍ ବଟୀ ଉପଯୋଗୀ ।

* ବୃହତ୍ ବାତ ଗଜାଙ୍କୁଶ ରସ ଗୋଟିଏ ସକାଳ ସନ୍ଧ୍ୟା ମହୁ ସହିତ ସେବନ କରିବା ଉଚିତ ।

* ପ୍ରବାଳ ପାଗୁଳ ରସ ଗୋଟେ ସକାଳ ସନ୍ଧ୍ୟା ମହୁ ସହିତ ସେବନ କରିବା ଦ୍ୱାରା ଅସ୍ଥିର ଦୁର୍ବଳତା ନଷ୍ଟ ହୋଇଥାଏ ।

* ମହା ରାସ୍ନାଦି କ୍ୱାଥ (ଗୁଗୁଳ ଯୁକ୍ତ), ରାସ୍ନାଦି ଗୁଗୁଳ ଗଣ୍ଠି ବାତରେ ତୁରନ୍ତ ବେଦନା ନାଶ କରିଥାଏ । ବାହ୍ୟ ଉପଯୋଗ ନିମନ୍ତେ ମହାନାରାୟଣ ତୈଳ, ସୈନ୍ଧବାଦି ତୈଳ, ରୁମାକେୟାର ତୈଳ ଓ ମହାମାଷ ତୈଳ ଉପଯୋଗୀ ।

*ଦିଶା ଆୟୁର୍ବେଦ ଓ ପଞ୍ଚକର୍ମ ହସ୍ପିଟାଲ*

*ଇଫ୍‌କୋ ଛକ, ପାରାଦ୍ୱୀପ*

ବଞ୍ଚିବ ସର୍ବଲୋକ ହିତେ
ଉଦ୍‌ବେଗ ନୋହି କଦାଚିତେ
ପଶୁଙ୍କ ପ୍ରାୟେ ରିପୁଭାବ
କେବେ ହେଁ କାହିଁ ନ କରିବ ।

ସ୍ତ୍ରୀ ଶୂଦ୍ର ଆଦି ଯେତେ ନରେ । ଯେ ଥାନ୍ତି ନିନ୍ଦିତ ଆଚାରେ ।।

ସଂସ୍କୃତେନ ବଦତୁ

# ସଂସ୍କୃତମ୍

✸ ଶ୍ରୀ ଶ୍ରୀନିବାସ ପ୍ରଧାନ

ଏଷଃ କଃ ? ଏଷଃ ଛାତ୍ରଃ । ଛାତ୍ରଃ କିଂ କରୋତି ?

ଛାତ୍ରଃ ଏକେନ ମାର୍ଜକେନ ମାର୍ଜୟତି । ଛାତ୍ରଃ ଏକୟା ଦ୍ୱିଚକ୍ରିକୟା ବିଦ୍ୟାଳୟଂ ଗଚ୍ଛତି ।

ଛାତ୍ରଃ ଏକେନ ଯାନେନ ନଗରଂ ଯାତି । ବାଳିକା ଦ୍ୱାଭ୍ୟାଂ ପଦାଭ୍ୟାଂ ପଙ୍ଗୁଃ ।

ତ୍ରିଭିଃ ଛାତ୍ରୈଃ ସହ ଶିକ୍ଷକଃ ଭ୍ରମତି । ପୂଜକଃ ଦ୍ୱାଭ୍ୟାଂ ପୁଷ୍ପାଭ୍ୟା ଦେବମ୍ ଅର୍ଚ୍ଚୟତି ।

ତ୍ରିସୃଭିଃ ବାଳିକାଭିଃ ସହ ଆଚାର୍ଯ୍ୟା ନୃତ୍ୟତି । ଛାତ୍ରା ଦ୍ୱାଭ୍ୟାମ୍ ଅଙ୍କନୀଭ୍ୟାମ୍ ଚିତ୍ରମ୍ ଅଙ୍କତି ।

ତ୍ରିଭିଃ ଫଳୈଃ ବ୍ରାହ୍ମଣଃ ନୈବେଦ୍ୟମ୍ ଅର୍ପୟତି । ଚ ତସୃଭ୍ୟଃ ନାରୀଭ୍ୟଃ ବସ୍ତ୍ରାଣି କ୍ରିଣାତି ।

ଚତୁର୍ଭ୍ୟଃ ବାଳକେଭ୍ୟଃ କ୍ରୀଡ଼ନକମ୍ଆନୟା ଚତୁର୍ଭ୍ୟଃ ନଗରେଭ୍ୟଃ ରେଳପଥମ୍ ଅସ୍ତି ।

ପଞ୍ଚଭ୍ୟଃ ଗ୍ରାମେଭ୍ୟଃ ଜନାଃ ଆଗଚ୍ଛନ୍ତି । ପଞ୍ଚଭ୍ୟଃ ନଗରୀଭ୍ୟଃ କରୋନା ସଂକ୍ରମତି ।

ପଞ୍ଚଭ୍ୟ ଯାନେଭ୍ୟଃ ଯାତ୍ରିଣଃ ଅବତରନ୍ତି ।

| | ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଳୀବଲିଙ୍ଗ |
|---|---|---|---|
| ୧ମା | ଏକଃ ବାଳକଃ । | ଏକା ବାଳିକା । | ଏକଂ ଫଳମ୍ । |
| ୨ୟ | ଏକଂ ଛାତ୍ରମ୍ । | ଏକାଂ ନାୟିକାମ୍ । | ଏକଂ ପୁଷ୍ପମ୍ । |
| ୩ୟା | ଏକେନ ନରେଶ । | ଏକୟା କଳିକୟା । | ଏକେନ ଯାନେନ । |
| ୪ର୍ଥୀ | ଏକସ୍ମୈ ଛାତ୍ରାୟ । | ଏକସ୍ୟୈ ନବ୍ୟୈ । | ଏକସ୍ମୈ ନଗରାୟ । |
| ୫ମୀ | ଏକସ୍ମାତ୍ ଶିକ୍ଷକାତ୍ । | ଏକସ୍ୟାଃ ନାର୍ଯ୍ୟାଃ । | ଏକସ୍ମାତ୍ ଚିତ୍ରାତ୍ । |
| ଷଷ୍ଠୀ | ଏକସ୍ୟ ନାୟକସ୍ୟ । | ଏକସ୍ୟାଃ ଲତାୟାଃ । | ଏକସ୍ୟ ପତ୍ରସ୍ୟ । |
| ସପ୍ତମୀ | ଏକସ୍ମିନ୍ ଗ୍ରାମେ । | ଏକସ୍ୟାଂ ନଗର୍ଯ୍ୟାମ୍ । | ଏକସ୍ମିନ୍ ନେତ୍ରେ । |
| | | | |
| ୧ମା | ଦ୍ୱୌ ସିଂହୌ । | ଦ୍ୱେ ବାଳିକେ । | ଦ୍ୱେ ଫଳେ । |
| ୨ୟା | ଦ୍ୱୌ ମୃଗୌ । | ଦ୍ୱେ ଲତେ । | ଦ୍ୱେ ପୁଷ୍ପେ । |
| ୩ୟା | ଦ୍ୱାଭ୍ୟାଂ ବ୍ୟାଘ୍ରାଭ୍ୟାମ୍ । | ଦ୍ୱାଭ୍ୟାଂ ନଗରୀଭ୍ୟାମ୍ । | ଦ୍ୱାଭ୍ୟାଂ ନେତ୍ରାଭ୍ୟାମ୍ । |
| ୪ର୍ଥୀ | ଦ୍ୱାଭ୍ୟାଂ ମୂଷିକାଭ୍ୟାମ୍ । | ଦ୍ୱାଭ୍ୟାଂ ନୌକାଭ୍ୟାମ୍ । | ଦ୍ୱାଭ୍ୟାଂ କର୍ଣ୍ଣାଭ୍ୟାମ୍ । |
| ୫ମୀ | ଦ୍ୱାଭ୍ୟାଂ ଗଜାଭ୍ୟାମ୍ । | ଦ୍ୱାଭ୍ୟାଂ ମାତୃଭ୍ୟାମ୍ । | ଦ୍ୱାଭ୍ୟାଂ ନାରିକେଳାଭ୍ୟାମ୍ । |
| ଷଷ୍ଠୀ | ଦ୍ୱୟୋଃ ମର୍କଟୟୋଃ । | ଦ୍ୱୟୋଃ ନବ୍ୟୋଃ । | ଦ୍ୱୟୋଃ ମୂଳୟୋଃ । |
| ସପ୍ତମୀ | ଦ୍ୱୟୋଃ କପୋତୟୋଃ । | ଦ୍ୱୟୋଃ ସ୍ତ୍ରୀୟୋଃ । | ଦ୍ୱୟୋଃ କ୍ଷେତ୍ରୟୋଃ । |

କ୍ଷେତ୍ର ସଂସ୍କୃତ ପ୍ରମୁଖ
ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର

ସେ ଯେବେ ସାଧୁଙ୍କୁ ଦେଖନ୍ତି । କଳୁଷ ପଙ୍କୁ ନିସ୍ତରନ୍ତି ।।

**ଯୋଗ ବିଜ୍ଞାନ**

# ଅନୁଲୋମ - ବିଲୋମ

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

ସମଗ୍ର ବିଶ୍ୱ ବର୍ତ୍ତମାନ କରୋନା ଭାଇରସ୍ ଦ୍ୱାରା କବଳିତ, ବିଶ୍ୱବାସୀ ଭୟରେ ଆର୍ତ୍ତ ଚିତ୍କାର କରୁଛନ୍ତି । ଭାରତରେ କେବଳ କୋକୁଆ ଭୟ ନୁହେଁ ସମଗ୍ର ବିଶ୍ୱ କରୋନା କବଳରୁ ମୁକ୍ତି ପାଇବା ପାଇଁ ତ୍ରାହି ତ୍ରାହି ଡାକୁଛି । WHO ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋଟ୍ ଅନୁସାରେ ୨୧୨ ଦେଶ ବର୍ତ୍ତମାନ କରୋନା କବଳରେ କବଳିତ ହୋଇ ସାରିଲେଣି । ପ୍ରାୟତଃ ଅନେକ ଲୋକଙ୍କର ମୃତ୍ୟୁ ହୋଇ ସାରିଲାଣି । ବର୍ତ୍ତମାନ WHO ର ସର୍ଭେ ରିର୍ପୋଟ ଅନୁସାରେ ଭାରତ ପୂର୍ବ ପ୍ରସ୍ତୁତି ତଥା କରୋନାକୁ ସାମନା କରିବାରେ ସବୁଠାରୁ ଆଗରେ ଅଛି । ଅର୍ଥାତ୍ ଭାରତୀୟମାନଙ୍କର ଦିନଚର୍ଯ୍ୟା ଜୀବନଚର୍ଯ୍ୟା ଏବଂ ଜାଗରୁକତା ହିଁ କରୋନାକୁ ଦୂରେଇ ଦେଇ ପାରିବ । ତତ୍‌ସହିତ ମଣିଷ ସମାଜ ଯୋଗ ଓ ପ୍ରାଣାୟାମ ଦ୍ୱାରା ନିଜର ଫୁସ୍‌ଫୁସ୍‌କୁ ସବଳ କରିପାରିଲେ କରୋନା ଠାରୁ ମୁକ୍ତି ପାଇ ପାରିବ । ଏଥିପାଇଁ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାକୁ ପଡ଼ିବ । ଖାଦ୍ୟ, ପାନୀୟ ତଥା ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବାକୁ ପଡ଼ିବ । ସତର୍କ ରହିବାକୁ ପଡ଼ିବ । ତତ୍ ସହିତ ଯୋଗାଭ୍ୟାସ କରିବାକୁ ପଡ଼ିବ ।

**ଅନୁଲୋମ ବିଲୋମ ପ୍ରାଣାୟାମ ବିଧି -:**

୧) ପ୍ରଥମେ ପଦ୍ମାସନ ସ୍ଥିତିକୁ ଆସିବା ।

୨) ପଦ୍ମାସନରେ ବସିବା ପରେ ଡାହାଣ ହାତର ବୃଦ୍ଧା ଆଙ୍ଗୁଳି ଦ୍ୱାରା ଡାହାଣ ନାକ ପୁଡ଼ାକୁ ବନ୍ଦ କରିବା ।

୩) ବାମ ନାକ ପୁଡ଼ା ଦ୍ୱାରା ଶ୍ୱାସ ନେବା (ପର୍ଯ୍ୟାପ୍ତ ପରିମାଣରେ ଶ୍ୱାସ ନେବା) ।

୪) ବାମ ନାକପୁଡ଼ା ଡାହାଣ ହାତର ଅନାମିକା ଆଙ୍ଗୁଠି ଦ୍ୱାରା ବନ୍ଦ କରି ଡାହାଣ ନାକ ପୁଡ଼ାରେ ଶ୍ୱାସ ଛାଡ଼ିବା । ତତ୍ ସହିତ ପୁଣି ଡାହାଣ ନାକ ପୁଡ଼ାରେ ଶ୍ୱାସ ନେବା ।

୫) ଡାହାଣ ନାକ ପୁଡ଼ାକୁ ବୃଦ୍ଧା ଆଙ୍ଗୁଳି ଦ୍ୱାରା ବନ୍ଦ କରି ବାମ ନାକପୁଡ଼ାରେ ଶ୍ୱାସ ନେବା । ଏହାକୁ ଏକ ଚକ୍ର କୁହାଯାଏ । ଏହିପରି ଭାବରେ ୧୦ ରୁ ୧୫ ମିନିଟ୍ ଯାଏ ନିରନ୍ତର ଶ୍ୱାସକ୍ରିୟା ଅର୍ଥାତ୍ ଅନୁଲୋମ ବିଲୋମ ପ୍ରାଣାୟାମ କରିବା ।

**ଲାଭ :**

୧) ଶୁଦ୍ଧ ବାୟୁ ପର୍ଯ୍ୟାପ୍ତ ପରିମାଣରେ ଫୁସ୍‌ଫୁସ୍‌କୁ ଯାଇଥାଏ ।

୨) ଶରୀର ମଧ୍ୟରେ ଥିବା ପ୍ରାୟ ୭୨କୋଟି ୭୨ ଲକ୍ଷ ୧୦ ହଜାର ୨୧୦ଟି ନାଡ଼ିର ଶୁଦ୍ଧୀକରଣ ହୋଇଥାଏ ।

୩) ଫୁସ୍‌ଫୁସ୍ ମଧ୍ୟରେ ଥିବା ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଛୋଟ ଛୋଟ କୋଠରି ଗୁଡ଼ିକରେ ବାୟୁ ପ୍ରବେଶ କରେ ତା'ର ସଂକୋଚନ ଓ ପ୍ରସାରଣ କ୍ରିୟା ହୋଇଥାଏ ।

୪) ସାଧାରଣ ଶ୍ୱାସକ୍ରିୟାରେ ୩୦ ହଜାର ପର୍ଯ୍ୟନ୍ତ କୋଠରିରେ ବାୟୁ ପ୍ରବେଶ କରିଥାଏ । ଏହି ପ୍ରାଣାୟାମଦ୍ୱାରା ଲକ୍ଷାଧିକ କୋଠରି ଖୋଲିଥାଏ ।

୫) ଏହା ଭିତରେ ଥିବା ସମସ୍ତ ବିଜାତୀୟ ତତ୍ତ୍ୱ ବାହାରକୁ ବାହାରି ଆସିଥାଏ । ଫୁସ୍‌ଫୁସ୍‌ର ସମ୍ପୂର୍ଣ୍ଣ ଶୁଦ୍ଧୀକରଣ ହୋଇଥାଏ ।

୬) ଶରୀର ଶକ୍ତିମୟ ଓ ବଳିଷ୍ଠ ହୋଇଥାଏ ।

୭) ହୃଦୟ ଶିରା ମଧ୍ୟରେ ଆସୁଥିବା ଅବରୋଧ ଗୁଡ଼ିକ ମଧ ଖୋଲି ଯାଇଥାଏ ।

୮) ସମସ୍ତ ପ୍ରକାର ସ୍ନାୟୁ ଦୁର୍ବଳତା ମଧ ଦୂର ହୋଇଥାଏ ।

୯) ସର୍ଦ୍ଦିରୋଗ, ଥଣ୍ଡାରୋଗ, ସାଇନସ୍, ଶ୍ୱାସ ବା କାଶ ରୋଗ, ଟନସିଲ୍ ତଥା ସମସ୍ତ କଫ ରୋଗରୁ ମୁକ୍ତି ମିଳିଥାଏ ।

୧୦) ବିଶେଷ କରି କରୋନା ପରି ଭାଇରସ୍ ଜନିତ ମହାମାରୀରୁ ମୁକ୍ତି ମିଳିଥାଏ ।

ଏଣୁ ଆସନ୍ତୁ ନିଜେ ଅନୁଲୋମ ବିଲୋମ ପ୍ରାଣାୟାମ କରି ସୁସ୍ଥ ରହିବା ତତ୍ ସହିତ ନିଜର ପରିବାର, ସମାଜ ତଥା ରାଷ୍ଟ୍ରକୁ କରୋନା ମୁକ୍ତ କରିବା ଏବଂ ସମଗ୍ର ବିଶ୍ୱ ପାଇଁ ଉଦାହରଣ ହେବା । ଯୋଗ କରିବା ନୀରୋଗ ହେବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

## ଆମ ପ୍ରଶ୍ନ ତୁମ ଉତ୍ତର

୧. କଟକ ସହରର ପ୍ରତିଷ୍ଠାତା କିଏ ଥିଲେ ?

୨. ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ଶାସକ କିଏ ଥିଲେ ?

୩. ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ କିଏ ଶେଷ କରିଥିଲେ ?

୪. କେବେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ରୂପେ ମାନ୍ୟତା ପାଇଥିଲା ?

୫. କେଉଁ ବର୍ଷ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ପ୍ରତିଷ୍ଠିତ ହୋଇଥିଲା ?

୬. କେଉଁ ଋଷି ମା'ଙ୍କ ଗର୍ଭରୁ ବେଦପାଠ କରିଥିଲେ ?

୭. ବିଷ୍ଣୁଙ୍କ ଗଦାର ନାମ କ'ଣ ?

୮. ଭାରତର ପ୍ରଥମ ବାରିଷ୍ଟର କିଏ ?

୯. ଗାୟତ୍ରୀମନ୍ତ୍ର କିଏ ରଚନା କରିଥିଲେ ?

୧୦. ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କନିଷ୍ଠ ଭ୍ରାତା ଶତ୍ରୁଘ୍ନଙ୍କ ପତ୍ନୀଙ୍କ ନାମ କ'ଣ ଥିଲା ?

## ପୂର୍ବ ସଂଖ୍ୟାର ଉତ୍ତର

୧. ରାମକୃଷ୍ଣ ନନ୍ଦ

୨. ୧୫୫୭୦୭ ବର୍ଗ କି.ମି.

୩. ଶ୍ରୀଯୁକ୍ତ ରାଜନାଥ ସିଂହ

୪. ରେଭେନ୍ସା କଲେଜ (୧୮୭୮)

୫. ୨୨ ହଜାର ଥର

୬. ଶାଗୁଣା

୭. ଶୁକ୍ରାଚାର୍ଯ୍ୟ

୮. ଶଶାଙ୍କ

୯. ଚିଙ୍ଗୁଡ଼ି

୧୦. ଜୀ. ଶଙ୍କର କୁରୁପ୍

ଏହି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପଠାଇଥିବା ପ୍ରଥମ ୧୦ଜଣ ଶିଶୁ ଭାଇଭଉଣୀଙ୍କର ନାମ ଶିକ୍ଷା ସୃଜନୀରେ ପ୍ରକାଶ ପାଇବ ।

### -: ଆମ ଠିକଣା :-

ସଂଯୋଜକ ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଦୂରଭାଷ- ୮୮୯୫୪୬୧୩୭୮/୯୯୩୭୦୨୪୦୦୨ E-mail :- shikshasrujanee@gmail.com

ସେ ଧନେ ପୋଷେ ନିଜ ଦେହୀ । ମୃତ୍ୟୁ ଭାବନା ନ କରଇ ।।

# ସମ୍ବାଦ ଚୁମ୍ବକେ ଚୁମ୍ବକେ

କରୋନା ସାରା ବିଶ୍ୱ ପାଇଁ ଏକ ଭୟଙ୍କରୀ ମହାମାରୀ ମୃତ୍ୟୁର ବିଭୀଷିକା ରଚି ଜନ ମାନସରେ ଆତଙ୍କ ସୃଷ୍ଟି କରିଛି । କରୋନା ମହାମାରୀ ନିମିତ୍ତ କୌଣସି ନିଦାନ ନ ଥିବା ବେଳେ ସାମାଜିକ ଦୂରତ୍ୱ ଏକମାତ୍ର ନିରାକରଣ ପନ୍ଥା । ଏଥିଲାଗି କେନ୍ଦ୍ର ଓ ରାଜ୍ୟ ସରକାର ମାର୍ଚ୍ଚ ୨୨ ତାରିଖ ଠାରୁ ସମଗ୍ର ଦେଶରେ ଲକ୍ ଡାଉନ୍ ଘୋଷଣା କରି 'ଘରେ ରୁହନ୍ତୁ ସୁସ୍ଥ ଓ ସୁରକ୍ଷିତ ରୁହନ୍ତୁ' ଆହ୍ୱାନ ଦେଇଛନ୍ତି । ସ୍କୁଲ କଲେଜ, ଶିଳ୍ପ କାରଖାନା, ବଜାର ଘାଟ, ଚାଷ ବାସ, ଯାନବାହନ ସବୁ ବନ୍ଦ । ଏହି ବନ୍ଦ ମଧ୍ୟରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନାରେ ପରିଚାଳିତ ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଧ୍ୟୟନରତ ଶିଶୁ ପ୍ରାରମ୍ଭ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ online ଶିକ୍ଷାଦାନ ସେବା ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ତରଫରୁ ଯୋଗାଇ ଦିଆଯାଉଛି । ସେହିପରି ଲକ୍‌ଡାଉନ୍ ଅବଧି ମଧ୍ୟରେ ଦୁଃସ୍ଥ ଅବହେଳିତ ଜନସାଧାରଣଙ୍କୁ ଶିଶୁ ମନ୍ଦିର ଦ୍ୱାରା ଆଚାର୍ଯ୍ୟଆଚାର୍ଯ୍ୟା, ପୂର୍ବଛାତ୍ର, ପୂର୍ବ ଆଚାର୍ଯ୍ୟ, ମାତୃଭାରତୀ, ସଂସ୍କାରକେନ୍ଦ୍ର, ପରିଚାଳନା ସମିତି କାର୍ଯ୍ୟକର୍ତ୍ତାଙ୍କ ସହାୟତାରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ରାସନ ସାମଗ୍ରୀ, ମାସ୍କ, ସାବୁନ୍ ସାନିଟାଇଜର ଆଦି ବଣ୍ଟନ, ରକ୍ତଦାନ ଶିବିର, ବିଦ୍ୟାଳୟରେ କ୍ୱାରେନ୍‌ଟାଇନ ସେଣ୍ଟର ମାଧ୍ୟମରେ ସେବା ଯୋଗାଇ ଦିଆଯାଇଛି । ଗ୍ରାମ ଓ ନଗର ମାନଙ୍କରେ ଜନ ସଚେତନତା କାର୍ଯ୍ୟକ୍ରମ କରାଇ କରୋନାର ପ୍ରତିହତ ପାଇଁ ସଫଳ ପ୍ରୟାସ କରାଯାଇଛି ।

### ଶିକ୍ଷା ବିକାଶ ସମିତି ଓଡ଼ଶାଙ୍କ ଦ୍ୱାରା ସମଗ୍ର ଓଡ଼ିଶାର ସେବା କାର୍ଯ୍ୟର ଏକ ବିବରଣୀ :-

* ରାସନ ବଣ୍ଟନ - ୩୫୯୪
* ଲାଭାର୍ଥୀ ସଂଖ୍ୟା - ୮୪୩୩
* ଶୁଖିଲା ଖାଦ୍ୟ ବଣ୍ଟନ - ୨୭୦୭
* ରନ୍ଧା ଖାଦ୍ୟ ବଣ୍ଟନ - ୧୧୪୯୯
* ସାବୁନ ବଣ୍ଟନ - ୨୧୧୦
* ସାନିଟାଇଜର ବଣ୍ଟନ - ୩୯୭୦
* ମାସ୍କ ବଣ୍ଟନ - ୨୦୬୮୬
* ପଶୁ ପକ୍ଷୀଙ୍କୁ ଆହାର ବଣ୍ଟନ - ୧୫୫୫
* ରକ୍ତଦାନ ଶିବିର - ୫/ ୧୬୪ ୟୁନିଟ୍
* କ୍ୱାରେନ୍ ଟାଇନ୍ ସେଣ୍ଟର - ୬୩
* ଗ୍ରାମରେ ହୋଇଥିବା ସଚେତନତା ଅଭିଯାନ - ୫୮୨
* ପ୍ରଧାନ ମନ୍ତ୍ରୀଙ୍କ କେୟାରସ୍ ଫଣ୍ଡକୁ ସହାୟତା - ୧୦,୬୯,୬୦୫/-
* ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା - ୩,୮୦,୬୩୮/-

### * ପୂର୍ବଛାତ୍ରଙ୍କ ଦ୍ୱାରା ସେବାକାର୍ଯ୍ୟ -

* ରାସନ ବଣ୍ଟନ - ୧୮୫
* ଲାଭାର୍ଥୀ ସଂଖ୍ୟା - ୪୯୩
* ରନ୍ଧା ଖାଦ୍ୟ ବଣ୍ଟନ - ୮୩୮୦
* ସାନିଟାଇଜର ବଣ୍ଟନ - ୧୦୦
* ମାସ୍କ ବଣ୍ଟନ - ୫୮୫
* ପଶୁ ପକ୍ଷୀଙ୍କୁ ଆହାର ବଣ୍ଟନ - ୧୦୦
* ଗ୍ରାମରେ ହୋଇଥିବା ସଚେତନତା ଅଭିଯାନ - ୮

### ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା online ଶିକ୍ଷଣ :-

ମୋଟ ବିଦ୍ୟାଳୟ ସଂଖ୍ୟା - ୯୯୦
online ଶିକ୍ଷାଦାନ କରିଥିବା ବିଦ୍ୟାଳୟ ସଂଖ୍ୟା - ୯୯୦
ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା - ୪୦୬୮୫୨
online ଦ୍ୱାରା ଶିକ୍ଷାଦାନ ପ୍ରାପ୍ତ ଛାତ୍ରଛାତ୍ରୀ ସଂଖ୍ୟା-୩,୨୩,୪୧୯
ସେବା ରହିତ ଛାତ୍ରଛାତ୍ରୀ ସଂଖ୍ୟା - ୮୩୪୩୩




କରୋନା ମହାମାରୀ ହେତୁ ତାଲାବନ୍ଦୀ ସମୟରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଶିଶୁ ବିଦ୍ୟାମନ୍ଦିରମାନଙ୍କ ଦ୍ୱାରା ବିଭିନ୍ନ ସେବାକାର୍ଯ୍ୟ ।

May - 2020 RNI - Reg. No : ODIODI/2012/51053



**ଶ୍ରୀ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ପାବନ ଜୟନ୍ତୀ ଅବସରରେ ଶତ ଶତ ନମନ ।**

**(ବୈଶାଖ ଶୁକ୍ଳ ଷଷ୍ଠୀ)**

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10, Chief Editor : Dr. Shyam Sundar Mishra